
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୩ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 23 August 2025
Vol.No. 36 ■ No.222 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଟାରିଫ୍ ପରେ ଏବେ ଭିସା: ଆମେରିକାରେ ପ୍ରବାସୀଙ୍କ ସଂଖ୍ୟା କମ୍ କରିବା ପାଇଁ ରାଷ୍ଟ୍ରପତି ଟ୍ରମ୍ପଙ୍କ ନୂଆ ନିୟମ




ନୂଆଦିଲ୍ଲୀ,୨୨/୮ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗୋଟିଏ ପରେ ଗୋଟିଏ ନିଷ୍ପତ୍ତି ସାରା ଦୁନିଆକୁ ହଲଚଲ କରୁଛି । ପ୍ରଥମେ ଟାରିଫ୍ ବିଭିନ୍ନ ରାଷ୍ଟ୍ରର ମୁଣ୍ଡବିନ୍ଧାର କାରଣ ପାଲଟିଥିବା ବେଳେ ଏବେ ପ୍ରବାସୀଙ୍କ ମୁଣ୍ଡରେ ଚଡ଼କ ପକାଇପାରେ ଭିସାକୁ ନେଇ ଟ୍ରମ୍ପ ପ୍ରଶାସନର ନୂଆ ଘୋଷଣା । ଆମେରିକାରେ ପ୍ରବାସୀଙ୍କ ସଂଖ୍ୟା କମ୍ କରିବାକୁ ଚାହୁଁଛି ଆମେରିକା। ଏନେଇ ଆହୁରି କଡ଼ାକଡ଼ି ହେବ ଭିସା ନିୟମ । ଅଧିକ ସମସ୍ୟାରେ ପଡ଼ିବେ ଏଚ୍- ୧ ବି ଭିସାଧାରୀ ଭାରତୀୟ । ଏମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଆଇଟି ବୃତ୍ତିଧାରୀ। ରୁଷରୁ ତେଲ ନକିଣିବା ପାଇଁ ଟ୍ରମ୍ପଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇବାକୁ ଭାରତ ସ୍ପଷ୍ଟ କରିବା ପରେ ଆମେରିକା ଏବେ ଭାରତୀୟଙ୍କ ଭିସାକୁ ଆଳ ସମସ୍ୟା ସୃଷ୍ଟି କରିବାକୁ ଚାହୁଁଛି। ନିକଟରେ ଆମେରିକା ବୈଦେଶିକ ମନ୍ତ୍ରାଳୟ ଏକ ଅଧିସୂଚନା ଜାରି କରିଛି । ଏଥିରେ କୁହାଯାଇଛି, ତେବେ ଯୋଗ୍ୟ ଭିସା ପାଇଁ ଇମିଗ୍ରେସନ ପଲିସିରେ କିଛି ନିୟମ ରଖାଯାଇଛି। ଭିସା ଅବଧିରେ ଗଡ଼ବଡ଼, କୌଣସି ପ୍ରକାର ଆପରାଧିକ ଗତିବିଧି, ସୁରକ୍ଷାରେ ତ୍ରୁଟି, ଆତଙ୍କୀ କାର୍ଯ୍ୟକଳାପ, ବିଦେଶନୀତି ବିରୋଧକୁ ପ୍ରମୁଖ ନିୟମ ରଖାଯାଇଛି । ଏସବୁରେ ତ୍ରୁଟି ଥିଲେ ଭିସା ରଦ୍ଦ ହେବ। ସେହିପରି ବଡ଼ବଡ଼ ଯାନ ପାଇଁ ଦୁର୍ଘଟଣା ସଂଖ୍ୟା ବଢ଼ିବାରୁ ବିଦେଶୀ ଟ୍ରକ୍ ଚାଳକଙ୍କୁ ଏଣିକି ଆମେରିକାରେ ଶ୍ରମିକ ଭିସା ମିଳିବନି । ଛାତ୍ରଛାତ୍ରୀଙ୍କୁ ଭିସା ପାଇଁ ନିଜ ସୋସିଆଲ ମିଡିଆ ତଥ୍ୟ ଦେବାକୁ ପଡ଼ିବ । ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ହେବା ପରେ ଡୋନାଲ୍ଡ ଟ୍ରମ୍ପ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ସେଥିମଧ୍ୟରୁ ଦେଶରେ ଅନୁପ୍ରବେଶକାରୀଙ୍କ ସହ ପ୍ରବାସୀଙ୍କ ଉପରେ କଡ଼ା କଟକଣା ଲଗାଯିବ ବୋଲି ସଙ୍କେତ ମିଳିଥିଲା । ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ପ୍ରବାସୀ ଭାରତୀୟଙ୍କ ପାଇଁ ବଡ଼ ସମସ୍ୟା ଆଣିପାରେ ।ଏଚ-ୱାନ ବି ଭିସାରେ ବଡ଼ ପରିବର୍ତ୍ତନ ଅଣାଗଲେ ଆଇଟି ପ୍ରଫେସନରେ କାମ କରୁଥିବା ହଜାର ହଜାର ଭାରତୀୟଙ୍କ ପାଇଁ ଆମେରିକାରେ ରହିବା ବା ସେଠାକୁ ଯିବା କାଠିକର ପାଠ ହୋଇପାରେ । ନିକଟରେ ବିଭିନ୍ନ ଦେଶରୁ ଯାଇ ଆମେରିକାରେ ରହୁଥିବା ଅନୁପ୍ରବେଶକାରୀଙ୍କୁ ବିଦା କରିଥିଲେ ଟ୍ରମ୍ପ । ଯେଉଁଥିରେ ବାଦ୍ ପଡ଼ିନଥିଲା ଭାରତ । ଭାରତୀୟଙ୍କ ହାତଗୋଡ଼ରେ ବେଡ଼ି ବନ୍ଧା ଘଟଣା ପାଇଁ ଉଭୟ ଦେଶ ମଧ୍ୟ ବିବାଦ ଦେଖାଯାଇଥିଲା । ଏବେ ଭିସାକୁ ନେଇ ନୂଆ ବିବାଦ ଦେଖାଦେବାକୁ ଯାଉଛି।

## ଆରମ୍ଭ ହେଲାଣି ଆକ୍ସନ: ଠକ ବାବୁଙ୍କ ଛାତିରେ ଛନକା




ଭୁବନେଶ୍ୱର, ୨୧/୮ (ନି.ପ୍ର): ଅଯୋଗ୍ୟ ଅଧିକାରୀଙ୍କୁ ଆଉ ନାହିଁ ନିସ୍ତାର। ମୁଖ୍ୟ ଶାସନ ସଚିବ ମାଗିଥିବା ତଥ୍ୟ ଆଧାରରେ କାମଚୋର ବାବୁ ଓ କର୍ମଚାରୀଙ୍କ ରିପୋର୍ଟ ବି ପ୍ରସ୍ତୁତ କଲେଣି ବିଭିନ୍ନ ବିଭାଗ। କାହା ବିରୋଧରେ କାହିଁକି ଗଡୁଛି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମାମଲା ? କେଉଁ ଅଧିକାରୀଙ୍କ ବିରୋଧରେ ରହିଛି ଯୌନ ଶୋଷଣ ଅଭିଯୋଗ ? ତା'ର ଖୋଳତାଡ଼ ଚାଲିଥିବାବେଳେ ଗ୍ରାଉଣ୍ଡରେ ବି ଆରମ୍ଭ ହେଲାଣି ଆକ୍ସନ। ମେଡିକାଲ ଲିଭ୍ କହି ବିଦେଶ ବୁଲୁଥିବା ବୌଦ୍ଧ ଜିଲ୍ଲାର ୪ ଅଧିକାରୀଙ୍କ ବିରୋଧରେ ଆକ୍ସନ ପରେ ଏବେ ଅନ୍ୟ ଠକ ବାବୁଙ୍କ ଛାତିରେ ପଶିଛି ଛନକା। ୬ ଅଧିକାରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରଧୀନ ଥିବା ବାଣିଜ୍ୟ ଓ ପରିବହନ ବିଭାଗର ଚିଠିରେ ଦର୍ଶାଯାଇଛି। ▶▶ପୃଷ୍ଠା ୭

## ବୁଲା କୁକୁରଙ୍କୁ ନେଇ 'ସୁପ୍ରିମ୍' ରାୟ: 'ବନ୍ଧ୍ୟାକରଣ ପରେ କୁକୁରଙ୍କୁ ଛାଡ଼'



ନୂଆଦିଲ୍ଲୀ,୨୨/୮ : ବୁଲା କୁକୁରଙ୍କୁ ନେଇ ସୁପ୍ରିମକୋର୍ଟଙ୍କ ରାୟ ପଶୁପ୍ରେମୀଙ୍କୁ ଆଶ୍ୱସ୍ତି ଆଣି ଦେଇଛି । ସୁପ୍ରିମକୋର୍ଟର ୩ ଜଣିଆ ଖଣ୍ଡପୀଠ ବୁଲା କୁକୁରଙ୍କ ସ୍ଥାନାନ୍ତରଣ ନିଷ୍ପତ୍ତିକୁ ନେଇ କଡା ଆଭିମୁଖ୍ୟ ଦେଖାଇଛନ୍ତି । ସର୍ତ୍ତ ସହ କଟକଣା ଲଗାଇ ସର୍ବୋଚ୍ଚ ଅଦାଲତ କହିଛନ୍ତି, ବନ୍ଧ୍ୟାକରଣ କର କିନ୍ତୁ ସ୍ଥାନାନ୍ତରଣ ନୁହେଁ । ବୁଲା କୁକୁରଙ୍କୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ରାୟ । ସ୍ଥାନାନ୍ତରଣ ନୁହେଁ, ବୁଲା କୁକୁରଙ୍କୁ ଜଳାତଙ୍କ ନିରୋଧୀ ଇଞ୍ଜେକ୍ସନ ଓ ବନ୍ଧ୍ୟାକରଣ ପରେ ପୂର୍ବ ସ୍ଥାନରେ ଛାଡ଼ିଦେବାକୁ ନିର୍ଦ୍ଦେଶ । ୧୧ ଅଗଷ୍ଟର ରାୟ ଉପରେ ରୋକ୍ ଲଗାଇ କିଛି ▶▶ପୃଷ୍ଠା ୭

## କୋଟି କୋଟି ଟଙ୍କାର ଚୂନ ଲଗାଇଲା 'ହ୍ୟୁଜ୍' ଆପ୍: ଘରେ ବସି ଟଙ୍କା ରୋଜଗାରର ସ୍ୱପ୍ନ ଦେଖାଇ ଠକେଇ

ଭୁବନେଶ୍ୱର, ୨୨/୮ (ନି.ପ୍ର): ଘରେ ବସି ସହଜରେ ଟଙ୍କା ରୋଜଗାରର ଲୋଭ ଦେଖାଇ ପୁଣି ଲୁଟିଲେ କୋଟି କୋଟି ଟଙ୍କା। ହ୍ୟୁଜ୍ ନାଁରେ ଏକ ମୋବାଇଲ ଆପ୍ ଜରିଆରେ କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ଓ ଜଗତସିଂହପୁର ଜିଲ୍ଲାର ବାଲିକୁଦା ଅଞ୍ଚଳରେ ଲୋକଙ୍କଠାରୁ ଏ ସଂସ୍ଥା କୋଟି କୋଟି ଟଙ୍କା ଚୂନ ଲଗାଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ଲୋଭନୀୟ ସ୍କିମରେ ଟଙ୍କା ନେବା ପରେ ୨ ଦିନ ତଳେ ଏ ଆପ୍ ଆଉ ଖୋଲୁନଥିବାରୁ ଏବେ ଥାନାକୁ ଯାଇ ଏତଲା ଦେଇଛନ୍ତି ନିବେଶକ। ତେଣେ ଠକେଇର ପରିମାଣର ୨୦ କୋଟିରୁ ଅଧିକ ହୋଇଥିବାରୁ ମାମଲା ଇଡିକୁ ହସ୍ତାନ୍ତର କରାଯିବ ବୋଲି କହିଛି ଜଗତସିଂହପୁର ପୋଲିସ। ପୁଣି ଲୋଭ, ପୁଣି ଶାସ୍ତି। ▶▶ପୃଷ୍ଠା ୭

## ରାଜ୍ୟର ବିଭିନ୍ନ ସ୍ଥାନରେ ଜାରି ରହିଛି ଲଘୁଚାପ ଜନିତ ବର୍ଷା

ଭୁବନେଶ୍ୱର, ୨୨/୮ (ନି.ପ୍ର): ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଜାରି ରହିଛି । ଆସନ୍ତା ୨୪ ଘଣ୍ଟାରେ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ପାଇଁ ସୁନ୍ଦରଗଡ଼ ଜିଲ୍ଲାରୁ ରେଡ ଆଲର୍ଟ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ସେହିପରି ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ ଏହି ୪ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ▶▶ପୃଷ୍ଠା ୭

## କଟକ ସିଟି ହସ୍ପିଟାଲର ସିନିୟର୍ ଆସିଷ୍ଟାଣ୍ଟଙ୍କ ଘରେ ଭିଜିଲାନ୍ସ ଚଢାଉ

ଭୁବନେଶ୍ୱର, ୨୨/୮ (ନି.ପ୍ର): କଟକ ସିଟି ହସ୍ପିଟାଲର ସିନିୟର୍ ଆସିଷ୍ଟାଣ୍ଟ କିଶୋର କୁମାର ସାହାଣୀଙ୍କ ଘରେ ଭିଜିଲାନ୍ସ ରେଡ୍ । କିଶୋର ସାହାଣୀଙ୍କ ନାଁରେ ୧ କୋଟି ୨୪ ଲକ୍ଷ ଟଙ୍କା ହେରଫେର ଅଭିଯୋଗ ହୋଇଛି। ସରକାରୀ ଅର୍ଥ ହେରଫେର ଅଭିଯୋଗରେ ୭ ଜଣିଆ ଟିମ୍ ଚଢାଉ କରିଛି । ଏହି ରେଡ୍‌ରେ ୯ଜଣ ଡିଏସପି, ୧୦ ଇନସପେକ୍ଟର, ୭ ଏଏସଆଇ ଓ ଅନ୍ୟ ଷ୍ଟାଫ ସାମିଲ ହୋଇଛନ୍ତି । ▶▶ପୃଷ୍ଠା ୭

## ନିୟମିତ ହେବେ ସ୍କିମାଟିକ ପ୍ରାଥମିକ ଶିକ୍ଷକ: ପ୍ରାଥମିକ ଶିକ୍ଷା ପାଇଁ ହେବ ଗୋଟିଏ ବୋର୍ଡ

ଭୁବନେଶ୍ୱର, ୨୧/୮ (ନି.ପ୍ର): ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ବଡ଼ଧରଣର ନବକଳେବର । ପ୍ରାଥମିକ ଶିକ୍ଷାକୁ ରାଜ୍ୟ ସରକାରଙ୍କ ବୁଷ୍ଟରଡୋଜ୍ । ନିୟମିତ ହେବେ ସ୍କିମାଟିକ ପ୍ରାଥମିକ ଶିକ୍ଷକ । ଆସନ୍ତା ୩ ବର୍ଷରେ ନିଯୁକ୍ତ ହେବେ ୪୫ ହଜାର ଶିକ୍ଷକ । ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ ପାଇଁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ରାଜ୍ୟରେ ବର୍ତ୍ତମାନ ୪୫ ହଜାର ୨୯୨ଟି ପ୍ରାଥମିକ ବିଦ୍ୟାଳୟରେ ୧ ଲକ୍ଷ ୬୦ ହଜାର ୩୧୯ଟି ଶିକ୍ଷକ ପଦବୀ ରହିଛି । ନୂତନ ଶିକ୍ଷାନୀତି ଅନୁଯାୟୀ ଆଉ ୩୯ ହଜାର ୩୬୬ ଟି ପଦବୀ ସୃଷ୍ଟି କରାଯିବ । ଆସନ୍ତା ଡିସେମ୍ବର ସୁଦ୍ଧା ୫ ହଜାର ୬୭ଟି ଶିକ୍ଷକ ପଦବୀ ମଧ୍ୟ ଖାଲି ହେବ । ଏହି ସମସ୍ତ ପଦବୀକୁ ମିଶାଇ ଆସନ୍ତା ୩ ବର୍ଷ ମଧ୍ୟରେ ୪୪ ହଜାର ୪୩୩ ଟି ପଦବୀ ପୂରଣ କରାଯିବ । ବର୍ଷକୁ ପ୍ରାୟ ୧୫ ହଜାର ପଦବୀ ପୂରଣ କରାଯିବ । ରାଜ୍ୟର ମାଧ୍ୟମିକ ଶିକ୍ଷା ପରିଷଦ ବିଏସଇ ଏବଂ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସିଏଚଏସଇକୁ ମିଶାଇ ଗୋଟିଏ ବୋର୍ଡ ଗଠନ କରାଯିବ। ସେହିଭଳି ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ। ହଷ୍ଟେଲରେ ରହୁଥିବା ପିଲାମାନଙ୍କ ▶▶ପୃଷ୍ଠା ୭

## ନବୀନ ନିବାସରେ ପ୍ରେମ ପଟ୍ଟନାୟକ

ଭୁବନେଶ୍ୱର, ୨୨/୮ (ନି.ପ୍ର): ନବୀନ ନିବାସରେ ପହଂଚିଛନ୍ତି ନବୀନଙ୍କ ବଡ଼ଭାଇ ପ୍ରେମ ପଟ୍ଟନାୟକ। ସାନ ଭାଇଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ପାଇଁ ସେ ଶୁକ୍ରବାର ଗୋଟାଏ ବେଳେ ନବୀନ ନିବାସରେ ପହଂଚିଛନ୍ତି। ମୁମ୍ବାଇରେ ନବୀନଙ୍କ ଚିକିତ୍ସା ବେଳେ ପ୍ରେମ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଏବେ ସେ ଭୁବନେଶ୍ୱର ର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହୋଇ ଫେରିବାପରେ ଆଜି ପ୍ରେମ ପଟ୍ଟନାୟକ ନବୀନଙ୍କୁ ଭେଟିବା ପାଇଁ ଭୁବନେଶ୍ୱରରେ ପହଂଚିଛନ୍ତି।

## ରାତିସାରା ସ୍କୁଲ ଝରକା ରେଲିଂରେ କୁନିଝିଅ: ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିଲମ୍ବିତ




କେନ୍ଦୁଝର, ୨୧/୮ (ନି.ପ୍ର): କେନ୍ଦୁଝର ଜିଲ୍ଲା ଅଞ୍ଜାର ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ଶ୍ରେଣୀ ଗୃହ ଝରକା ରେଲିଂରେ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ଫସି ରହିବା ଘଟଣାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରହରି ମହାନ୍ତଙ୍କୁ ନିଲମ୍ବନ କରାଯାଇଛି। କେନ୍ଦୁଝର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଂଶପାଳ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ତାଙ୍କୁ ନିଲମ୍ବନ କରିଛନ୍ତି। ଏହା ସହିତ ତାଙ୍କୁ ବାଂଶପାଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରେଣୀ ଗୃହରେ ରେଲିଂରେ ଫସି ରହିଥିବା ଛାତ୍ରୀଙ୍କ ନାଁ ଜ୍ୟୋତ୍ସ୍ନା ଦେହୁରୀ। ସବୁଦିନ ପରି ଗତକାଲି ମଧ୍ୟ ଅପରାହ୍ନ ୪ଟାରେ ସ୍କୁଲ ଛୁଟି ହୋଇଥିଲା। ସବୁ ପିଲା ଘରକୁ ଫେରିଥିଲେ। ହେଲେ ଜ୍ୟୋତ୍ସ୍ନା ଶ୍ରେଣୀ ଗୃହରେ ରହିଯାଇଥିଲେ। ସେ ଶୋଇପଡ଼ିଥିଲେ। ତେଣୁ ଯାଇ ପାରି ନଥିଲେ। ପୁଣି ସ୍କୁଲର କୌଣସି କର୍ମଚାରୀ ବଦଳରେ ଦୁଇ ଜଣ ପିଲା ତାଲା ପକାଇଥିବାରୁ ସେ ଝିଅଟିକୁ ଦେଖି ପାରି ନଥିଲେ ବୋଲି ଜଣାପଡ଼ିଛି। ଝିଅଟିର ବାପାମା' ରାତି ପ୍ରାୟ ୯ଟା ବେଳେ କାମରୁ ଫେରି ▶▶ପୃଷ୍ଠା ୭

## 'ଏସଆଇଆର'ରେ ଆଧାର କାର୍ଡକୁ ସୁପ୍ରିମ ଅନୁମତି: ରାଜନୀତିକ ଦଳଗୁଡ଼ିକୁ କଡ଼ା ସମାଲୋଚନା




ନୂଆଦିଲ୍ଲୀ,୨୨/୮ : ବିହାରରେ ଚାଲିଥିବା ସ୍ୱେଶାଲ ଇଣ୍ଟେନସିଭ ରିଭିଜନ(ଏସଆଇଆର) ପ୍ରସଙ୍ଗରେ ବଡ଼ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଭୋଟର ତାଲିକାରୁ ବାଦ ପଡ଼ିଥିବା ଲୋକମାନେ ଆଧାର କାର୍ଡକୁ ସ୍ଥାନୀୟ ବାସିନ୍ଦାର ପ୍ରମାଣ ଭାବେ ଉପସ୍ଥାପନ କରିପାରିବେ। ଆଧାର କାର୍ଡ ଜରିଆରେ ସେମାନେ ଭୋଟର ତାଲିକାରେ ନିଜ ନାଁକୁ ଯୋଡ଼ିବାକୁ ଆବେଦନ କରିପାରିବେ ବୋଲି ଆଜି ସୁପ୍ରିମକୋର୍ଟ କହିଛନ୍ତି। ଏସଆଇଆର ବେଳେ ନିର୍ବାଚନ କମିଶନ ସ୍ଥାନୀୟ ଭୋଟରର ପ୍ରମାଣ ଦେବାକୁ ମାଗୁଥିବା ୧୧ଟି ଦସ୍ତାବିଜ ମଧ୍ୟରେ ଆଧାର କାର୍ଡ ନଥିଲା। ଏହା ସ୍ଥାନୀୟ ବାସିନ୍ଦା ହେବାର ପ୍ରମାଣପତ୍ର ବୋଲି ନିର୍ବାଚନ କମିଶନ ଯୁକ୍ତି ରଖିଥିଲେ। ହେଲେ ଏହାକୁ ସୁପ୍ରିମକୋର୍ଟ ଗ୍ରହଣ କରି ନାହାନ୍ତି। ୧୧ ଟିକିଆ ସରକାରୀ କାଗଜପତ୍ର ତାଲିକାରେ ଆଧାର କାର୍ଡକୁ ସାମିଲ କରିବାକୁ ଆଜି ନିର୍ବାଚନ କମିଶନଙ୍କୁ କହିଛନ୍ତି ସର୍ବୋଚ୍ଚ ଅଦାଲତ। ଏସଆଇଆର ପରେ ପ୍ରସ୍ତୁତ ଡ୍ରାଫ୍ଟ ତାଲିକାରୁ ୬୫ ଲକ୍ଷ ଲୋକ ବାଦ ପଡ଼ିଥିଲେ। ଏହାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇବା ସହ ମାମଲା କୋର୍ଟରେ ପହଞ୍ଚିଥିଲା। ଆଧାର କାର୍ଡକୁ ସ୍ଥାନୀୟ ବାସିନ୍ଦାର ପ୍ରମାଣପତ୍ର ଭାବେ ବିବେଚନା କରିବାକୁ ବିରୋଧୀ ଦାବି କରିଥିଲେ। ଏହାକୁ ବେଖାତିର କରୁଥିଲେ ନିର୍ବାଚନ କମିଶନ। ହେଲେ ଆଜି ସୁପ୍ରିମକୋର୍ଟ ଆଧାରକୁ ସ୍ଥାନୀୟ ପ୍ରମାଣପତ୍ର ଭାବେ ଗ୍ରହଣ କରିବାକୁ କହିଛନ୍ତି। ୬୫ ଲକ୍ଷ ଲୋକଙ୍କ ▶▶ପୃଷ୍ଠା ୭

## ଯୁଦ୍ଧ ରୋକିବା ପାଇଁ ୟୁକ୍ରେନ ସାମ୍ନାରେ ଋଷର ୩ ସର୍ତ୍ତ



ନୂଆଦିଲ୍ଲୀ,୨୨/୮ : ୟୁକ୍ରେନ ସହ ଯୁଦ୍ଧବିରତି ପାଇଁ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ତିନି ସର୍ତ୍ତ ରଖିଛନ୍ତି । ୟୁକ୍ରେନକୁ ପୂର୍ବ ଡନବାସ ଅଞ୍ଚଳର ସମସ୍ତ ଭାଗ ଛାଡ଼ିଦେବାକୁ କହିଛନ୍ତି ପୁଟିନ । ଏଥିସହ ନାଟୋରେ ଯୋଗଦେବାର ଆକାଂକ୍ଷାକୁ ତ୍ୟାଗ କରିବା ସର୍ତ୍ତ ରଖିଛନ୍ତି । ନିରପେକ୍ଷ ରହିବା ସହ ପଶ୍ଚିମ ଦେଶମାନଙ୍କର ସୈନ୍ୟଙ୍କୁ ନିଜ ଦେଶରୁ ଦୂରରେ ରଖିବାକୁ ସର୍ତ୍ତ ରଖିଛନ୍ତି । କ୍ରେମଲିନର ଉଚ୍ଚସ୍ତରୀୟ ତିନି ଅଧିକାରୀ ଏସମ୍ପର୍କରେ ସୂଚନା ଦେଇଥିବା ନେଇ ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥା ରୟଟର୍ସ ରିପୋର୍ଟ କରିଛି । ଚାରି ବର୍ଷ ପରେ ଗତ ଶୁକ୍ରବାର ରୁଷ ରାଷ୍ଟ୍ରପତି ଆଲାସ୍କାରେ ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିଥିଲେ । ଯୁଦ୍ଧବିରତି ନେଇ ସେମାନେ ପ୍ରାୟ ତିନି ଘଣ୍ଟାର ବନ୍ଦ ବୈଠକରେ ନେଇ ଆଲୋଚନା କରିଥିଲେ । ଟ୍ରମ୍ପଙ୍କ ସହ କଥାବାର୍ତ୍ତା ପରେ ପୁଟିନ କହିଥିଲେ ଯେ ଏହି ବୈଠକ ୟୁକ୍ରେନରେ ଶାନ୍ତିର ପଥ ଖୋଲିବ ବୋଲି ଆଶା କରାଯାଉଛି । କିନ୍ତୁ ଉଭୟ ନେତା ସେମାନେ କ'ଣ ଆଲୋଚନା କରିଥିଲେ ତାହାର ବିସ୍ତୃତ ବିବରଣୀ ଦେଇନଥିଲେ। ଏବେ ଏନେଇ ରିପୋର୍ଟ ସାମ୍ନାକୁ ଆସିଛି। ଯୁଦ୍ଧ ବିରତି ପାଇଁ ପୁଟିନ ତିନିଟି ସର୍ତ୍ତ ରଖିଥିବା କୁହାଯାଉଛି ।

# ୩୦ ତମ ସମ୍ବିଧାନ ସଂଶୋଧନ ବିଲ୍ ଉପରେ କଂଗ୍ରେସର ଆଲୋଚନା ସଭା

ଭୁବନେଶ୍ୱର, ୨୨/୦୮ (ନି.ପ୍ର): ଜର୍ମାନୀ ପରି ଭାରତୀୟ ଗଣତନ୍ତ୍ରରେ ମଧ ସମାନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା କରି ସହମତିଭିତ୍ତିକ ସରକାର ଆଡ଼କୁ ଗତି କରିବା ବଦଳରେ ଓଲଟା କେନ୍ଦ୍ର ସରକାର ହାତରେ ସମସ୍ତ କ୍ଷମତା ଠୁଳକରି ଭାରତକୁ ଏକ ନବ୍ୟ ଫାସିବାଦୀ ରାଷ୍ଟ୍ରରେ ପରିଣତ କରିବା ଚେଷ୍ଟା ଚାଲିଛି। ଭୋଟଦାନ ପ୍ରକ୍ରିୟାରେ ସଂଶୋଧନ ଆଣି ବ୍ୟବସ୍ଥାକୁ ସଂସ୍କାରିତ କରିବା ପରିବର୍ତ୍ତେ ରାଜ୍ୟଗୁଡ଼ିକୁ ଦୁର୍ବଳ କରି ସଂଘୀୟ ବ୍ୟବସ୍ଥାକୁ ନଷ୍ଟ କରିବାକୁ ଚେଷ୍ଟା ଚାଲିଛି ବୋଲି ବିଶିଷ୍ଟ ସମାଜ ବିଜ୍ଞାନୀ ପ୍ରାଧ୍ୟାପକ ବିଜୟ ବହିଦାର ମତବ୍ୟକ୍ତ କରିଛନ୍ତି।

ଗତ ବୁଧବାର ସଂସଦରେ ସମ୍ବିଧାନର ୧୩୦ତମ ସଂଶୋଧନ ବିଲ୍ ଆଗତ ପରିପ୍ରେକ୍ଷୀରେ ଗୁରୁବାର କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ 'ସଂସଦୀୟ ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥା ଉପରେ ପଦାଘାତ' ଶୀର୍ଷକ ଆଲୋଚନା ସଭାରେ ବିଶିଷ୍ଟ ଆଲୋଚକ ଭାବେ ଯୋଗଦେଇ ଶ୍ରୀ ବହିଦାର କହିଲେ, ଏବେ ରାଜ୍ୟ ମାନଙ୍କର ସ୍ୱାୟତତା ନାହିଁ। ତଥାକଥିତ ଡବଲ ଇଞ୍ଜିନ ସରକାରରେ ରାଜ୍ୟ ଗୁଡିକର ସ୍ଥିତି ଆହୁରି ଖରାପ । ଏଥିରେ ପୁଣି କେନ୍ଦ୍ରୀୟ କାର୍ଯ୍ୟପାଳିକା କ୍ଷମତା ଆହୁରି ବୃଦ୍ଧି କରିବା ପାଇଁ ଏହି ସମ୍ବିଧାନ ସଂଶୋଧନ ଅଭିପ୍ରେତ। ଭାରତୀୟ ସମ୍ବିଧାନ କାର୍ଯ୍ୟପାଳିକାକୁ ବ୍ୟବସ୍ଥାପିକା ନିକଟରେ ଉତ୍ତରଦାୟୀ କରିଥିବା ବେଳେ ଏହି ସମ୍ବିଧାନ ସଂଶୋଧନ ବିଲ ଆଇନରେ ପରିଣତ ହେଲେ ନ୍ୟାୟପାଳିକାକୁ ଆଡେଇ କାର୍ଯ୍ୟପାଳିକା ସର୍ବେସର୍ବା ହୋଇଯିବ । ପୁଲିସ, ଇଡି, ସିବିଆଇକୁ ହାତ କରି କେନ୍ଦ୍ରୀୟ କାର୍ଯ୍ୟପାଳିକା ଯାହାକୁ ଚାହିଁବ ଦୋଷୀ ସାବ୍ୟସ୍ତ ହେବା ପୂର୍ବରୁ ୩୦ ଦିନ ଜେଲରେ ରଖିବା କଷ୍ଟସାଧ ନୁହେଁ। ଫଳରେ ପ୍ରତିପକ୍ଷ ରାଜନେତାଙ୍କୁ ଜେଲରେ ପୂରାଇ ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ ପଦରୁ କେନ୍ଦ୍ର ଅତି ସହଜରେ ତଡି ପାରିବ । କାଳେ ବିଜେପିକୁ ଏହି ଆଇନ ସୁହାଇବା ଭଳି ଧାରଣା ସୃଷ୍ଟି ହେବ, ପ୍ରଧାନମନ୍ତ୍ରୀ ପଦବୀକୁ ମଧ ଏହି ଆଇନର ପରିସରଭୁକ୍ତ କରାଯାଇଛି। କିନ୍ତୁ ସିବିଆଇ ଓ ଇଡି ଭଳି କେନ୍ଦ୍ରୀୟ ସଂସ୍ଥା ବିଜେପି ଅମଳରେ ପ୍ରଧାନମନ୍ତ୍ରୀଙ୍କ ବଚସ୍କର ସାଜିଥିବାରୁ ତାଙ୍କୁ ଗିରଫ କରିବା ଏକରକମ ଅସମ୍ଭବ ଅଟେ । ଯଦି ବିଜେପିରେ ଯୋଗ ଦେଉଥିବା ବିପକ୍ଷ ନେତାଙ୍କୁ ମଧ ସରକାର ଗିରଫ କରି ଜେଲରେ ପୂରାଉଥାନ୍ତେ, ସାଧୁ ଉଦ୍ଦେଶ୍ୟରେ ଏହି ବିଲ ଅଣାଯାଇଛି ବୋଲି ପ୍ରମାଣ ହୋଇଥାନ୍ତା। କିନ୍ତୁ ଏହି ବିଲର ପ୍ରକୃତ ଉଦ୍ଦେଶ୍ୟ ହେଉଛି ସଂଘୀୟ ବ୍ୟବସ୍ଥାକୁ ନିପାତ କରି ପ୍ରଭୁତ୍ୱବାଦୀ ନବ୍ୟ ଫାସ୍ୱିଦାର ଉନ୍ମେଷ କରିବା। ମୂଳରୁ ହିଁ ଆରଏସଏସ ସଂଘୀୟ ବ୍ୟବସ୍ଥାକୁ ବିରୋଧ କରି ଆସିଥିବା ବେଳେ ବିଜେପି ରାଷ୍ଟ୍ରପତୀୟ ପ୍ରଧାନ ବ୍ୟବସ୍ଥା ସପକ୍ଷରେ ରହି ଆସିଛି। ଏହାକୁ କଂଗ୍ରେସ ଦଳ ନେତୃତ୍ୱରେ ମିଳିତ ବିରୋଧୀ ଦଳ ଦୃଢ ବିରୋଧ କରିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ ।

ସଭାପତିଙ୍କ ଅଭିଭାଷଣରେ ଶ୍ରୀ ଦାସ ଭାରତବର୍ଷର ସବୁ ତନ୍ତ୍ରକୁ କେନ୍ଦ୍ର ଅକ୍ତିଆର କରିବାକୁ ଚେଷ୍ଟା କରୁଛି ବୋଲି ଅଭିଯୋଗ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ନାମରେ ସବୁ ଥାନାରେ ଏତଲା ଦେବା ପରି ଆଗକୁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇ ଏହି କଳା ବିଧେୟକକୁ କଂଗ୍ରେସ ବିରୋଧ କରିବ ବୋଲି ସେ କହିଥିଲେ । ଏମିତିରେ ବିପକ୍ଷ ଦଳର ନେତାଙ୍କୁ ଗିରଫ କରିବାର ଯେଉଁ ମାନସିକତା ବିଜେପିର ରହିଛି ତାକୁ ଆୟୁଧ କରି ବିପକ୍ଷ ଦଳର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ତଡିବା ପାଇଁ ବାଟ ପରିଷ୍କାର କରାଯାଉଛି ବୋଲି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଥିଲେ । ଗାନ୍ଧୀ, ନେହେରୁ ଦେଶର ସ୍ୱାଧୀନତା ସଂଗ୍ରାମର ପୁରୋଭାଗରେ ଥିବାରୁ ଏବେ ସ୍କୁଲ ପାଠ୍ୟକ୍ରମରେ ଦେଶ ବିଭାଜନକୁ ଆଗକୁ ଆଣିବାକୁ ଚକ୍ରାନ୍ତ କରୁଛି ବୋଲି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମତ ପ୍ରକାଶ କରିଥିଲେ । ସମ୍ବିଧାନ ଉପରେ ଶାସକ ଦଳର ଏହି ଶକ୍ତ ପ୍ରହାରକୁ ବିରୋଧୀ ଦଳ ମାନେ କିପରି ମୁକାବିଲା କରିବେ, ସେ ନେଇ ଗଭୀର ଚିନ୍ତନର ଆବଶ୍ୟକତାର ରହିଛି ବୋଲି ସେ କହିଥିଲେ ।

ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ ଓ ବିଭୁତି ଭୂଷଣ ମିଶ୍ର, ପିସିସି ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ଜିଆ ଉଲ ହକ୍ ପ୍ରମୁଖ ଆଲୋଚନାରେ ଭାଗ ନେଇ କେତେକ ଗୁରୁତ୍ୱପୂର୍ଣ ଆଇନଗତ ଦିଗର ତର୍ଜମା କରିଥିଲେ । ପିସିସି ଶୃଙ୍ଖଳା କମିଟିର ଅଧ୍ୟକ୍ଷ ସୁଜିତ ପାଢ଼ୀ ବିଜେପିର ଏହି କଡା ଆଇନକୁ ଦୃଢ ବିରୋଧ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି । ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ସଭାମଞ୍ଚ ଆବାହନ, ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ପୂର୍ବତନ ସାଂସଦ ଅନନ୍ତ ସେଠି, ବିଧାୟକ ଅଶୋକ ଦାସ ପ୍ରମୁଖ ମଞ୍ଚାସିନ ଥିଲେ ଏବଂ କଂଗ୍ରେସର ବହୁ ନେତୃବୃନ୍ଦ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

# ୫ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍

କେନ୍ଦ୍ରାପଡା, ୨୨/୦୮ (ନି.ପ୍ର): ଶିକ୍ଷା ବିଭାଗର ନିର୍ଦ୍ଦେଶକୁ ବେଖାତିର କରିବା, ମାର୍ଗଦର୍ଶିକାକୁ ଶିକ୍ଷକ/ଶିକ୍ଷୟତ୍ରୀମାନେ ନ ମାନିବା ଓ ଅନୁଶାସନକୁ ଅନୁପାଳନ ନ କରିବା ଅଭିଯୋଗରେ ୫ ଜଣ ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ କେନ୍ଦ୍ରାପଡ଼ା ବ୍ଲକ ଶିକ୍ଷାଧିକାରୀ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । କାରଣ ଦର୍ଶାଅ ନୋଟି ଜାରି ହୋଇଥିବା ଶିକ୍ଷକମାନେ ହେଉଛନ୍ତି କେନ୍ଦ୍ରାପଡା ବ୍ଲକ୍ ଅଧୀନ ଗୋବିନ୍ଦଜିଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଏସ୍ ?.କେ. ଖତିବ, ସହକାରୀ ଶିକ୍ଷକ ଦାଶରଥୀ ନାୟକ, ସହକାରୀ ଶିକ୍ଷକ ଅଭୟ ମଲ୍ଲିକ, ସହକାରୀ ଶିକ୍ଷକ ସେକ୍ ମହମ୍ମଦ୍ ଅୟାସୁଦ୍ଦିନ ଓ ସହକାରୀ ଶିକ୍ଷୟିତ୍ରୀ ରଶ୍ମିତା ମହାନ୍ତି । ଏହି ନୋଟିସରେ ଉଲ୍ଲେଖ ରହିଛି ଯେ ଗତ ୬ ତାରିଖରେ ବ୍ଲକ ଶିକ୍ଷାଧିକାରୀ ଏହି ବିଦ୍ୟାଳୟକୁ ଅଚାନକ ପରିଦର୍ଶନରେ ଯାଇଥିଲେ । ଏହି ସମୟରେ ସେ ଦେଖିବାକୁ ପାଇଥିଲେ ଯେ ଉପରୋକ୍ତ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଲେସନ୍ ଡାଏରି, ଲେସନ ନୋଟ୍ ଆଦି ପ୍ରସ୍ତୁତ କରିନାହାଁନ୍ତି । ଶ୍ରେଣୀରେ ପ୍ରବେଶ କରିବା ପୂର୍ବରୁ ଏହି କାର୍ଯ୍ୟ କରିବା କଥା । ହେଲେ ସେମାନେ ଦୀର୍ଘଦିନ ଧରି ଏହି କାର୍ଯ୍ୟ କରି ନାହାଁନ୍ତି । ଶିକ୍ଷାବିଭାଗ ମାର୍ଗଦର୍ଶିକା ଅନୁଯାୟୀ ଏହି ସବୁ କାର୍ଯ୍ୟ ଶିକ୍ଷକ/ଶିକ୍ଷୟିତ୍ରୀମାନେ ପ୍ରତିଦିନ କରିବା ବାଧତାମୂଳକ । ହେଲେ ଏହି ମାର୍ଗଦର୍ଶିକାକୁ ଉପରୋକ୍ତ ଶିକ୍ଷକ/ଶିକ୍ଷିତ୍ରୀମାନେ ମାନନ୍ତି ନାହିଁକି ନିଜ ମନ ଅନୁସାରେ କାର୍ଯ୍ୟ କରନ୍ତି । କାର୍ଯ୍ୟରେ ଏଭଳି ଅବହେଳା ସରକାରୀ କର୍ମଚାରୀଙ୍କ ଠାରୁ ଆଶା କରାଯାଇ ନଥାଏ । ସରକାରୀ ମାର୍ଗଦର୍ଶିକାକୁ ଖିଲାପ କରି କାର୍ଯ୍ୟ କରିବା ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଅପ୍ରୀତିକର। ତେଣୁ ସେମାନଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେ ନେଇ ୨ ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସର ଜବାବ ରଖିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଶିକ୍ଷା ବିଭାଗର ଜଣେ କର୍ମଚାରୀଙ୍କ କହିଛନ୍ତି ଏହି ଶିକ୍ଷକମାନଙ୍କ ମଧ୍ୟରୁ ଜଣେ ଜନସେବା କେନ୍ଦ୍ର ଖୋଲିଛନ୍ତି । ତେଣୁ ସେ ବିଦ୍ୟାଳୟକୁ ଅଳ୍ପ ସମୟ ପାଇଁ ଆସନ୍ତି ଓ ନିଜ ଜନସେବା କେନ୍ଦ୍ରରେ ଅଧିକ ସମୟ ଦିଅନ୍ତି। ଏପଟେ ସରକାରଙ୍କ ଠାରୁ ଦରମା ନିଅନ୍ତି ସେପଟେ ଦୋକାନରେ ବସି ଟଙ୍କା ରୋଜଗାର କରନ୍ତି । କେବଳ ସେତିକି ନୁହେଁ ସେ ବିଦ୍ୟାଳୟକୁ ନ ଯାଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟସ୍ଥି କରନ୍ତି । କେଉଁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବଦଳି କେଉଁ ବିଦ୍ୟାଳୟକୁ ଓ କେଉଁ ବ୍ଲକକୁ ହେବ ସେଥିରେ ସେ ଅଧିକ ମୁଣ୍ଡ ଖେଳାନ୍ତି । ତା ସହିତ ବିଭିନ୍ନ କମ୍ପାନିର ଏଜେଂଟ ସାଜି ଦଲାଲି କରୁଥିବାର ଦେଖାଯାଉଛି । ତାଙ୍କ ବିରୋଧରେ ଦୀର୍ଘଦିନ ଧରି ଅଭିଯୋଗ ହୋଇଥିଲା । ସେ ଉପରସ୍ଥ ଅଧିକାରୀଙ୍କ ଧରାଧରି କରି ଅଭିଯୋଗକୁ ଚାପି ଦେଉଥିଲେ। ହେଲେ ନୂଆ ବ୍ଲକ ଶିକ୍ଷାଧିକାରୀ ନାରାୟଣ ମନ୍ତ୍ରୀ କାର୍ଯ୍ୟରେ ଯୋଗଦେବା ପରେ ସଂପୃକ୍ତ ସହକାରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବୋଲି ବ୍ଲକ ଶିକ୍ଷା କାର୍ଯ୍ୟାଳୟର ଜଣେ କର୍ମଚାରୀ କହିଛନ୍ତି।

# ଆଇନଜୀବୀଙ୍କୁ ମରଣାନ୍ତକ ଆକ୍ରମଣ

ପୁରୀ, ୨୨/୦୮ (ନି.ପ୍ର): ରିକ୍ସା ଚାଳକଙ୍କ ଆକ୍ରମଣରେ ଆଇନଜୀବୀ ରଘୁନାଥ ପଟ୍ଟନାୟକ (୫୭) ଗୁରୁତର ହୋଇଛନ୍ତି । ତାଙ୍କୁ ଚିକିତ୍ସା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ପୁରୀ ଟାଉନ୍ ଥାନା ଅନ୍ତର୍ଗତ ଦୋଳମଣ୍ଡପ ସାହିରେ ଜଣେ ରିକ୍ସା ଚାଳକ ତାଙ୍କୁ ଗୋଡାଇ ଗୋଡାଇ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣରେ ରଘୁନାଥଙ୍କ ମୁଣ୍ଡ ଏବଂ ଛାତିରେ ଗଭୀର ଆଘାତ ଲାଗିଛି । ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି । ଆକ୍ରମଣକାରୀ ରିକ୍ସା ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି । ତେବେ ଆକ୍ରମଣ ପଛର କାରଣ କ'ଣ ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ । ଟାଉନ୍ ଥାନା ପୋଲିସ ଘଟଣାର ତଦନ୍ତ କରୁଛି । ସିସିଟିଭି ଫୁଟେଜ୍ ଯାଂଚ୍ କରୁଛି ।

# ଆମ ବସ୍‌ର ଅଗ୍ନିକାଣ୍ଡ: ସମସ୍ତ ଯାତ୍ରୀ ସୁରକ୍ଷିତ

ଖୋର୍ଦ୍ଧା, ୨୨/୦୮ (ନି.ପ୍ର): ରାସ୍ତାରେ ହୁତୁହୁତୁ ହୋଇ ଜଳିଗଲା ଆମ ବସ୍। ୧୬ନଂ ଜାତୀୟ ରାଜପଥ ଗଡ଼ ଖୋର୍ଦ୍ଧା ଛକ ନିକଟରେ ଆମ ବସ୍ ରେ ଅଗ୍ନିକାଣ୍ଡ ଘଟିଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଛି। ସୂଚନାନୁଯାୟୀ, ଗୁରୁବାର ଏକ ଆମ ବସ୍ ଭୁବନେଶ୍ୱରରୁ ବାହାରି ଖୋର୍ଦ୍ଧା ଅଭିମୁଖେ ଆସୁଥିଲା। ୧୬ ନମ୍ବର ଜାତୀୟ ରାଜପଥର ଗଡ଼ ଖୋର୍ଦ୍ଧା ଛକ ନିକଟରେ ଆମ ବସ୍ ରେ ହଠାତ୍ ନିଆଁ ଲାଗି ଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଛି। ବସ୍ ରେ ଯାଉଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି। ସର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

## ଗହଣା ଓ ଟଙ୍କା ଚୋରୀ ଅଭିଯୋଗରେ ସ୍ୱାମୀ ଓ ସ୍ତ୍ରୀ ଗିରଫ

ଘଟଗାଁ, ୨୨/୦୮ (ନି.ପ୍ର): ପାଟଣା ବ୍ଲକ ଘଟଗାଁ ଥାନା ଢେଙ୍କିକୋଟ ଫାଣ୍ଡି ଅଧୀନ ଚିନାମାଳି ଗ୍ରାମର ଲକ୍ଷ୍ମୀପ୍ରିୟା ମହାନ୍ତ ଓ ଚତୁର୍ଭୁଜ ମହାନ୍ତ ଙ୍କ ଘରୁ ଅଗଷ୍ଟ ୨୦ତାରିଖ ଚୋରୀ ହୋଇଥିଲା ।ଚୋରୀ ସମ୍ପର୍କରେ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ ଖବର ପାଇବା ପରେ ଆଖପାଖ ଅଞ୍ଚଳରେ ତନାଘନା ଚଳାଇଥିଲେ । ଉଭୟଙ୍କୁ ଢେଂକିକୋଟ କଲେଜ ସାମ୍ନା ଛେଳି ହାଟ ନିକଟରୁ କାବୁ କରିଥିଲେ । ପଚରା ଉଚରା କରିବା ପରେ ଦୁହେଁ ସ୍ୱାମୀ ଓ ସ୍ତ୍ରୀ ଏବଂ ତାଙ୍କ ଘର ଭଦ୍ରକ ଜିଲ୍ଲା ଧାମରା ପାଇକ ସାହି ଯାଯାବର ସମ୍ପ୍ରଦାୟର ସ୍ୱାମୀ କାଳିଆ ଶବର ଓ ସ୍ତ୍ରୀ ବର୍ଷା ସିଂ ବୋଲି ଜଣା ପଡିଛି । ଉଭୟଙ୍କୁ ଘଟଗାଁ ଥାନା ନେବାପରେ ପ୍ରଥମେ ଲକ୍ଷ୍ମୀପ୍ରିୟା ଘରୁ ସୁନା ଓ ରୂପା ଅଳଙ୍କାର ଚୋରୀ କରିବା ସହ ଚତୁର୍ଭୁଜଙ୍କ ଘରୁ ଏକ ମୋବାଇଲ ଫୋନ ଓ ନଗଦ ୩୭୦୦ଟଙ୍କା ଚୋରୀ କରିଥିବା ସ୍ୱୀକାର କରିଥିଲେ ।ସମସ୍ତ ତଥ୍ୟ ପାଇବା ପରେ ଘଟଗାଁ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଚୋରୀ ଜିନିଷ ଗୁଡିକ ଜବତ କରିବା ସହିତ ଉଭୟ ସ୍ୱାମୀ ଓ ସ୍ତ୍ରୀ ଙ୍କୁ କୋର୍ଟ ଚାଲାଣ କରିଛନ୍ତି ।

# ନାବାଳିକାକୁ ଦୁଷ୍କର୍ମ ମାମଲା : ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଓ ଜରିମାନା

କନ୍ଧମାଳ, ୨୨/୦୮ (ନି.ପ୍ର): ଏକ ୧୪ ବର୍ଷର ନାବାଳିକାକୁ ଦୁଷ୍କର୍ମ ମାମଲାର ବିଚାରଣା କରି ଆଜି ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋସ୍କୋ କୋର୍ଟ ର ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ମାମଲାର ୧୯ ଜଣ ସାକ୍ଷୀ, ଡ଼ାକ୍ତରୀ ରିପୋର୍ଟ ଓ ପୀଡିତାଙ୍କ ବୟାନ ଆଧାରରେ ମାମଲାର ଅଭିଯୁକ୍ତ ଫୁଲବାଣୀ ସଦର ଥାନା ଅନ୍ତର୍ଗତ ଗଏରବାଟା ଗ୍ରାମର ଗଣେଶ କହଁର (୨୦)କୁ ଦୋଷୀ ସାବ୍ୟସ୍ତ କରିବା ସହ ତାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ତାକୁ ଆଉ ଅଧିକ ୨ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ବିଚାରପତି । ସରକାରଙ୍କ ତରଫରୁ ଫାଷ୍ଟ ଟ୍ରାକ୍ ପୋସ୍କୋ କୋର୍ଟ ର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ। ସୂଚନା ଅନୁସାରେ, ପୀଡିତା ସରକାରୀ ଉଚ୍ଚ ବିଦ୍ୟାଳୟ ପିଶୁପଦରରେ ଅଧ୍ୟୟନ କରୁଥିଲେ। ହଷ୍ଟେଲ ଝିଅ ମାନଙ୍କ ମାସିକ ଋତୁସ୍ରାବ ପରୀକ୍ଷାରେ ଜଣାପଡ଼ିଲା ଯେ, ପୀଡିତା ଗର୍ଭ ଧାରଣ କରିଥିଲା । ତଦନୁସାରେ ଡାକ୍ତରୀ ଟିମ୍, ସମସ୍ତ ଶିକ୍ଷୟିତ୍ରୀ ଏବଂ ଅଭିଭାବକ ସମ୍ମୁଖରେ କାଉନ୍ସିଲିଂ କରି ଜାଣିବାକୁ ପାଇଥିଲେ ଯେ, ପୀଡିତା ସହ ଅଭିଯୁକ୍ତ ଖରା ଛୁଟିରେ ବାରମ୍ବାର ଦୁଷ୍କର୍ମ ଯୋଗୁଁ ଗର୍ଭ ଧାରଣ କରିଥିଲା। ପରବର୍ତୀ ସମୟରେ ବ୍ରହ୍ମପୁର ମେଡିକାଲ କଲେଜ୍ ହସ୍ପିଟାଲରେ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ଏ ସଂକ୍ରାନ୍ତରେ ପିଶୁପଦର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଲିଖିତ ଅଭିଯୋଗ ଫୁଲବାଣୀ ସଦର ଥାନା ପୋଲିସ ଏକ ମାମଲା ୧୯/୨୦୨୫ ରୁଜୁ କରି ଘଟଣାର ତଦନ୍ତ ପରେ ଅଭିଯୁକ୍ତକୁ ଗିରଫ କରି କୋର୍ଟରେ ହାଜର କରାଇଥିଲେ। ଆଜି ବିଚାରପତି ସେହି ମାମଲାର ବିଚାର କରି ଉପୋରୋକ୍ତ ରାୟ ଶୁଣାଇଛନ୍ତି। ପୀଡିତାକୁ କ୍ଷତିପୂରଣ ବାବଦକୁ ୬ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଆସ ସ୍କୁଲ ଯିବା ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡା , ୨୨/୦୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପକ୍ଷରୁ "ଆସ ସ୍କୁଲ ଯିବା" ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମଗ୍ର ଶିକ୍ଷା ବିଭାଗ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ରଘୁରାମ ଆର ଆୟାର ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ରବିନ୍ଦ୍ର କୁମାର ମଲିକଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ, ଡିଓ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକ୍ୱାରୀ ମାନେ ଅଂଶ ଗ୍ରହଣ କରିଥିଲେ । ବିକଶିତ ଭାରତ ଓ ବିକଶିତ ଓଡିଶା ଗଠନରେ ବିଦ୍ୟାଳୟ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାବେଳେ ସ୍ୱପ୍ନର ଓଡିଶା ଗଠନରେ ମୂଳଦୁଆ ହେଉଛି ବିଦ୍ୟାଳୟ ଶିକ୍ଷା, ୫ବର୍ଷରୁ ୧୮ ବର୍ଷ ବୟସ୍କ ପ୍ରତ୍ୟେକ ପିଲା ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ ହେଲେ ଏହି ଅଭିଯାନ ସଫଳ ହେବା ସହ ଆମ ରାଜ୍ୟ ପୂର୍ଣ୍ଣ ଶିକ୍ଷିତ ଓ ବିକଶିତ ହୋଇପାରିବ ବୋଲ ଆଲୋଚନା କରାଯାଇଥିଲା । ଯେଉଁ ପିଲାମାନେ ପୂର୍ବରୁ ନାମ ଲେଖାଇ ଥିଲେ ମଧ ବର୍ତମାନ ସ୍କୁଲ ଛାଡିଛନ୍ତି ସେମାନଙ୍କୁ ସ୍କୁଲକୁ ଫେରାଇ ଆଣିବା, ଯେଉଁମାନେ ଆଦୌ ସ୍କୁଲକୁ ଆସି ନହାଁନ୍ତି, ସେମାନଙ୍କୁ ବୟସ ଅନୁପାତରେ ଉପଯୁକ୍ତ ଶ୍ରେଣୀରେ ନାମ ଲେଖାଇବା, ଯେଉଁମାନେ ନାମ ଲେଖାଇ ପାଠ ପଢୁଛନ୍ତି ସେମାନେ ଯେପରି ଅଧାରୁ ପାଠ ଛାଡିବେ ନାହିଁ ଓ ପାଠପଢା ଜାରି ରଖିବେ ତାହା ସୁନିଶ୍ଚିନ୍ତ କରିବା ।

# ପୁଣି ଛାତ୍ରୀ ଆନ୍ଦୋଳନ: ପ୍ରାଧାପକଙ୍କ ବଦଳି ନିର୍ଦ୍ଦେଶ ବାତିଲ୍ ଦାବି

ବାରିପଦା, ୨୨/୦୮ (ନି.ପ୍ର): କିଛି ଦିନର ବ୍ୟବଧାନ ପରେ ପୁଣି ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଛାତ୍ରୀ ମାନଙ୍କ ଆନ୍ଦୋଳନ ଦେଖିବାକୁ ମିଳିଛି । ଭୂତତ୍ୱ ବିଭାଗୀୟ ମୁଖ୍ୟ ପ୍ରାଧାପକ ସତ୍ୟ ସୌରଭ ବେହେରାଙ୍କୁ ଚଳିତ ଶିକ୍ଷାବର୍ଷ ମଝିରେ ହଠାତ୍ କୌଣସି କାରଣ ନଥାଇ ବଦଳି କରାଯାଉଛି । ଯାହାକୁ ପ୍ରତିବାଦ କରି ବଦଳି ନିର୍ଦ୍ଦେଶ ବାତିଲ ଦାବିରେ କଲେଜର ଶତାଧିକ ଛାତ୍ରୀ ଆନ୍ଦୋଳନ କରିଛନ୍ତି । ମହାବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲାବନ୍ଦ ସହ ବିକ୍ଷୋଭ ପ୍ରଦର୍ଶନ କରି ପ୍ରଶାସନ ବିରୋଧରେ ନାରାବାଜି କରିଛନ୍ତି । ଆନ୍ଦୋଳନକାରୀ ଛାତ୍ରୀ ଅନୁଷ୍କା ପ୍ରଧାନ ଓ ଅଗ୍ରରୂପା ମହାକୁଡ ପ୍ରମୁଖଙ୍କ କହିବା ଅନୁଯାୟୀ, ଶିକ୍ଷାବର୍ଷର ଅଧାରୁ ହଠାତ୍ ଅଧାପକଙ୍କୁ ବଦଳି କରାଯାଇଥିବା ବେଳେ ଭୂତତ୍ୱ ବିଷୟରେ ଅଧ୍ୟୟନରତ ତିନି ବର୍ଷର ୯୬ ଜଣ ଛାତ୍ରୀଙ୍କ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେବା ନିଶ୍ଚିତ ଅଟେ । ନିୟମିତ ଅଧାପକ ନଥିବା ଦୃଷ୍ଟିରୁ ବିଭିନ୍ନ ବିଷୟରେ ଛାତ୍ରୀମାନେ ମଧ ଶିକ୍ଷା ପାଇବାରୁ ବଂଚିତ ହେଉଛନ୍ତି । ଏହି ବଦଳି ବାତିଲ ଦାବିରେ ବିଭିନ୍ନ କର୍ତ୍ତୃପକ୍ଷଙ୍କ ସମେତ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ଲିଖିତ ଭାବେ ଜଣାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୌଣସି ସମାଧାନ ନ ହେବାରୁ ପୁଣି ଆନ୍ଦୋଳନ କରିବାକୁ ବାଧ ହୋଇଛନ୍ତି । ଯଦି ଅଧାପକଙ୍କ ବଦଳି ବାତିଲ ନ ହୁଏ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ହସ୍ତଶିଳ୍ପ ଗ୍ରାମ ଭାବେ ପରିଚିତ ହେବ ଗୁହାଲଡିହା ଗ୍ରାମ: ସମୃଦ୍ଧ ହସ୍ତଶିଳ୍ପର ପ୍ରଚାର ପ୍ରସାର ହେବ ସହାୟକ, ଘୋଷଣା କଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ବାରିପଦା, ୨୨/୦୮ (ନି.ପ୍ର): ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲା ଏକ ସମୃଦ୍ଧ ହସ୍ତଶିଳ୍ପର ପରିଚୟ ବହନ କରିଛି । ଯାହାର କଳା କାରୁକାର୍ଯ୍ୟର ନିଖୁଣତା ଖୁବ ପ୍ରଶଂଶିତ ଅଟେ । ଗାଁ ଗଣ୍ଡାରେ କଳାକାର ମାନଙ୍କ ସୃଜନଶିଳତାର ଏବେ ବିଶ୍ୱସ୍ତରରେ ମଧ ପ୍ରସ୍ଫୁଟିତ ହେବାରେ ଲାଗିଛି । କଳାକୁ ନେଇ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ମୟୁରଭଞ୍ଜ ଜିଲ୍ଲାର ସବାଇ ଶିଳ୍ପ ଅନ୍ୟତମ କାରୁକାର୍ଯ୍ୟ ଅଟେ । ଏହି ସବାଇ ହସ୍ତଶିଳ୍ପ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବାରିପଦା ବ୍ଲକ ଅନ୍ତର୍ଗତ ଗୁହାଲଡିହା ଗ୍ରାମକୁ ସମନ୍ୱିତ କଳା ଏବଂ ହସ୍ତଶିଳ୍ପ ଗ୍ରାମର ପରିଚୟ ମିଳିଛି । ହସ୍ତଶିଳ୍ପ ଗ୍ରାମ ଭାବେ ବିକଶିତ କରିବାକୁ ରାଜ୍ୟ ସରକାର ମଞ୍ଜୁରୀ ଦେଇଛନ୍ତି । ଏନେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏକ୍ସ ଯୋଗେ ଘୋଷଣା କରିଛନ୍ତି । ଉକ୍ତ ଗ୍ରାମର ଅଧିକାଂଶ ଲୋକଙ୍କ ସବାଇ ଘାସ ହିଁ ରୋଜଗାରର ମାଧ୍ୟମ ସାଜିଛି । ଗ୍ରାମୀଣ ଯୁବତୀ ଓ ମହିଳାଙ୍କ ଦ୍ୱାରା ପରିବେଶ ଅନୁକୂଳ ସବାଇଘାସରୁ ନାନାଦି ଘର କରଣା ସାମଗ୍ରୀ ନିର୍ମିତ ହେଉଛି । ଏହାକୁ ନେଇ ଜୀବନ ଜୀବିକା ନିର୍ବାହ କରୁଛନ୍ତି । ଦେଶ ବିଦେଶରେ ଚାହିଦା ଥିବା ଉକ୍ତ ସବାଇ କାରୁକାର୍ଯ୍ୟକୁ ଆହୁରି ଆକର୍ଷଣୀୟ କରିବା ନିମନ୍ତେ ପ୍ରୟାସ କରାଯାଇଛି । ସ୍ଥାନୀୟ ହସ୍ତଶିଳ୍ପର ସମୃଦ୍ଧ ଐତିହ୍ୟର ସଂରକ୍ଷଣ ଏବଂ ପ୍ରଚାର ପାଇଁ ପର୍ଯ୍ୟଟନ ବିଭାଗ ଗୁହାଲଡିହା ଗ୍ରାମକୁ 'ସମନ୍ୱିତ କଳା ଏବଂ ହସ୍ତଶିଳ୍ପ ଗ୍ରାମ' ଭାବରେ ବିକଶିତ କରିବାକୁ ମଞ୍ଜୁରୀ ଦେଇଛି । ଏହି ବିକାଶ ଯୋଜନା ମାଧମରେ ଉକ୍ତ ଅଞ୍ଚଳର ବିକାଶ କରି ପାରମ୍ପରିକ କାରିଗରୀ ଏବଂ ଆଦିବାସୀ ସଂସ୍କୃତିକୁ ପ୍ରଦର୍ଶନ କରିବା ପାଇଁ ଏକ ସ୍ପନ୍ଦନଶୀଳ ପ୍ଲାଟଫର୍ମ ସୃଷ୍ଟି କରିବା । ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି ଯେ, ଏହି ପ୍ରକଳ୍ପ ମୟୂରଭଞ୍ଜ ଜିଲ୍ଲାକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ବିଶେଷକରି ଶିମିଳିପାଳ ଜାତୀୟ ଉଦ୍ୟାନକୁ ଯାଉଥିବା ପର୍ଯ୍ୟଟକ ମାନଙ୍କୁ ସ୍ଥାନୀୟ କାରିଗର ମାନଙ୍କ ଦ୍ୱାରା ଉତ୍ପାଦିତ ଜଟିଳ ହସ୍ତଶିଳ୍ପକୁ ପ୍ରତ୍ୟକ୍ଷ ଭାବରେ ଦେଖିବାର ସୁଯୋଗ ପ୍ରଦାନ କରିବ । ଏହା କେନ୍ଦ୍ର ସରକାରଙ୍କ ଭୋକାଲ୍ ଫର୍ ଲୋକାଲ ଅଭିଯାନର ଆହ୍ୱାନକୁ ଜୀବନ୍ତ କରିବ । ଏଥିସହିତ ଜିଲ୍ଲାର କଳା ଏବଂ ହସ୍ତଶିଳ୍ପକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ । ଏହି ପଦକ୍ଷେପ ଫଳରେ ସ୍ଥାନୀୟ କାରିଗର ମାନଙ୍କର ଆର୍ଥିକ ଏବଂ ସାମାଜିକ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ଲକ୍ଷ ରହିଛି । ସମନ୍ୱିତ କଳା ଏବଂ ହସ୍ତଶିଳ୍ପ ଗ୍ରାମକୁ କେବଳ ଏକ ପର୍ଯ୍ୟଟନ ଆକର୍ଷଣ ଭାବରେ ନୁହେଁ ବରଂ ସାଂସ୍କୃତିକ ଆଦାନ ପ୍ରଦାନ ଏବଂ ସଂରକ୍ଷଣର ଏକ କେନ୍ଦ୍ର ଭାବରେ ମଧ କଳ୍ପନା କରାଯାଇଛି । ଯାହା ଆଦିବାସୀ କାରିଗର ମାନଙ୍କ ଜୀବିକା ନିର୍ବାହ କରିବାରେ ସାହାଯ୍ୟ କରିବା ସହ ସେମାନଙ୍କର ଅନନ୍ୟ ପରମ୍ପରାକୁ ବ୍ୟାପକ ହୋଇପାରିବ । ଉକ୍ତ ଗ୍ରାମର ମହିଳା ମାନଙ୍କ ପାଇଁ ମୁଖ୍ୟତଃ ସବାଇ ଶିଳ୍ପ ମୁଖ୍ୟ ରୋଜଗାର ପନ୍ଥା ସାଜିଛି । ସବାଇ ଘାସରୁ ନାନାଦି ଜିନିଷ ପ୍ରସ୍ତୁତ କରି ପରିବାର ମଧ ପ୍ରତିପୋଷଣରେ ସହାୟକ ହେଉଛନ୍ତି । ସବାଇ ଘାସରୁ ବିଭିନ୍ନ ଆକର୍ଷଣୀୟ ସରଞ୍ଜାମ ତିଆରି କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଲିମ ପ୍ରଦାନ କରାଯାଇଛି । ଭୁବନେଶ୍ୱର ସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଫ୍ୟାସନ ଟେକ୍ନୋଲୋଜି (ନିଫ୍ଟ) ଓ ଅହମଦାବାଦ ସ୍ଥିତ ଏନଆଇଟି ପକ୍ଷରୁ ଆଧୁନିକ ଡିଜାଇନର ସବାଇ ଘାସର ବିଭିନ୍ନ ସରଞ୍ଜାମ ପ୍ରସ୍ତୁତ କରିବାକୁ ମଧ ପୂର୍ବରୁ ତାଲିମ ପ୍ରଦାନ କରାଯାଇଛି ।

# ଦଶ ଦଫା ଦାବି ନେଇ ଧାରଣା ଦେଲେ ଜିଲ୍ଲା ରାଜସ୍ୱ ଅମଲା ସଂଘ: ଦାବି ପୂରଣ ନ ହେଲା ଯାଏ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି ରହିବ କାର୍ଯ୍ୟବନ୍ଦ ଆନ୍ଦୋଳନ

ଜୟପୁର, ୨୨/୦୮ (ନି.ପ୍ର): ଓଡ଼ିଶା ରାଜସ୍ୱ ଅମଲା ସଂଘର ଆହ୍ୱାନ କ୍ରମେ ୧୦ ଦଫା ଦାବି ନେଇ ଗତ ୧୧ ତାରିଖ ଠାରୁ କୋରାପୁଟ ଜିଲା ଶାଖାର କର୍ମକର୍ତାମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି ଓ ଏହି ଆନ୍ଦୋଳନ ଗୁରୁବାର ୧୧ ଦିନ ଦିନରେ ପହଂଚିଛି । କୋରପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରହିଥିବା ବେଳେ କୋରାପୁଟର ପୂର୍ବତନ ବିଧାୟକ ରଘୁ ରାମ ପଡାଲ. ପୂର୍ବତନ ସାଂସଦ ଝିନ ହିକକା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଧାରଣାସ୍ଥଳରେ ପହଂଚି ସମର୍ଥନ ଜଣାଇଥିଲେ । ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ରାଜସ୍ୱ ଅମଲାଙ୍କ ଦାବି ବିଧାନସଭାରେ ଉଠାଇବେ ବୋଲି ପ୍ରତିଶୃତି ଦେଇଥିଲେ । ଏହି ଆନ୍ଦୋଳନ ଯୋଗୁ ଜିଲାର ସମସ୍ତ ବ୍ଲକ, ତହସିଲ ସମେତ ଅନ୍ୟାନ୍ୟ ଅଫିସରେ ସମସ୍ତ ପ୍ରକାର କାର୍ଯ୍ୟ ଏକ ପ୍ରକାର ଠପ ହୋଇଯାଇଛି । ଏହାରି ଭିତରେ ସରକାରଙ୍କ ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ ମଙ୍ଗଳବାର ଏକ ପତ୍ର ମାଧ୍ୟମରେ ରାଜସ୍ୱ ଅମଲାମାନଙ୍କ ଛୁଟି ବାତିଲ କରିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପରେ ରାଜ୍ୟର ୩୦ଟି ଜିଲାର ନେତୃମଣ୍ଡଳୀଙ୍କୁ ନେଇ ସଂଘ ପକ୍ଷରୁ ଏକ ଆଭାସି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସରକାରଙ୍କ ଏଭଳି ନିଷ୍ପତିକୁ ଘୋର ନିନ୍ଦା କରାଯିବା ସହ ଏହା ଦୁର୍ଭାଗ୍ୟଜନକ ବୋଲି ସଂଘ ତରଫରୁ ସୂଚନା ଦିଆଯାଇଛି । ଏହା ପରେ ସମସ୍ତ ଜିଲାର ଅମଲାଙ୍କ ଠାରୁ ଆଗାମୀ ଦିନର କାର୍ଯ୍ୟପନ୍ଥା ବିଷୟରେ ମତାମତ ଲୋଡ଼ା ଯାଇଥିଲା । ସମସ୍ତ ଜିଲାର ଅମଲାମାନେ ସରକାର ଯେକୌଣସି ପଦକ୍ଷେପ ନେଲେ ମଧ ଯେ ପର୍ଯ୍ୟନ୍ତ ଲେବଲ୯ ଓ ପଦବୀ ପୁନର୍ଗଠନ ନ ହୋଇଛି ସେପର୍ଯ୍ୟନ୍ତ କେହି କାର୍ଯ୍ୟରେ ଯୋଗ ଦେବେ ନାହିଁ ବୋଲି କୋରାପୁଟ ଜିଲା ଶାଖା ସଭାପତି ମନୋଜ କୁମାର ବାରିକ ଓ ସମ୍ପାଦକ ନିତ୍ୟାନନ୍ଦ ଭତ୍ରା ସୂଚନା ଦେଇଛନ୍ତି ।

# ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ୧୩୯୮ ଚିକିତ୍ସିତ

ମାଲକାନଗିରି, ୨୨/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ୧୮ ରୁ ୨୧ ଅଗଷ୍ଟ ପର୍ଯ୍ୟନ୍ତ ଚାଲିଥିବା 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା' ରେ ୧୩୯୮ ଜଣ ରୋଗୀ ଚିକିତ୍ସିତ ହୋଇଛନ୍ତି । ୭ ଜଣ ସୁପର ସ୍ପେଶାଲିଷ୍ଟ ଡାକ୍ତର ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ମାଲକାନଗିରି ସଦର ମୁଖ୍ୟ ଡାକ୍ତରଖାନାରେ ପହଂଚି ରୋଗୀଙ୍କ ଚିକିତ୍ସା କରିଛନ୍ତି । ସେଥିମଧ୍ୟରୁ କାର୍ଡିଓଲୋଜିରେ ୨୬୦, ନ୍ୟୁରୋଲୋଜୀରେ ୪୧୫, ଗାଷ୍ଟ୍ରୋଏଂଟେରୋଲୋଜିରେ ୨୬୩, ଏଣ୍ଡୋକ୍ରିନୋଲୋଜୀରେ ୨୨୯ ଓ ନେଫ୍ରୋଲୋଜିରେ ୨୩୧ ଓ ୧୩୦ ଜଣ ଙ୍କର ଇସିଜି କରାଯାଇଛି । ସେହିପରି ୫୯ ଜଣଙ୍କର ଏଣ୍ଡୋସ୍କୋପି ଓ ୬ ଜଣ ରୋଗୀଙ୍କର ଲେପ୍ରୋସ୍କୋପି ଅପରେସନ କରାଯାଇଛି । ଏହି ଡାକ୍ତରୀ ଦଳରେ ସର୍ଜରୀ ସ୍ପେଶାଲିଷ୍ଟ ଏସ ସି ବି ଆସିଷ୍ଟାଂଟ ପ୍ରଫେସର ଡାକ୍ତର ଜ୍ୟୋତିର୍ମୟ ନାୟକ, ବରିଷ୍ଠ କାର୍ଡିଓଲୋଜି ଆଭାଂଶ ଟଙ୍କ, ସିନିୟର୍ ନେଫ୍ରୋଲୋଜି ଡାକ୍ତର ଧିରଜ କୁମାର ଲେଙ୍କା, ସିନିୟର୍ ନ୍ୟୁରୋଲୋଜି ଡାକ୍ତର ସଂଘମିତ୍ରା ସାହୁ, ସିନିୟର୍ ଏଣ୍ଡୋକ୍ରିନୋଲୋଜୀ ଡାକ୍ତର ସୀତାକାନ୍ତ ପଣ୍ଡା, ସିନିୟର୍ ଗାଷ୍ଟ୍ରୋଏଂଟେରୋଲୋଜି ଡାକ୍ତର ରାକେଶ ମହାନ୍ତି, ଆସିଷ୍ଟାଂଟ ପ୍ରଫେସର ଆନାସ୍ଥେସିଓଲୋଜି ଡାକ୍ତର ରାଜ କୁମାର ମହାପାତ୍ର ପ୍ରମୁଖ ରହିଥିଲେ।

ଜିଲ୍ଲା ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସେବା ପାଇ ଜିଲ୍ଲାର ରୋଗୀ ଖୁସି ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଦ୍ୱାରା ଜିଲ୍ଲାର ହଜାରରୁ ଊର୍ଦ୍ଧ୍ୱ ରୋଗୀ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସେବା ପାଇ ଉପକୃତ ହୋଇଥିବାରୁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ମାନ୍ୟବର ମୁଖ୍ୟନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ସିଡିଏମଓ ଡାକ୍ତର ଡୋଳାମଣି ପ୍ରଧାନ, ଡାକ୍ତର ବ୍ରଜବନ୍ଧୁ ଦାସ, ଡାକ୍ତର ନିହାର ରଞ୍ଜନ ପ୍ରହରାଜ, ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ଡାକ୍ତର କବିତା ସ୍ୱାଇଁ, ଡାକ୍ତର ସପନ କୁମାର ଡିଣ୍ଡା, ଡାକ୍ତର ପ୍ରଫୁଲ୍ଲ କୁମାର ବେହେରା, ଡାକ୍ତର ସୁବ୍ରତ କୁମାର ଜେନାଙ୍କ ସମେତ ଡିପିଏମ୍ ଡ଼ଃ ମୌସୁମୀ ମିଶ୍ର, ମେଡିକାଲ ମ୍ୟାନେଜର ସୁଶାନ୍ତ କୁମାର ବିଶ୍ୱାଳ ଓ ବିଶ୍ୱଜିତ ଉପସ୍ଥିତ ଥିଲେ।

# ବୁଦ୍ଧିମତ୍ତାକୁ ପ୍ରଭାବିତ କରେ ଅଧିକ ମିଠାଜାତୀୟ ଖାଦ୍ୟ



ମନଲୋଭା ଖାଦ୍ୟ ମଧ୍ୟରୁ ମିଠା ଅନ୍ୟତମ। ଅନେକେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ପରିମାଣରେ ମିଠା ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାର ସ୍ୱାଦ ହୁଏତ ମିଠା ହୋଇପାରେ, ହେଲେ ଏହାର ପରିମାଣ ଅଧିକ ହେଲେ ତାହା ଆମ ବୁଦ୍ଧିମତାକୁ ପ୍ରଭାବିତ କରିଥାଏ। 'ଅତ୍ୟଧିକ ମିଠା ଓ ବୁଦ୍ଧିମତା' ବିଷୟକୁ ନେଇ ହୋଇଥିବା ସର୍ଭେରୁ ଟୋକିଓ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ଏଭଳି କଥା ଜାଣିପାରିଛନ୍ତି। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇଟି ଗ୍ରୁପରେ ବିଭକ୍ତ କରି ଗୋଟିଏ ଗ୍ରୁପରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଭାବରେ ମିଠା ଖାଇବାକୁ ଏବଂ ଅନ୍ୟ ଗ୍ରୁପ ବ୍ୟକ୍ତିମାନଙ୍କୁ ମନଇଚ୍ଛା ମିଠା ଖାଇବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ବୁଦ୍ଧିମତା ଉପରେ ପଡୁଛି ତାହାକୁ ତନ୍ନତନ୍ନ କରି ଅନୁଧ୍ୟାନ ମଧ୍ୟ କରିଥିଲେ। ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କ ବୁଦ୍ଧିମତାରେ ତାରତମ୍ୟ ଦେଖିବାକୁ ମିଳିଥିଲା।

# ଏହି ରାଶିର ଲୋକମାନେ ହୁଅନ୍ତି ଅଧିକ ଧନୀ, କେବେ ବି ଅଭାବ ରହେନି...



ବୃଷ ରାଶି: ଶୁକ୍ର ଗ୍ରହ ଦ୍ୱାରା ପରିଚାଳିତ ବୃଷ ରାଶିର ବ୍ୟକ୍ତି ସାଧାରଣତଃ ଐଶ୍ୱର୍ଯ୍ୟ, ସୁଖ-ସୌଭାଗ୍ୟ ଓ ସ୍ଥିରତା ପସନ୍ଦ କରନ୍ତି। ଏମାନେ ଅର୍ଥ ସଞ୍ଚୟ ଓ ନିବେଶରେ ଅତ୍ୟନ୍ତ ଚତୁର ହୋଇଥାନ୍ତି। ବ୍ୟାଙ୍କିଙ୍ଗ, ରିଅଲ ଏଷ୍ଟେଟ, କଳା, ଫ୍ୟାଶନ ଓ ଖାଦ୍ୟ ଶିଳ୍ପରେ ଏମାନେ ସଫଳତା ହାସଲ କରିଥାନ୍ତି। ଏମାନେ କଠୋର ପରିଶ୍ରମୀ ଏବଂ ଧୈର୍ଯ୍ୟଶୀଳ, ଯାହା ଏମାନଙ୍କୁ ଦୀର୍ଘମିଆଦି ଆର୍ଥିକ ସ୍ଥିରତା ଆଣିଥାଏ।

କନ୍ୟା ରାଶି: ବୁଧ ଗ୍ରହ ଦ୍ୱାରା ପରିଚାଳିତ କନ୍ୟା ରାଶିର ବ୍ୟକ୍ତି ବିଶ୍ଳେଷଣାତ୍ମକ ଓ ଯୋଜନାବଦ୍ଧ। ଏମାନେ ଆର୍ଥିକ ଯୋଜନା ଓ ବ୍ୟବସ୍ଥାପନାରେ ପାରଙ୍ଗମ। ପ୍ରଯୁକ୍ତି, ହିସାବ ନିକାଶ, ପରାମର୍ଶ ଓ ସେବା କ୍ଷେତ୍ରରେ ଏମାନେ ଉଚ୍ଚସ୍ତରୀୟ ସଫଳତା ହାସଲ କରନ୍ତି। ଏମାନଙ୍କର ସଂଗଠନ କ୍ଷମତା ଓ ସୂକ୍ଷ୍ମ ଦୃଷ୍ଟିକୋଣ ଅର୍ଥ ପରିଚାଳନାରେ ସହାୟକ ହୋଇଥାଏ।

ବିଛା ରାଶି: ମଙ୍ଗଳ ଓ ପ୍ଲୁଟୋ ଦ୍ୱାରା ପରିଚାଳିତ ବିଛା ରାଶିର ବ୍ୟକ୍ତି ଅତ୍ୟନ୍ତ ନିଷ୍ଠାବାନ ଓ ଲକ୍ଷ୍ୟଭିତ୍ତିକ। ଏମାନେ ରିସ୍କ ନେବାରେ ପଛାନ୍ତି ନାହିଁ ଏବଂ ବ୍ୟବସାୟ, ନିବେଶ ଓ ଅନୁସନ୍ଧାନ କ୍ଷେତ୍ରରେ ସଫଳତା ହାସଲ କରନ୍ତି। ଅନ୍ୟମାନଙ୍କ ସମ୍ପଦ ପରିଚାଳନା କରିବାରେ ମଧ୍ୟ ଏମାନେ ଦକ୍ଷ। ଏମାନଙ୍କର ଗଭୀର ଚିନ୍ତାଧାରା ଓ ନିର୍ଣ୍ଣୟ କ୍ଷମତା ଆର୍ଥିକ ସଫଳତାରେ ସହାୟକ।

# କିସ୍‌ମିସ୍‌ରେ ରହିଛି ଅନେକ ଉପକାରୀ ଗୁଣ



କିସ୍‌ମିସ୍‌ରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଏହାକୁ ଖାଇଲେ ତାହା ହଜମ କ୍ରିୟାକୁ ଆହୁରି ସକ୍ରିୟ କରିଥାଏ। ଏହାବ୍ୟତୀତ କୋଷ୍ଠକାଠିନ୍ୟ ପରି ସମସ୍ୟାରୁ ଅନେକାଂଶରେ ଉପଶମ ମିଳିଥାଏ। କେବଳ ସେତିକି ନୁହେଁ, କିସ୍‌ମିସ୍ କମ୍ କ୍ୟାଲୋରିଯୁକ୍ତ। ଏହା ଓଜନ କମାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏଥିରେ ଏଭଳି ତତ୍ତ୍ୱ ଅଛି, ଯାହା ଶରୀରରେ ସୁଗାର ସ୍ତରକୁ କେତେକାଂଶରେ ସନ୍ତୁଳିତ ରଖେ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ୍ ଗୁଣ ମଧ୍ୟ ରହିଛି। ଏହାକୁ ଖାଇଲେ ତାହା ଦୃଷ୍ଟିଶକ୍ତିକୁ ପ୍ରଖର କରିବାରେ ସାହାଯ୍ୟ କରିଥାଏ। ଏହା ମଧ୍ୟ ଶରୀରରେ ଶକ୍ତି ବୃଦ୍ଧି କରିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ଏହାକୁ ଖାଇଲେ ତାହା ହାର୍ଟ ପାଇଁ ମଧ୍ୟ ଉପକାରୀ। ପେଟରେ ଏସିଡିଟି ସମସ୍ୟା ଦେଖାଦେଲେ ଏହା ସେଥିରୁ କେତେକାଂଶରେ ଉପଶମ ଦେଇଥାଏ। କେବଳ ସେତିକି ନୁହେଁ, ଶରୀରରେ କୋଲେଷ୍ଟରଲ ସ୍ତରକୁ ମଧ୍ୟ ସନ୍ତୁଳିତ ରଖେ। ଚର୍ମକୁ ମଧ୍ୟ ନମନୀୟ ରଖିଥାଏ କିସମିସ୍।

# ବ୍ଲାକ୍ ହେଡ୍ସ ନେଇ ଚିନ୍ତିତ କି ?



କେତେକ ଲୋକଙ୍କ ନାକ ଏବଂ ଗାଲରେ ଅଧିକ ପରିମାଣରେ ବ୍ଲାକ୍ ହେଡ୍ସ ଦେଖାଯାଇଥାଏ। ବ୍ଲାକ୍ ହେଡ୍ସ ସେତେବେଳେ ହୁଏ ଯେତେବେଳେ ବାହାରର ଧୂଳି,ପ୍ରଦୂଷଣ ଆଦି ନାକର ଚାରିପଟେ ଅପରିଷ୍କାର ଜମା ହୋଇ ରହିଥାଏ।

ଯଦି ଆପଣଙ୍କ ମୁହଁରେ ଅଧିକ ପରିମାଣରେ ବ୍ଲାକ୍ ହେଡ୍ସ ହୋଇଯାଇଛି ତେବେ ଲେମ୍ବୁ ଏବଂ ଲୁଣର ବ୍ୟବହାର କରିପାରିବେ। ପ୍ରଥମେ ଲେମ୍ବୁ ରସରେ ଲୁଣ ମିକ୍ସ କରି ଦିଅନ୍ତୁ। ଏହାକୁ ବ୍ଲାକ୍ ହେଡ୍ସ ସ୍ଥାନରେ ଲଗାଇ ତାକୁ ଭଲଭାବେ ଘଷନ୍ତୁ। କିଛି ସମୟ ଛାଡ଼ି ଏହାକୁ ପାଣି ସାହାଯ୍ୟରେ ଧୋଇ ଦିଅନ୍ତୁ। ଲେମ୍ବୁ ଲୁଣ ସାହାଯ୍ୟରେ ପ୍ରତିଦିନ ସଫା କରିବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ।

ନାକ ଉପରେ ଯଦି ଅଧିକ ବ୍ଲାକ୍ ହେଡ୍ସ ହୋଇଯାଇଛି ତେବେ ବେକିଂ ସୋଡ଼ା ଲଗାନ୍ତୁ। ଏଥିପାଇଁ ପାଣିରେ ଅଧା ଚାମଚ ବେକିଂ ସୋଡ଼ା ମିଶାଇ ଯେଉଁଠି ବ୍ଲାକ୍ ହେଡ୍ସ ହୋଇଛି ସେଇଠି ୧୦ମିନିଟ୍ ପର୍ଯ୍ୟନ୍ତ ଲଗାଇ ଛାଡ଼ି ଦିଅନ୍ତୁ। ଏହାକୁ କିଛି ସମୟ ପରେ ପାଣିରେ ଧୋଇ ସଫା କରି ଦିଅନ୍ତୁ।

ଆପଣ ସ୍କିନ୍‌ରେ ମହୁ ବି ଲଗାଇ ପାରିବେ। ମହୁ ସହିତ ଡାଲ୍‌ଚିନି ପାଉଡର ମିକ୍ସ କରି ଏହି ପେଷ୍ଟକୁ ଲଗାନ୍ତୁ। ଫଳରେ କିଛି ମାତ୍ରାରେ ବ୍ଲାକ୍ ହେଡ୍ସ ଦୂର ହୋଇଯିବ।

# ଓଜନ ହ୍ରାସ କରେ ଚିଆ ସିଡ୍‌ସ: ଜାଣନ୍ତୁ ପିଇବାର ସଠିକ୍ ଉପାୟ....

*ଚିଆ ସିଡ୍‌ସରେ ଫାଇବର, ପ୍ରୋଟିନ, ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ପରିମାଣରେ ଥାଏ। ଅନେକ ପୋଷକ ତତ୍ତ୍ୱରେ ଭରପୂର ଏହି ସିଡ୍‌ସ ବା ମଞ୍ଜି ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ। ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଆପଣ ଏହାକୁ ଅନେକ ଉପାୟରେ ଖାଇପାରିବେ। ଏହା ବିଶେଷକରି ଓଜନ ହ୍ରାସ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଭଲ। ଜାଣନ୍ତୁ ଚିଆ ସିଡ୍‌ସ ପିଇବାର ସଠିକ୍ ଉପାୟ...*

ସୋସିଆଲ ମିଡିଆରେ ଅନେକ ଭିଡିଓ କିମ୍ବା ପୋଷ୍ଟ ଦେଖିଥିବେ ଯେଉଁଥିରେ ଲୋକମାନେ ଏହାକୁ ପାଣିରେ ମିଶାଇ ପିଉଛନ୍ତି, ଯେତେବେଳେ ଅନେକ ଲୋକ ଏହାକୁ ଦହି କିମ୍ବା ଫ୍ରୁଟ୍ ସାଲାଡ ସହିତ ଖାଉଥିବାର ଦେଖାଯାଉଛି। କିନ୍ତୁ ପ୍ରଶ୍ନ ହେଉଛି, ଏହା କ'ଣ ସଠିକ୍ ଉପାୟ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଯଦିଓ ଲୋକମାନେ ଚିଆ ସିଡ୍‌ସ ନିଜ ଜୀବନଶୈଳୀର ଏକ ଅଂଶ କରୁଛନ୍ତି, କିନ୍ତୁ ସେମାନଙ୍କୁ ଏହାର ସଠିକ୍ ବ୍ୟବହାର ଉପାୟ ଜଣାନାହିଁ। ଫଳରେ ସେମାନଙ୍କୁ ପେଟ ସମ୍ବନ୍ଧୀୟ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ।

ଚିଆ ସିଡ୍‌ସକୁ ୩୦ ମିନିଟ୍ ପାଇଁ ଭିଜାଇ ରଖନ୍ତୁ: ଯଦି ଆପଣ ଚିଆ ସିଡ୍‌ସକୁ ଠିକ୍ ଭାବରେ ଭିଜାଇବେ, ତେବେ ଏହାର ଉପଯୁକ୍ତ ଲାଭ ପାଇପାରିବେ। ଯେତେବେଳେ ଆପଣ ଏହାକୁ ପାଣି, କ୍ଷୀର କିମ୍ବା ଦହି ସହିତ ପିଅନ୍ତି, ଏହାକୁ ୩୦ ମିନିଟ୍ ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ରଖନ୍ତୁ। କାରଣ ଏହା ପାଣିରେ ଯେତେ ଫୁଲିଯାଏ, ଏଥିରେ ଥିବା ଫାଇବର ଏବଂ ପୋଷକ ତତ୍ତ୍ୱର ସ୍ତର ମଧ୍ୟ ବୃଦ୍ଧି ପାଏ। ଯେତେବେଳେ ଆପଣ ଦହିରେ ଚିଆ ସିଡ୍‌ସ ମିଶାଇ ପିଅନ୍ତି, ଏହାକୁ ଅଳ୍ପ ପରିମାଣରେ ପିଅନ୍ତୁ।





ଏହି ଦୁଇଟି ଜିନିଷରେ ପୂର୍ବରୁ ଅଧିକ ପରିମାଣର ପ୍ରୋଟିନ ରହିଛି। ତେଣୁ ଏହାକୁ ପିଇବା ସମୟରେ ସତର୍କ ରୁହନ୍ତୁ। ଯେତେବେଳେ ଆଣ ଚିଆ ସିଡ୍‌ସ୍ ପିଉଛନ୍ତି ଏହାର ପରିମାଣର ବିଶେଷ ଧ୍ୟାନ ଦିଅନ୍ତୁ। କାରଣ ଯଦି ଆପଣ ଅଧିକ ଚିଆ ସିଡ୍‌ସ ଖାଆନ୍ତି ତେବେ ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ପ୍ରମାଣିତ ହୋଇପାରେ। ଏହା କରିବା ଦ୍ୱାରା ପାଚନ ସମସ୍ୟା ହୋଇପାରେ। ତେଣୁ ପ୍ରତିଦିନ କେବଳ ୧ ଚାମଚ ଚିଆ ସିଡ୍‌ସ ଖାଇବାକୁ ଚେଷ୍ଟା କରନ୍ତୁ। ଠିକ୍ ଉପାୟରେ ଖାଅ। ବିଶେଷଜ୍ଞଙ୍କ ମତରେ, ଯଦି ପ୍ରତିଦିନ ୧ ଚାମଚରୁ ଅଧିକ ଚିଆ ସିଡ୍‌ସ ସେବନ କରାଯାଏ, ତେବେ ଶରୀରରେ ଅତିରିକ୍ତ ଫାଇବର ସମସ୍ୟା ହୋଇପାରେ। କୋଷ୍ଠକାଠିନ୍ୟ ସମସ୍ୟାର ସମାଧାନ କରୁଥିବା ଫାଇବର ଏହାକୁ ଆହୁରି ବୃଦ୍ଧି କରେ।

ଚିଆ ସିଡ୍‌ସ ଖାଇବାର ସଠିକ ସମୟ: ଯେକୌଣସି ସମୟରେ ଚିଆ ସିଡ୍‌ସ ଖାଆନ୍ତୁ ନାହିଁ। ଯେତେବେଳେ ବି ଏହାକୁ ଖାଆନ୍ତି ସକାଳେ ଖାଲି ପେଟରେ ଗୋଟିଏ ଚାମଚ ଉଷୁମ ପାଣି ସହିତ ଖାଆନ୍ତୁ। ଯଦି ଆପଣ ଏହାକୁ ଖାଇବାକୁ ଚାହାନ୍ତି, ତେବେ ଆପଣ ଏହାକୁ ଖାଲି ପେଟରେ ସ୍ମୁଦି ସହିତ ମିଶାଇ ମଧ୍ୟ ଖାଇପାରିବେ। ଯଦି ଆପଣ ଜିମ୍ ଯିବା ପୂର୍ବରୁ ଚିଆ ମଞ୍ଜି ପିଅନ୍ତି ତେବେ ଏହା ଆପଣଙ୍କୁ ସାରା ଦିନ ସତେଜ ରଖିଥାଏ। ଏହା ଆପଣଙ୍କର ଭୋକ ଏବଂ ଆଳସ୍ୟ ଉଭୟକୁ ଦୂର କରିଥାଏ।

# ସାଧାରଣ ଖାଇବା ତେଲରେ ଥିବା ଉପାଦାନ ସ୍ତନ କର୍କଟ ସହ ଜଡ଼ିତ: ଗବେଷଣାରୁ ମିଳିଲା ନୂଆ ତଥ୍ୟ

ସାଧାରଣ ଖାଇବା ତେଲରେ ବ୍ୟବହୃତ ଏକ ପ୍ରମୁଖ ଉପାଦାନ, ଲିନୋଲେଇକ ଏସିଡ , ଆକ୍ରମଣାତ୍ମକ ସ୍ତନ କର୍କଟର ଆଶଙ୍କା ବଢ଼ାଇପାରେ ବୋଲି ସାମ୍ପ୍ରତିକ ଗବେଷଣାରୁ ଜଣାପଡ଼ିଛି। ବ୍ରିଟେନର ଖ୍ୟାତନାମା କର୍କଟ ବିଶେଷଜ୍ଞଙ୍କ ଏକ ଅଧ୍ୟୟନରେ ଦାବି କରାଯାଇଛି ଯେ ଏହି ଫ୍ୟାଟି ଏସିଡ, ଯାହା ସୂର୍ଯ୍ୟମୁଖୀ, ସୋୟାବିନ ଏବଂ ମକା ତେଲ ଆଦି ଖାଇବା ତେଲରେ ପ୍ରଚୁର ମାତ୍ରାରେ ମିଳେ, ସ୍ତନ କର୍କଟର ଅଧିକ ଆକ୍ରମଣାତ୍ମକ ରୂପ ସହ ଜଡ଼ିତ ହୋଇପାରେ।

ଗବେଷଣାରୁ କ'ଣ ଜଣାପଡ଼ିଛି ?: ଏକ ସାମ୍ପ୍ରତିକ ଅଧ୍ୟୟନରେ ଗବେଷକମାନେ ଲିନୋଲେଇକ ଏସିଡ ଏବଂ ସ୍ତନ କର୍କଟ କୋଷର ବୃଦ୍ଧି ମଧ୍ୟରେ ଏକ ଜୈବିକ ସମ୍ପର୍କ ଚିହ୍ନଟ କରିଛନ୍ତି। ଏହି ଉପାଦାନ ଶରୀରରେ ପ୍ରଦାହଜନକ ପ୍ରକ୍ରିୟାକୁ ବଢ଼ାଇପାରେ, ଯାହା କର୍କଟ କୋଷର ବିସ୍ତାରକୁ ତ୍ୱରାନ୍ୱିତ କରିପାରେ। ତେବେ, ବିଶେଷଜ୍ଞମାନେ ମଧ୍ୟ କହିଛନ୍ତି ଯେ ଏହି ଗବେଷଣା ପ୍ରାଥମିକ ପର୍ଯ୍ୟାୟରେ ରହିଛି ଏବଂ ଏହାର ପୂର୍ଣ୍ଣ ପ୍ରଭାବ ବୁଝିବା ପାଇଁ ଆହୁରି ଅଧ୍ୟୟନ ଆବଶ୍ୟକ।



ପ୍ରତିକ୍ରିୟା ଏବଂ ସତର୍କତା : ବିଶେଷଜ୍ଞମାନେ ଆତଙ୍କିତ ନହେବାକୁ ପରାମର୍ଶ ଦେଇଛନ୍ତି। ଡାକ୍ତର ଅଲିୟା ଶାହା, ଜଣେ କର୍କଟ ଗବେଷକ, ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, "ଲିନୋଲେଇକ ଏସିଡ ଏକ ଅତ୍ୟାବଶ୍ୟକ ଫ୍ୟାଟି ଏସିଡ, ଯାହା ଶରୀର ପାଇଁ ଆବଶ୍ୟକ। ଏହାକୁ ସମ୍ପୂର୍ଣ୍ଣ ବାଦ ଦେବା ଅନୁଚିତ। ତେବେ, ମଧ୍ୟମ ମାତ୍ରାରେ ଏହାର ବ୍ୟବହାର ଏବଂ ବିଭିନ୍ନ ତେଲର ମିଶ୍ରଣ ବ୍ୟବହାର କରିବା ଉଚିତ।"

କେଉଁ ତେଲରେ ଲିନୋଲେଇକ ଏସିଡ ଅଧିକ ?

ସୂର୍ଯ୍ୟମୁଖୀ ତେଲ: ୫୫-୬୫% ଲିନୋଲେଇକ ଏସିଡ

ସୋୟାବିନ ତେଲ: ୫୦-୫୫%

କର୍ଣ୍ଣ ତେଲ: ୪୫-୫୫%

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ: ତେଲର ବିବିଧତା: ଏକାଧିକ ତେଲ (ଯଥା ଅଲିଭ, ଶୋରିଷ, ନଡ଼ିଆ) ବ୍ୟବହାର କରନ୍ତୁ, ଯାହା ଲିନୋଲେଇକ ଏସିଡର ଅତ୍ୟଧିକ ସେବନକୁ ହ୍ରାସ କରିବ।

ସରକାରୀ ଏବଂ ସ୍ୱାସ୍ଥ୍ୟ ସଂଗଠନଙ୍କ ଭୂମିକା: ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ଗବେଷଣା ଉପରେ ନଜର ରଖିଛନ୍ତି। ଏଫଏସଏସଆଇ ରନ୍ଧନ ତେଲରେ ଫ୍ୟାଟି ଏସିଡର ମାତ୍ରା ନିୟନ୍ତ୍ରଣ ପାଇଁ ମାର୍ଗଦର୍ଶିକା ଜାରି କରିପାରେ ବୋଲି ଆଲୋଚନା ଚାଲିଛି।

ଯଦିଓ ଲିନୋଲେଇକ ଏସିଡ ଏବଂ ସ୍ତନ କର୍କଟ ମଧ୍ୟରେ ସମ୍ପର୍କ ଚିହ୍ନଟ ହୋଇଛି, ଏହା ଏକମାତ୍ର କାରଣ ନୁହେ। ଜୀବନଶୈଳୀ, ଜେନେଟିକ୍ସ ଏବଂ ଅନ୍ୟାନ୍ୟ ଖାଦ୍ୟ ଅଭ୍ୟାସ ଦ୍ୱାରା ମଧ୍ୟ କର୍କଟ ଆଶଙ୍କା ରହିଥାଏ।

# ଏସବୁ ଖାଦ୍ୟ ଖାଇବା ପରେ ପାଣି ପିଇବା ଆଦୌ ଠିକ୍ ନୁହେଁ, ଜାଣନ୍ତୁ...

ଶରୀରକୁ ସୁସ୍ଥ ରଖିବାରେ ପାଣିର ଭୂମିକା ଯଥେଷ୍ଟ ରହିଥାଏ। କୁହାଯାଏ, ଜଣେ ସୁସ୍ଥ ବ୍ୟକ୍ତିଙ୍କୁ ପ୍ରତିଦିନ ୬ରୁ ୧୦ ଗ୍ଲାସ ପାଣି ପିଇବା ନିହାତି ଆବଶ୍ୟକ। କିନ୍ତୁ ଜରୁରୀ ନୁହେଁ, ସବୁ ଲୋକଙ୍କୁ ସମାନ ମାତ୍ରାର ପାଣି ପିଇବା ଦରକାର। ଶରୀରର ଆବଶ୍ୟକତା ଅନୁଯାୟୀ, ଯାହାକୁ ଯେତିକି ଦରକାର ସିଏ ସେତିକି ପାଣି ପିଇପାରିବେ। ସେହିପରି ଏମିତି କିଛି ଖାଦ୍ୟ ବି ରହିଛି; ଯାହାକୁ ଖାଇ ସାରିବା ପରେ ପାଣି ପିଇବା ମଧ୍ୟ ଆଦୌ ଠିକ୍ ନୁହେଁ। ଯେମିତିକି: ଚଣା ଭଜା ଖାଇବା ପରେ ସାଙ୍ଗେ ସାଙ୍ଗେ ଆଦୌ ପାଣି ପିଇବେ ନାହିଁ। କାରଣ ପାଣି ପିଇଦେଲେ ଚଣା ଠିକ୍‌ରେ ହଜମ ହୁଏନାହିଁ; ଯଦ୍ୱାରା ପେଟ ଦରଜ ସମସ୍ୟା ଦେଖାଯିବ। ସେହିପରି ପିଜୁଳି ଖାଇବା ପରେ ମଧ୍ୟ ପାଣି ପିଇବା ଠିକ୍ ନୁହେଁ। ଏହା ଗ୍ୟାସ ସମସ୍ୟାକୁ ଡାକି ଆଣିଥାଏ। ଅନ୍ୟପକ୍ଷେ ଆଇସ୍‌କ୍ରିମ୍ ଖାଇବା ପରେ ବି ପାଣି ପିଇଲେ ତଣ୍ଟି ଦରଜ ହେବା ସହ ଦାନ୍ତରେ ସେନ୍‌ସେଶନ୍ ସମସ୍ୟା ଦେଖାଯାଇଥାଏ। ଏହାଛଡ଼ା ଯେଉଁ ଫଳରେ ଜଳୀୟ ଅଂଶ ଅଧିକ ଥାଏ ଯଥା: କମଳା, କାକୁଡ଼ି, ଷ୍ଟବେରୀ, ତରଭୁଜ, ଖରଭୁଜ ଇତ୍ୟାଦି ଖାଇବା ପରେ ଆଦୌ ପାଣି ପିଅନ୍ତୁ ନାହିଁ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୩ ଅଗଷ୍ଟ ୨୦୨୫, ଶନିବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସନ୍ତୁଳିତ ନିଷ୍ପତ୍ତି: କାଗଜରୁ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ

ସର୍ବୋଚ୍ଚ ନ୍ୟାୟାଳୟର ନିକଟରେ ବୁଲା କୁକୁର ସମ୍ବନ୍ଧୀୟ ରାୟ ଭାରତୀୟ ସମାଜରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ବିଷୟ ପାଲଟିଛି । ଏହି ରାୟ କେବଳ ଏକ ଆଇନଗତ ନିଷ୍ପତ୍ତି ନୁହେଁ, ବରଂ ମାନବିକତା, ପ୍ରାଣୀ କଲ୍ୟାଣ ଏବଂ ଜନସାଧାରଣଙ୍କ ସୁରକ୍ଷା ମଧ୍ୟରେ ଏକ ସୂକ୍ଷ୍ମ ସନ୍ତୁଳନ ରକ୍ଷା କରିବାର ଏକ ପ୍ରୟାସ। ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶକୁ ସଂଶୋଧନ କରି ସର୍ବୋଚ୍ଚ ନ୍ୟାୟାଳୟ ବୁଲା କୁକୁରମାନଙ୍କୁ ଟୀକାକରଣ ଏବଂ କୃମିମୁକ୍ତ କରିବା ପରେ ସେମାନଙ୍କୁ ପୁନର୍ବାର ସେମାନଙ୍କ ମୂଳ ସ୍ଥାନକୁ ଛାଡ଼ିବାକୁ ଅନୁମତି ଦେଇଛନ୍ତି । ଏହା ସହିତ, ଆକ୍ରମଣାତ୍ମକ କିମ୍ବା ଜଳାତଙ୍କ ରୋଗରେ ଆକ୍ରାନ୍ତ କୁକୁରମାନଙ୍କୁ ସର୍ବସାଧାରଣ ସ୍ଥାନରେ ଛଡ଼ାଯିବ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି । ଏହି ନିଷ୍ପତ୍ତି ବୁଲା କୁକୁର ସମସ୍ୟାକୁ ଏକ ବ୍ୟାପକ ଏବଂ ବାସ୍ତବବାଦୀ ଦୃଷ୍ଟିକୋଣରୁ ସମାଧାନ କରିବାର ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଛି, ଯାହା କେବଳ ଏକ ଦିଗକୁ ଗୁରୁତ୍ୱ ନଦେଇ ସମସ୍ତ ଦିଗକୁ ବିଚାରକୁ ନେଇଛି । ଏହା କୁକୁରମାନଙ୍କ ପ୍ରତି କରୁଣା ଏବଂ ସେମାନଙ୍କର ଅଧିକାରକୁ ସ୍ୱୀକାର କରିବା ସହିତ ମାନବ ସମାଜର ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ଧ୍ୟାନ ଦେଇଛି ।

ଏହି ରାୟର ସବୁଠାରୁ ପ୍ରଶଂସନୀୟ ଦିଗ ହେଉଛି ଏହାର ସନ୍ତୁଳିତ ବିଚାରଧାରା । ଭାରତରେ ବୁଲା କୁକୁର ସମସ୍ୟା ଏକ ଜଟିଳ ରୂପ ନେଇଛି । ଗୋଟିଏ ପଟେ ପ୍ରାଣୀପ୍ରେମୀମାନେ କୁକୁରମାନଙ୍କ ପ୍ରତି ସ୍ନେହ ଏବଂ ସେମାନଙ୍କର ସୁରକ୍ଷା ପାଇଁ ଆହ୍ୱାନ ଦେଉଛନ୍ତି, ଅନ୍ୟ ପଟେ ବୁଲା କୁକୁରଙ୍କ ଆକ୍ରମଣ ଏବଂ ଜଳାତଙ୍କ ଭୟ ସାଧାରଣ ଜନତାଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଛି । ଏହି ଦୁଇଟି ପରସ୍ପର ବିରୋଧୀ ମତ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଅତ୍ୟନ୍ତ ଆବଶ୍ୟକ ଥିଲା। ଏହି ସନ୍ତୁଳନ ରକ୍ଷା କରିବା ସମୟରେ, ମାନବ ଅଧିକାର ତଥା ସୁରକ୍ଷାକୁ ସର୍ବଦା ପ୍ରାଣୀ କଲ୍ୟାଣ ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍, କାରଣ ସାଧାରଣ ଜନତାଙ୍କ ଜୀବନ ଓ ସ୍ୱାସ୍ଥ୍ୟ ସର୍ବୋପରି । ସର୍ବୋଚ୍ଚ ନ୍ୟାୟାଳୟ ଏହି ନିଷ୍ପତ୍ତି ମାଧ୍ୟମରେ ଦର୍ଶାଇଛନ୍ତି ଯେ, କୁକୁରମାନଙ୍କୁ କେବଳ ଆଶ୍ରୟସ୍ଥଳୀରେ ଆବଦ୍ଧ କରିବା ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ, ବରଂ ଏକ ସୁସ୍ଥ ଏବଂ ନିୟନ୍ତ୍ରିତ ବାତାବରଣରେ ସେମାନଙ୍କୁ ସେମାନଙ୍କର ପ୍ରାକୃତିକ ପରିବେଶରେ ରହିବାକୁ ଦେବା ମଧ୍ୟ ଜରୁରୀ। ଟୀକାକରଣ ଏବଂ କୃମିମୁକ୍ତ କରିବା ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ ଏବଂ ଜନସାଧାରଣଙ୍କ ପ୍ରତି ଥିବା ବିପଦ ମଧ୍ୟ କମିବ । ଏହିପରି ଏକ ସୁଚିନ୍ତିତ ନିଷ୍ପତ୍ତି ପ୍ରକୃତରେ ପ୍ରଶଂସାଯୋଗ୍ୟ ।

କିନ୍ତୁ, କୌଣସି ଉତ୍ତମ ରାୟ କେବଳ କାଗଜପତ୍ରରେ ସୀମିତ ରହିଲେ ତାହାର ପ୍ରକୃତ ମୂଲ୍ୟ ରହେ ନାହିଁ । ଏହି ସନ୍ତୁଳିତ ନିଷ୍ପତ୍ତିକୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରିବା ହିଁ ଏହାର ସଫଳତାର ମାପକାଠି । ଏଥିପାଇଁ ସ୍ଥାନୀୟ ପ୍ରଶାସନ, ପୌରସଂସ୍ଥା ଏବଂ ପ୍ରାଣୀ କଲ୍ୟାଣ ସଂଗଠନମାନଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ । ଆବଶ୍ୟକୀୟ ଭିତ୍ତିଭୂମି, ଯଥା - କୁକୁରମାନଙ୍କ ପାଇଁ ଆଶ୍ରୟସ୍ଥଳୀ, ଚିକିତ୍ସା କେନ୍ଦ୍ର, ଟୀକାକରଣ କାର୍ଯ୍ୟକ୍ରମ ଏବଂ କର୍ମଚାରୀଙ୍କ ଉପଲବ୍ଧତା ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ । ରାୟରେ ଉଲ୍ଲେଖ କରାଯାଇଥିବା ନିର୍ଦ୍ଦିଷ୍ଟ ଖାଦ୍ୟ ଦେବା କ୍ଷେତ୍ର **(designated feeding zones)** ସୃଷ୍ଟି କରିବା ଏବଂ ରାସ୍ତାରେ ଖାଦ୍ୟ ଦେବାକୁ ନିଷେଧ କରିବା ଭଳି ନିୟମଗୁଡ଼ିକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପଡ଼ିବ । ଏଥିପାଇଁ ଜନସାଧାରଣଙ୍କ ସହଯୋଗ ଏବଂ ସଚେତନତା ମଧ୍ୟ ଅପରିହାର୍ଯ୍ୟ । କେବଳ ନିୟମ ପ୍ରଣୟନ କରିଦେଲେ ହେବ ନାହିଁ ବରଂ ଏହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏକ ସୁଦୃଢ଼ ଯୋଜନା ଏବଂ ନିରନ୍ତର ପ୍ରୟାସର ଆବଶ୍ୟକତା ରହିଛି ।

ଏହି ସମସ୍ୟାର ସମାଧାନ ପାଇଁ ଜନସାଧାରଣଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରାଣୀପ୍ରେମୀ ଏବଂ ସାଧାରଣ ନାଗରିକ ଉଭୟଙ୍କୁ ଏହି ନିଷ୍ପତ୍ତିର ମର୍ମକୁ ବୁଝିବାକୁ ପଡ଼ିବ । ନିଜର ପୋଷା କୁକୁରମାନଙ୍କର ଉତ୍ତରଦାୟିତ୍ୱ ଗ୍ରହଣ କରିବା, ସେମାନଙ୍କୁ ଟୀକାକରଣ କରିବା ଏବଂ ବୁଲା କୁକୁରମାନଙ୍କ ପ୍ରତି ସହାନୁଭୂତି ରଖିବା ସହିତ ସାମାଜିକ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ । ଯେଉଁ କୁକୁରମାନେ ଆକ୍ରମଣାତ୍ମକ ଆଚରଣ ପ୍ରଦର୍ଶନ କରୁଛନ୍ତି କିମ୍ବା ରୋଗଗ୍ରସ୍ତ ଅଛନ୍ତି, ସେମାନଙ୍କ ସମ୍ବନ୍ଧରେ ସ୍ଥାନୀୟ ପ୍ରାଧିକାରୀମାନଙ୍କୁ ସୂଚନା ଦେବା ଦ୍ୱାରା ଏହି ଯୋଜନାକୁ ସଫଳ କରିବାରେ ସହାୟତା ମିଳିବ । ସଚେତନତା ଅଭିଯାନ ମାଧ୍ୟମରେ ଲୋକମାନଙ୍କୁ ବୁଲା କୁକୁରଙ୍କ ସହିତ କିପରି ସୁରକ୍ଷିତ ଭାବେ ରହିହେବ, ସେ ବିଷୟରେ ଶିକ୍ଷା ଦେବା ମଧ୍ୟ ଜରୁରୀ ।

ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାର ପରିସରକୁ ସାରା ଦେଶକୁ ବ୍ୟାପକ କରି ଏକ ସମାନ ଜାତୀୟ ନୀତି ପ୍ରଣୟନ କରିବାକୁ ପ୍ରସ୍ତାବ ଦେଇଛନ୍ତି, ଯାହା ଏକ ଅତ୍ୟନ୍ତ ଦୂରଦର୍ଶୀ ପଦକ୍ଷେପ । ଭାରତର ବିଭିନ୍ନ ରାଜ୍ୟ ଏବଂ ସହରରେ ବୁଲା କୁକୁର ସମସ୍ୟାକୁ ନେଇ ଭିନ୍ନ ଭିନ୍ନ ନିୟମ ଏବଂ କାର୍ଯ୍ୟକାରିତା ରହିଛି, ଯାହା ଅନେକ ସମୟରେ ବିଭ୍ରାନ୍ତି ଏବଂ ଅସଙ୍ଗତି ସୃଷ୍ଟି କରେ । ଏକ ସମାନ ଜାତୀୟ ନୀତି ପ୍ରଣୟନ ହେଲେ ଏହି ସମସ୍ୟାକୁ ଏକ ସୁସଂଗଠିତ ଢଙ୍ଗରେ ସମାଧାନ କରିବା ସମ୍ଭବ ହେବ । ଏହା ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ଏକ ସାଧାରଣ ମାର୍ଗଦର୍ଶିକା ପ୍ରଦାନ କରିବ, ଯାହା ସମ୍ବଳର ସୁବିନିଯୋଗ ଏବଂ କାର୍ଯ୍ୟକାରିତାରେ ସମାନତା ଆଣିବ । ଏହି ଜାତୀୟ ନୀତିରେ କୁକୁର ଜନସଂଖ୍ୟା ନିୟନ୍ତ୍ରଣ **(sterilization)**, ଟୀକାକରଣ, ଆଶ୍ରୟସ୍ଥଳୀର ବ୍ୟବସ୍ଥା, ଏବଂ ଜନସାଧାରଣଙ୍କ ସଚେତନତା ଭଳି ବିଷୟଗୁଡ଼ିକୁ ସାମିଲ କରାଯିବା ଉଚିତ। ଏହା କେବଳ ବୁଲା କୁକୁର ସମସ୍ୟାର ସମାଧାନ କରିବ ନାହିଁ, ବରଂ ମାନବ ଏବଂ ପ୍ରାଣୀ ମଧ୍ୟରେ ସହାବସ୍ଥାନର ଏକ ନୂତନ ମଡେଲ ସୃଷ୍ଟି କରିବ ।

ଏହି ସମଗ୍ର ପ୍ରକ୍ରିୟା କେବଳ ଏକ ଆଇନଗତ ନିର୍ଦ୍ଦେଶ ନୁହେଁ, ବରଂ ଏକ ସାମାଜିକ ପରିବର୍ତ୍ତନର ଆରମ୍ଭ । ଏହା ଦର୍ଶାଉଛି ଯେ, ଆମ ସମାଜରେ ପ୍ରାଣୀମାନଙ୍କ ପ୍ରତି ସମ୍ବେଦନଶୀଳତା ବୃଦ୍ଧି ପାଉଛି । ଏହି ନିଷ୍ପତ୍ତିକୁ ସଫଳ କରିବା ପାଇଁ କେବଳ ସରକାରୀ ସଂସ୍ଥା ନୁହଁନ୍ତି ବରଂ ପ୍ରତ୍ୟେକ ନାଗରିକଙ୍କୁ ନିଜର ଦାୟିତ୍ୱ ବୁଝିବାକୁ ପଡ଼ିବ । ଯଦି ଏହି ରାୟକୁ ଏକ ସୁଚିନ୍ତିତ ଯୋଜନା ଏବଂ ଦୃଢ଼ ଇଚ୍ଛାଶକ୍ତି ସହିତ କାର୍ଯ୍ୟକାରୀ କରାଯାଏ, ତେବେ ଏହା ଭାରତରେ ବୁଲା କୁକୁର ସମସ୍ୟାର ଏକ ସ୍ଥାୟୀ ଏବଂ ମାନବୀୟ ସମାଧାନ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏହା ଭବିଷ୍ୟତରେ ଅନ୍ୟାନ୍ୟ ଜଟିଳ ସାମାଜିକ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ମଧ୍ୟ ଏକ ଆଦର୍ଶ ଉଦାହରଣ ସୃଷ୍ଟି କରିବ । ଏକ ସନ୍ତୁଳିତ ଏବଂ ବାସ୍ତବବାଦୀ ଦୃଷ୍ଟିକୋଣ ହିଁ ପ୍ରକୃତ ସମାଧାନର ମାର୍ଗ ପ୍ରଶସ୍ତ କରିବ ।

# ଜ୍ୟୋତିଷୀ ଓ ଜ୍ୟୋତିଷବିଦ୍ୟା ପ୍ରେମୀଙ୍କୁ ଆହ୍ୱାନ



## ଅଜୟ କୁମାର ବେହେରା

ସମୟ ବଦଳିଛି। ବର୍ତ୍ତମାନ ସର୍ବତ୍ର ଯନ୍ତ୍ର ଦ୍ୱାରା ବହୁପ୍ରକାର ସୂଚନାଦି ପୂର୍ବରୁ ଅନୁମାନ କରିହେଲାଣି। କିନ୍ତୁ ଏହି ସୂଚନା ବହୁ ଆଗରୁ ସୂଚନା ପାଇଁ ଏମିତି କିଛି ସ୍ଥାୟୀ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହେବା ସ୍ଥିର ହୋଇନାହିଁ। ଯଥା ଶିଶୁଟିଏ ଜନ୍ମ ହେଲେ ତାର ବର୍ଷ ବଢ଼ିଲେ କି କି ପ୍ରକାର ରୋଗ ବ୍ୟାଧି ଓ ବିଭଗିନ୍ନ ପ୍ରକାର ବାଧାର ସମ୍ମୁଖୀନ ହୋଇପାରେ ଯଥା ଯୁଗ ଆରମ୍ଭରୁ ଯୁଗ କାଳ ଆଗେଇ ଚାଲିଲେ କ'ଣ କ'ଣ ପରିବର୍ତ୍ତନ ହୋଇଚାଲିବ ଯଥା ୩୦ ବର୍ଷିଆ ଏକ ଚକ୍ରରେ ଆଗୁଆ ଆଗ କ'ଣ ପରିବର୍ତ୍ତନ ଦେଶରେ, କାଳରେ ଓ ପାତ୍ରଙ୍କର ହୋଇପାରେ ଏପରି ପ୍ରତିବର୍ଷ ଏପରି ବର୍ଷ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କ'ଣ କ'ଣ ପରିବର୍ତ୍ତନ ହୋଇପାରେ ଓ ସମୟ ଉପଭୋକ୍ତା ମାନଙ୍କ ମଧ୍ୟରେ କେଉଁ କେଉଁ ଗୋଷ୍ଠୀ ଲାଭ ପାଇବେ କିଏ କ୍ଷତି ସହିବେ ଏମିତି ଅନେକ ପ୍ରକାର ଘଟଣା ଅଗ୍ରୀମ ସୂଚନା ଯେ କୌଣସି ଯନ୍ତ୍ର ଏପର୍ଯ୍ୟନ୍ତ ଦେଇପାରିବ ନାହିଁ।

ବିଦ୍ୟାର୍ଜ୍ଜନ କାଳରେ ଶିକ୍ଷକମାନେ ପିଲାର ଧର୍ମଶାସ୍ତ୍ରରେ ପରାକାଷ୍ଠା ବାରମ୍ବାର ତଦନ୍ତ କରି କିଏ ବିଦ୍ୱାନ ହେବ କିଏ ଗଧ ହେବ ବା କିଏ ଶ୍ରମ ଜୀବନ ଯାପନ କରିବ ତାହା ଜାଣିପାରନ୍ତି। ପରୀକ୍ଷା ଖାତା ଦେଖିବାବେଳେ ଶିକ୍ଷକ ଉପଯୁକ୍ତ ପ୍ରଶ୍ନ ଉପଯୁକ୍ତ ଉତ୍ତର ଦେଖିବାକୁ ନ ପାଇଥିଲେ ମୂଲ୍ୟାୟନ କରି ପିଲାର ଭବିଷ୍ୟତ ସୂଚନା ପିଲାର ମୁରବୀ ମାନଙ୍କୁ ପୋଗ୍ରେସ ରିପୋର୍ଟରେ ସୂଚାନ୍ତି। ଯଦି ସେ ପିଲାର ଯତ୍ନ ନିଆଯାଏ ତେବେ ଶିକ୍ଷକ ଯାହା ଭାବି ଥାନ୍ତି ତାହାହିଁ ତାର ଜୀବନରେ ଘଟିଥାଏ। ସବୁ ସ୍ତରରେ ଭବିଷ୍ୟତ ଜାଣିବା ପାଇଁ ସମସ୍ତେ ଉତ୍ସୁକ ମାତ୍ର ଘଟିବା ଘଟଣା ମଧ୍ୟରେ ଯଦି ଆତଙ୍କ ଆସିବ ଏହାପାଇଁ ସତର୍କ ରହିବାକୁ ମଧ୍ୟ ପରିସ୍ଥିତି ଦୌଡ଼ାଏ। ଚୀନ ଦେଶର ଉହାନ ସହରରେ କରୋନା ପାର୍ଦ୍ଦୁଭାବ ଦେଖାଦେଲା ଆସ୍ତେ ଆସ୍ତେ ଏ ପୃଥିବୀ ବ୍ୟାପିଗଲା ଏକଥା ସମସ୍ତେ ଅଙ୍ଗେ ଲିଭାଇଛନ୍ତି। ଏ ରୋଗ ବ୍ୟାପିବା ପାଇଁ କେଉଁ କେଉଁ ମାଧ୍ୟମ ହୋଇଛି ତାର ସ୍ତରକୁ ସର୍ବଦା ଧ୍ୟାନ ପାଇଁ ମୂଳତଃ ଧରା ଯାଉନାହିଁ। ଯଦିବା ଦେଶରୁ ଦେଶ ଯାତ୍ରା ପାଇଁ ଭିସା ପାସପୋର୍ଟର ବିଧାନ ରହିଛି ଏ ମଧ୍ୟରେବ୍ୟକ୍ତିର ଜଳ ବାୟୁ ପରିବେଶ ଯେ ଏକରୁ ଦୁଇ ହୋଇଯିବ ଭାଷା କଥନ ବଦଳିଯିବ, ଖାଇବା ପିଇବା ବଦଳିଯିବା ଏକଥା ସମସ୍ତଙ୍କୁ ପ୍ରଥମେ ଭାବିବାକୁ ପଡ଼ିବ। ଅଗ୍ନରେ କାମ କରିବା ଲୋକ ହଠାତ୍ ଯାଇ ବରଫରେ କାମକଲେ ତାର ସ୍ୱାସ୍ଥ୍ୟ ଭଲ ରହିବ କି ? ସେହିପରି ହଲାକା ପୋଷାକ ପିନ୍ଧିବା ଲୋକ ଓଜନଦାର କୋଟପ୍ୟାଣ୍ଟରେ ଆବୃତ୍ତ ରହିଲେ ଚର୍ମରେ କିଛି ବ୍ୟତିକ୍ରମ ଘଟିବ ନା ନାହିଁ। ଏ ଦେଶ ଲୋକ ଛଅ ଋତୁରେ ଅଭ୍ୟସ୍ତ ମାତ୍ର ଅନ୍ୟ ଦେଶକୁ ଗଲେ କେବେ ସଠିକ ଛଅ ଋତୁର ଅନୁଭବ କରିପାରିବେ ନାହିଁ। ରୋଗ ମାନବ ଅନ୍ତରୁ ଓ ମହରଗ ଆକାଶରୁ ହିଁ ହୁଏ। ଆର୍ଯ୍ୟୁବେଦ ଔଷଧ ନିର୍ମାତା ମାନେ ଡାକ ଦିଅନ୍ତି ସବୁ ତାଲାର ଏକ ଚାବି ଏହା ସମ୍ଭବ ନହେଲେ ବି ତଳେଇ ଦେଖିଲେ ମନୁଷ୍ୟର ପରିପାକ ବିଭାଗ ଠିକ ରହିଲେ ଅନ୍ତ୍ରଓ ମୂତ୍ର ଯନ୍ତ୍ର ସଠିକ କାମ କଲେ ଲୋକକୁ ସହଜରେ ରୋଧରିପାରେ ନାହିଁ। ଯଥାର୍ଥରେ ଆକାଶ ଯଦି ଠିକ ବର୍ଷିବ ଠିକ ବେଳାରେ ବର୍ଷିବ ତବେ ତେବ ମହରଗ କେବେ ନୁହଁ ମାତ୍ର ଅବର୍ଷଣ ବା ଅତିବର୍ଷଣ ହେଲେ ମହରଗ ତ ହେବ ତତସହିତ ମରୁଡ଼ି ଦୁର୍ଭିକ୍ଷ କାହୁଁ କାହୁଁ ମାଡ଼ି ଆସିବ। ସବୁର ଆଗାମୀ ସୂଚନା ପାଇଁ ପୂର୍ବେ ଋଷିମୂନୀଙ୍କର ଅନୁଧ୍ୟାନରୁ ଜ୍ଞାନୀମାନଙ୍କର ତାହା ଗଣ୍ଠିଧନ ହୋଇଯାଇଥିଲା। ଯେତେବେଳେ ଋଷିମୂନୀଙ୍କର ଆଦର ରାଜ ଶକ୍ତିଙ୍କର ଅତି ସମ୍ମାନସ୍ପଦ ସ୍ଥାନ ଥିଲା, ସେତେବେଳେ ଶାସ୍ତ୍ର ଗୁଡ଼ିକ ବାରମ୍ବାର ମାର୍ଜିତ କରିବା ଉପାୟ ମାନ ବେଳକୁ ବେଳ ସଂସ୍କାର ହେଉଥିଲା। ସେତେବେଳେ ସବୁ ଦେଶୀୟ ରାଜ୍ୟ ଓ ରାଜ ଥିଲେ ସେହି ରାଜ୍ୟର କେଉଁପଟରୁ ପାଣି କେଉଁ ପଟକୁ ବର୍ଷା ସମ୍ଭବରେ ଭୂମି ଭିଜାଇ ପାରେ ତଳକୁ ଗଡ଼ିପାରେ ଏ ପ୍ରକାର ତଥ୍ୟ ସହିତ କେଉଁ ଦିଗରୁ ପବନ କେଉଁ ସମୟରେ ବହିବ ତାର ବିଧାନ ବି ସ୍ଥିର କରାଯାଇ ତହିଁ ଉପରେ ଫସଲ ଖସଡ଼ା କରାଯାଉଥିଲା।

ଏବେ ଭାରତ ଏକ ବିରାଟଦେଶ ଆଉ ରାଜ୍ୟ ବି କ୍ଷେତ୍ରଫଳ ଦୃଷ୍ଟେ ବଡ଼ ବ୍ୟାପକ କ୍ଷେତ୍ର, ଏଥିରେ ମାଳଭୂମି ସମତଳ ଭୂମି ସହିତ ଜଙ୍ଗଲ ସମୁଦ୍ରତଟ ନଦୀ ମାନଙ୍କର ଦୁଇ ପାର୍ଶ୍ୱ, ନଦୀର ଉପରମୁଣ୍ଡ ବନ୍ଧ ତଳ ମୁଣ୍ଡରେ ଗଡ଼ାଣିଆଁ ଭୂମି ଏହା ଉପରେ ଲୋକଙ୍କର ଅଗ୍ନି ବ୍ୟଞ୍ଜନର ହାଟ ମୃତ୍ତିକା କରୁଛନ୍ତି। ଦୁଇ ପ୍ରକାର ମୌସୁମୀ ବାୟୁ ଏ ରାଜ୍ୟରେ ବାଣିଜିକ ବାୟୁ ଯହିଁରେ ଫସଲାଦି ଉତ୍ପାଦନ ହେଉଛି। ମାଟି ବର୍ଷାଦିନେ ଭିଜିଥାଏ ମାଟି ଉପର ଜଳ ଅନେକ ତଳକୁ ବୋହିଗଲେବି ମାଟିର ସଚ୍ଛିଦ୍ର ସ୍ତରରେ ମାଧ୍ୟାକର୍ଷଣ ଶକ୍ତିରେ ତଳକୁ ତଳକୁ ଯିବା ସହିତ ତଳମାଟି ଉପର ମାଟିରୁ ଶୋଷି ନବା ପଦ୍ଧତିରେ କିଛି ଜଳ ତଳକୁଯାଇ ପୂର୍ବରୁ ଥିବା ଜଳସ୍ତର ସହିତ ସଂଯୋଗ ହୋଇଥାଏ। ଏସବୁ ମାଟି ଉପରେ ଥିବା ଗଛଲତାକୁ ବଞ୍ଚାଇ ରଖାଏ ଓ ମନୁଷ୍ୟ ମାନଙ୍କୁ କୂପ ମାର୍ଫତ ବ୍ୟହାର ଜଳ ଯୋଗାଉଥିବା ଏତେ କୂପଜଳର ଚାହିଦା ନାହିଁ। ନୂଳକୂପ ବସାଯାଇ ଜଳ ଶୋଷି ଉପରକୁ ଉଠାଯାଉଛି। ବହୁ ଜଙ୍ଗଲ ଭୂମି ରାସ୍ତାକଡ଼ ଗଛ ଓ କିଛି ରାସ୍ତା ଘର କାରଖାନାଦି ନିର୍ମାଣ ପାଇଁ ହାଣି ନଷ୍ଟ କରାଯାଉଛି। ଏସବୁ ବୃକ୍ଷର ଉପରକୁ ପାଣି ଚେର ଦ୍ୱାରା ଟାରି ଡାଳପତ୍ରକୁ ଯୋଗାଇବା ପ୍ରକ୍ରିୟା ରଦ୍ଧ କରିଦେବାରୁ ମୃତ୍ତିକା ଜଳସ୍ତର ତଳକୁ ତଳ ଚାଲିଯାଉଛି। ସହର ମାନଙ୍କରେ ମାଟିର ଘର ନାହିଁ, ମାଟିର ମୂଳଦୁଆ ନାହିଁ, ନଦୀବାଲିରେ ସମସ୍ତଙ୍କର ଘରର ଭିତ୍ତିଭୂମି, କେଉଁଟି ଖମ୍ବ ଉପରେ ଓ ଓଜନଦାର ନିର୍ମାଣ। ଏଣେ ମାଟି କମ୍ପାଇ ବଡ଼ ବଡ଼ ଯାନ ବଡ଼ରାସ୍ତା ରେଳରାସ୍ତା ଓ ଘର ପାଖ ଗଳିରାସ୍ତାରେ ଦୌଡ଼ୁଛି। ଏସବୁ ମାଟିର ଭୟାନକ କମ୍ପନ ସୃଷ୍ଟି କରୁଛି। କଳକାରଖାନାରେ ବ୍ୟବହୃତ ବିଭିନ୍ନ ରସାୟନିକ ଦ୍ରବ୍ୟର ଦୂଷିତ ବାଷ୍ପ ଚିମିନିରେ ଆକାଶକୁ ଛଡ଼ା ଯାଉଛି ଯାହା କିଛି ଉଚ୍ଚ ଆକାଶରେ ବାଷ୍ପଟି ଘୁରି ବୁଲିବା ବେଳେ ବର୍ଷା ପାଗରେ ମେଘ ମାଡ଼ରେ ତଳକୁ ଖୁସିଛି ଯାହା ସିମେଣ୍ଟ କାନ୍ଥ ଗୁଡ଼ିକର ରାସାୟନିକ କ୍ରିୟାରେ ଗ୍ୟାସ ଅମ୍ଳ ସଂଘାତ ଘରର କାନ୍ଥ ଛାତର ବାହାରସ୍ତର କ୍ଷତି ବାରମ୍ବାର କରାଉଛି।

ଲୋକଙ୍କ ହେଜ ପଶୁନାହିଁ ଖାଲି ରହିବା କଥା ଭାବୁଛନ୍ତି କେହି ଭବିଷ୍ୟତ ବଂଶଧରଙ୍କ ପାଇଁ ବର୍ଦ୍ଧିତ ଜନତାଙ୍କୁ କ'ଣ ଖାଇବଞ୍ଚିବାକୁ ହେବ ଏକଥା ଭାବୁଛନ୍ତି। ଏସବୁ ସହିତ ପ୍ରକୃତି ଏବେ ତାଣ୍ଡବରେ ରହିଲାଣି। କେବେ ବିଜୁଳୀ ଘଡ଼ଘଡ଼ିରେ ଏତେ ଲୋକ କ୍ଷୟ ହେବା ଶୁଣା ନଥିଲା ସହରରେ ପକାରାସ୍ତାରେ ଜଳପ୍ଲାବନ ହେବା ଶୁଣାନଥିଲା ଏପରି ସ୍ଥଳେ ଜ୍ୟୋତିଷ ମାନଙ୍କର ଏସଂସାରକୁ ପୁଣି ବେପଥରେ ନେବା ପାଇଁ ଚେଷ୍ଟା ରହିବା ଦରକାର। ବ୍ୟକ୍ତିଗତ ଜୀବନରେ ଲୋକଙ୍କ ଶୁଦ୍ଧା ସାତ୍ୱିକ ଜୀବନ ପାଇଁ ପ୍ରବର୍ତ୍ତାଇବା ପାଇଁ ଗୃହ ନିର୍ମାଣ ସଂସାର ବାନ୍ଧିବା ସୁସନ୍ତାନ ସୃଷ୍ଟି କରିବା ପଡ଼ୋଶୀ ସହିତ ଭାଇଚାରା ରଖିବା କଳିତର୍କ ବିହୀନ ପରିବାର ସୃଷ୍ଟି କରିବା ଗୁରୁ ଗୁରୁଜନଙ୍କ ସେବା କରିବା ଗୃହ ପାଳିତ ଜୀବ ମାନଙ୍କର ଉପଯୁକ୍ତ ଥଇଥାନ କରିବା ଦାୟିତ୍ୱବୋଧରେ ଜ୍ୟୋତିଷିଙ୍କର ଭୂମିକା ଅପ୍ରମିତ। ଯଦି ସମୟରେ ଯୋଗାଯୋଗ ଅତି ଉନ୍ନତ ହେବା ସମସ୍ତଙ୍କୁ ଜଣା ସବୁ ପଥର ଜ୍ୟୋତିଷମାନେ ପାଣିପାଗ ସେସ୍ଥାନର ପ୍ରକୃତି ସେ ସ୍ଥାନର ସମୁଦ୍ରପତନ ଉଚ୍ଚତା ଆକାଶୀୟ ମେଘର ଦୃଶ୍ୟ ପବନର ଦିଗ ଆଦି ଅନୁଧ୍ୟାନ ନିତ୍ୟ କରି ନିଜର ପାଖ ଦିଗର ଲୋକଙ୍କୁ ଜଣାନ୍ତେ ତେବେ ଏକ ଭଲ ଭବିଷ୍ୟତ ବାଣୀ ବହୁ ଆଗରୁ କରି ଲୋକଙ୍କୁ ସତର୍କ କରାଯାଇପାରନ୍ତି।

ଏବେ କେହି କୃଷିକୁ ପସନ୍ଦ ନକରି କେବଳ ଡାକ୍ତର ଇଞ୍ଜିନିୟର ପ୍ରଶାସକ ହେବାକୁ ଚେଷ୍ଟିତ। ଗାଈ ନପାଳି ଦୁଗ୍ଧଘୃତ ଉପଭୋକ୍ତା ଚାଷ ନକରି ଭୋଜନରେ ସ୍ୱାଦିଷ୍ଟ ଚାହୁଁ। ପଡ଼ୋଶୀ କଥା କେହି ବୁଝନ୍ତି ନାହିଁ। ନିର୍ମାଣ ଯେତିକି ଭୂମି ଖଣ୍ଡିଏ ହାସଲ କର୍ମକରିପକାଉଛନ୍ତି। ଏସବୁ ପାଇଁ ନିହାତି ଉପଦେଶ କାହାର ଆବଶ୍ୟକ ତେବେ ଅର୍ଥପିପାସୁ ହୋଇ ଭୁଲ ପରାମର୍ଶ ଜ୍ୟୋତିଷୀ ମାନେ ନଦେଇ କଠୋର ସତ୍ୟ କହିଲେ ନିଶ୍ଚୟ ସଂସାରର ଉପକାର ହେବ। ଅନ୍ନ ବିହୁନେ ହଂସହାନି, ଯୋଗସାଧିକବ କାହା ଘେନି।'

+ବରେଣ୍ୟ ବାଣୀ'
ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ମୋ: ୯୪୩୭୦୩୧୨୫୩

# ନିଜକୁ ବ୍ୟକ୍ତ କରିବାର ନିର୍ଭରଶୀଳ ମାଧ୍ୟମ ସାହିତ୍ୟ



## ମୂରଲୀଧର ସାମଲ

ଜୀବନ ସହିତ ସଖ୍ୟ ଭାବରେ ଗତି କରୁଥିବା ସାହିତ୍ୟର ସଂଜ୍ଞା ନିର୍ଦ୍ଦିଷ୍ଟ ରୂପେ ନିରୂପଣ କରିବା ଅଭିପ୍ରାୟରେ ବହୁ ବୁଦ୍ଧିଦୀପ୍ତ ଅଭିବ୍ୟକ୍ତି ସାହିତ୍ୟିକ ଚେତନାରେ ମାଳ ମାଳ ତରଙ୍ଗ ସୃଷ୍ଟି କରିଛି। ଗୀତାରେ ଭଗବାନ ଶ୍ରୀକୃଷ୍ଣ ସଖା ଅର୍ଜ୍ଜୁନଙ୍କୁ ଜୀବନ, ଜୀବ ଓ ଜଗତର ସୃଷ୍ଟି ସ୍ଥିତି ଓ ଲୟ ସମ୍ବନ୍ଧରେ ବୁଝାଇବା ଉଦ୍ଦେଶ୍ୟରେ ଜ୍ଞାନ, କର୍ମ, ଭକ୍ତି ଯୋଗର ତାତ୍ପର୍ଯ୍ୟ ପ୍ରତିପାଦନ ସୂତ୍ରରେ ସାଧନ ଓ ସାଧ୍ୟ, ମାର୍ଗ ଓ ଲକ୍ଷ୍ୟ ସମେତ ସମଗ୍ର ବିଶ୍ୱର ଅସ୍ତିତ୍ୱବୋଧର ଜାଗରଣ ନିମନ୍ତେ ବହୁ ଭାବରେ ବିଶ୍ଳେଷଣ ଓ ବିନ୍ୟାସ କରିଛନ୍ତି। କର୍ମ-ଚିନ୍ତା ଓ କର୍ତ୍ତବ୍ୟ ସଂପାଦନ କ୍ଷେତ୍ରରେ ବିଷାଦ, ଦ୍ୱିଧା ଓ ପାପତାପ ଭୟରୁ ମୁକ୍ତ କରି ସଖା ଓ ଶିଷ୍ୟ ଅର୍ଜ୍ଜୁନଙ୍କୁ ମୋକ୍ଷ ଲାଭର ପଥ ଓ ପଦ୍ଧତି ପ୍ରଦର୍ଶନ କରିବା କ୍ରମରେ ସତ୍ୟ, ଅସତ୍ୟ-ଧର୍ମ, ଅଧର୍ମ-ପୁରୁଷ, ପ୍ରକୃତି-ବିଦ୍ୟା, ଅବିଦ୍ୟା-ଚେତନା, ଚିତ୍ତ-ଶକ୍ତି, ଦୌର୍ବଲ୍ୟ-ବିଭୂତି, ବୈରାଗ୍ୟ-ସନ୍ନ୍ୟାସ, ସଂସାର ଇତ୍ୟାଦିର ବିବିଧ ଦାର୍ଶନିକ ଓ ବୈଜ୍ଞାନିକ ତତ୍ତ୍ୱର ଅବତାରଣା କରିଛନ୍ତି ଏବଂ ସମସ୍ୟା ସହିତ ପରିଚୟ କରାଇବା ସହିତ ସମାଧାନର ପନ୍ଥା ନିର୍ଦ୍ଦେଶ କରିଛନ୍ତି। ଯୁଦ୍ଧପାଇଁ ଅର୍ଜ୍ଜୁନଙ୍କ ଠାରେ ଜାଗୃତିର ଶିଖା ଉଦୟ ହେବାପରେ ବିବେଚନା ପରେ ସିଦ୍ଧାନ୍ତ ଗ୍ରହଣ କରିବାକୁ ପରାମର୍ଶ ଦେଇ ଶ୍ରୀକୃଷ୍ଣ ବକ୍ତବ୍ୟ ସାଙ୍ଗ କରିଛନ୍ତି। ଆତ୍ମ ପରିଚୟ ସ୍ପଷ୍ଟ କରିବା ପାଇଁ ଅର୍ଜ୍ଜୁନଙ୍କୁ ଶ୍ରୀକୃଷ୍ଣ ବିଶ୍ୱରୂପ ପ୍ରଦର୍ଶନ କରିଛନ୍ତି।

ସାହିତ୍ୟ ହେଉଛି ଏକ ଆଗ୍ରହ, ଏକ ଆକାଂକ୍ଷା ଓ ମାନବ ଜାତିର ସୁନ୍ଦର ଭବିଷ୍ୟତର ସ୍ୱପ୍ନ। ସାହିତ୍ୟିକ ସତ୍ୟ ଭିତରେ ସୁନ୍ଦରକୁ ଓ ସୁନ୍ଦର ଭିତରେ ସତ୍ୟକୁ ଅନ୍ୱେଷଣ କରେ। ଆପଣଙ୍କୁ ଅଧିକରୁ ଅଧିକ ବ୍ୟକ୍ତ କରିବାର ଅତ୍ୟନ୍ତ ନିର୍ଭରଶୀଳ ମାଧ୍ୟମ ସାହିତ୍ୟ ଯାହା ପଦ୍ମଶ୍ରୀ ଡ.ଅନ୍ତର୍ଯ୍ୟାମୀ ମିଶ୍ରଙ୍କ 'ଜୀବନାନୁଭୂତି' ପୁସ୍ତକରେ ପରିସ୍ଫୁଟ ହୋଇଛି। ଡା.ଅମିୟରଞ୍ଜନ ମହାପାତ୍ରଙ୍କ ପୌରହିତ୍ୟରେ ଶତାବ୍ଦୀ ଭବନରେ ଅନୁଷ୍ଠିତ ପୁସ୍ତକ ଉନ୍ମୋଚନ ସଭାରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦିବ୍ୟଦୂତ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପଣ୍ଡିତ ଡ.ମିଶ୍ରଙ୍କ 'ଜୀବନାନୁଭୂତି' ପୁସ୍ତକକୁ ପାଠକାର୍ପଣଙ୍କର ନ୍ୟାୟମୂର୍ତ୍ତି ଶଶିକାନ୍ତ ମିଶ୍ର, ଅନ୍ତର୍ଯ୍ୟାମୀଙ୍କ ବହୁମୁଖୀ ପ୍ରତିଭା ଓ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଡ.ଅଜିତ କୁମାର ତ୍ରିପାଠୀ ପୁସ୍ତକ ଓ ଲେଖକଙ୍କ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ସମ୍ମାନନୀୟ ଅତିଥି ଜ୍ୟୋତି ପ୍ରକାଶ ଦାସ ପଣ୍ଡିତ ଅନ୍ତର୍ଯ୍ୟାମୀଙ୍କୁ ଜଣେ ଉଚ୍ଚକୋଟୀର ସାହିତ୍ୟ ସାଧକ ଓ ବାଗ୍ମୀ ଭାବରେ ସୂଚାଇଥିଲେ। 'ଜୀବନାନୁଭୂତି'ର ପ୍ରକାଶକ ତଥା ବିଶିଷ୍ଟ ପ୍ରଯୋଜକ ପ୍ରଭାଂଶୁ ସାମନ୍ତରାୟ ପ୍ରକଶନୀୟ ଅଭିବ୍ୟକ୍ତିରେ ପଦ୍ମଶ୍ରୀ ମିଶ୍ରଙ୍କୁ ଦିବ୍ୟ ଚେତନାର ବାର୍ତ୍ତାବହ ଜଣେ ଅସାଧାରଣ ପ୍ରତିଭା ଭାବେ ଅଭିହିତ କରିଥିଲେ। ମୁଖ୍ୟବକ୍ତା ତପନ କୁମାର ଶତପଥୀ ଡ.ଅନ୍ତର୍ଯ୍ୟାମୀଙ୍କ ବାଲ୍ୟାବସ୍ଥା ତଥା ସାଧନାରତ ଜୀବନ ଓ ସାହିତ୍ୟକୃତି ଉପରେ ଆଲୋକପାତ କରିଥିଲେ। ଗ୍ରନ୍ଥର ରଚୟିତା ପଣ୍ଡିତ ମିଶ୍ର ନିଜ ଜୀବନର ଦିବ୍ୟାନୁଭୂତି ସଂକ୍ରାନ୍ତରେ ସୂଚନା ପ୍ରଦାନ କରିଥିଲେ। ସ୍ୱାଗତ ସମ୍ଭାଷଣ ଦେଇଥିଲେ ବାଗ୍ମୀ ଓ ସାହିତ୍ୟିକ ଶରଣାରବିନ୍ଦ ଓଝା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ସାମ୍ବାଦିକ ମୁରଲୀଧର ସାମଲ। ଏହି ଅବସରରେ ଆଦିପ୍ରଭା କ୍ରିଏଟିଭସ ନିବେଦିତ, ପବିତ୍ର ନାୟକଙ୍କ ନିର୍ଦ୍ଦେଶନା ଏବଂ ଶରଣାବିନ୍ଦଙ୍କ ଶବ୍ଦ ଓ ସ୍ୱରରେ ନିର୍ମିତ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀଙ୍କ ଉପରେ ବୃତ୍ତଚିତ୍ର 'ଅନନ୍ୟ ଅନ୍ତର୍ଯ୍ୟାମୀ' ଶତାବ୍ଦୀ ଭବନରେ ପ୍ରଦର୍ଶିତ ହୋଇଥିଲା।

ଓଡ଼ିଆ ସାହିତ୍ୟର ଉନ୍ମେଷ ଆଧ୍ୟାତ୍ମିକ ଚେତନାରୁ। ସେ ଚତେନାର ପ୍ରବାହ ସାମୟିକ ବେଗଶୀଳ ଓ ସାମୟିକ ବେଗହୀନ ହୋଇଛି। କେବେ ତାହା ଧରିତ୍ରୀକୁ ଶ୍ୟାମ ଶୋଭାରେ ମୁଗ୍ଧ କରିଛି ତ କେବେ ମଧ୍ୟ ତାହା ନିଷ୍ପ୍ରଭ ଏବଂ ନିସ୍ପୃହ ହୋଇଛି। ତେବେ ଓଡ଼ିଆ ସାହିତ୍ୟର ବିବର୍ତ୍ତନ ଯେ ମୌଳିକ ଭାବେ ଆଧ୍ୟାତ୍ମିକତାକୁ ସଂବଳ କରି ସମ୍ଭବ ହୋଇଛି ଅଷ୍ଟାଦଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ, ତାହା ସ୍ୱୀକାର କରିବାକୁ ହେବ। ଜୀବନବୋଧର ପରିଚ୍ଛନ୍ନତା ଉପରେ ଆଧ୍ୟାତ୍ମିକ ଅଭିବ୍ୟକ୍ତି ନିର୍ଭର କରେ। ଏ ପରିଚ୍ଛନ୍ନ ଜୀବନବୋଧ ସାଧନାରେ ସମ୍ଭବ ହୁଏ। ସେ ସାଧନାରୁ ଉଦଗତ ସମସ୍ତ ଜୀବନ୍ମୟ ଏବଂ ସତ୍ୟମୁଖୀ। ଯେହେତୁ ସତ୍ୟାନୁସନ୍ଧାନ ସାହିତ୍ୟର ଲକ୍ଷ୍ୟ, ସେ ଲକ୍ଷ୍ୟରେ ଉପନୀତ ହେବା ପାଇଁ ଆଧ୍ୟାତ୍ମିକତା ହିଁ ଅବଲମ୍ବନ। ଜୀବନପରି ସାହିତ୍ୟ ଯେତେବେଳେ ଆତ୍ମ ସ୍ୱୀକୃତିରେ ସର୍ବତୋଭାବେ ଆଧ୍ୟାତ୍ମିକତାକୁ ଗ୍ରହଣ କରିନିଏ, ସେତେବେଳେ ତାର ସ୍ଥିତି ଏବଂ ଗତି ସାଫଲ୍ୟ ମଣ୍ଡିତ ହୁଏ। ସୃଷ୍ଟିର ପ୍ରତିଟି ବିଭାଗ ସତ୍ୟରେ ଉପନୀତ ହେବାପାଇଁ ଗତିଶୀଳ ହେଉଥିବା ବେଳେ ସାହିତ୍ୟ ଭିନ୍ନ ଗତି ଅବଲମ୍ବନ କଲେ ତାହା ସ୍ଥିତିହୀନ ହୋଇଯିବ ସ୍ୱାଭାବିକ ଭାବରେ। ଅସତ୍ୟର ଛାୟା, ପ୍ରଚ୍ଛାୟା ଅପସାରଣ ଚେତନାଶୀଳ ସାହିତ୍ୟର ସ୍ୱାଭାବିକ କ୍ରିୟା। ସତ୍ୟ ସବୁଠି ସତତ ସକ୍ରିୟ ଓ ଲୀଳାମୟ। ଗୀତାରେ ଶ୍ରୀକୃଷ୍ଣ ସଖା ଅର୍ଜ୍ଜୁନଙ୍କୁ ବୁଝାଇଛନ୍ତି - 'ଅହମାତ୍ମା ଗୁଡ଼ାକେଶ ସର୍ବ ଭୂତାଶୟ ସିତ, ଅହମାଦିଶ୍ଚ ମଧ୍ୟଞ୍ଚ ଭୂତାନାମନ୍ତ ଏବ ଚ।' ଜୀବନ ତାର ସଖା ସାହିତ୍ୟକୁ ଠିକ ଏହା ହିଁ କହେ। ସାହିତ୍ୟ ସ୍ୱୀୟ ଚୈତନ୍ୟରେ ତାହା ସର୍ବଦା ଅନୁସରଣ କଲେ ସ୍ଥିତି, ଗତିରେ ଅମୃତମୟ ହେବ। ଏଥିପାଇଁ ପ୍ରୟୋଜନ ସାଧନା।

+ଜ୍ୟୋତି ବିହାର,
ବିଡ଼ାନାସୀ, କଟକ,
ମୋ : ୭୯୭୮୮୪୧୭୪୧






## ଅଭିଧାନ

### ଦିବାକର ନାୟକ

ତୁମ ବିନା ଏ ଜୀବନ
ଏମିତି ବି ଦେଇପାରେ
ହେଲେ ଛାଡ଼ି ତୁମକୁ ମୁଁ
କେବେ କିବା ମରିପାରେ ।

ଏ ଦେହକୁ ମୁରୁଛିବା
ନୁହେଁ କେବେ ସମାଧାନ
ମୁଁ ଲେଖିବି ଲହୁ ଲୁହେ
ନୂଆ ପ୍ରୀତି-ଅଭିଧାନ;

ତୁମ ବିନା ମୋ କାହାଣୀ
ଅଧାହୋଇ ରହିପାରେ
ମୋ ବିନା କାହାଣୀ ତୁମ
ପୂରା କିବା ହୋଇପାରେ...

ତୁମ ବିନା ଏ ଜୀବନ
ଏମିତି ବି ଦେଇପାରେ ।

କିଏ କହେ ମିଶେ ନାହିଁ
ତଟିନୀର ଦୁଇ ଧାର
ମଝିରେ ସେ ପ୍ରୀତି-ଧାରା
କରିଥାଏ ଏକାକାର;

ଆସିବା ଯିବା ଲାଗିଛି
ଏ ଦୁନିଆ-ଦରବାରେ
ଥରେ ଯିଏ ଭଲ ପାଏ
ରହିଯାଏ ହୃଦୟରେ...
ତୁମ ବିନା ଏ ଜୀବନ
ଏମିତି ବି ଦେଇପାରେ ।

+ପାଟପୁର, କନିସି, ଗଞ୍ଜାମ

## ତାକୁ ଭୁଲିବି କେମିତି

### ସରୋଜ କୁମାର ଦାସ



ତାକୁ ଭୁଲିବି କେମିତି...
ଯିଏ ଜନମ ଦେଇଛି ମୋତେ
ପ୍ରଥମ କୁଆଁରେ ପ୍ରଥମ ଛୁଆଁରେ
କୋଳେଇ ନେଇଛି ମୋତେ ।

ଅଳି ଅଝଟ ମୋ' ଖୁସିରେ ସହିଛି
ପଣତ କାନିରେ ମୋ ଲୁହ ପୋଛିଛି
ଦୁଇ ହାତ ଧରି ଚାଲି ଶିଖେଇଛି
ଝୁଣ୍ଟି ମୁଁ ପଡ଼ିଲେ କାଖେଇ ନେଇଛି ।

ଆକାଶରୁ ଚାନ୍ଦ ମାଗି ମୁଁ ବସିଲେ
ଗୀତ ଗାଇ ମୋତେ ଶୁଆଇ ଦେଇଛି,
ଛୋଟ କଢ ଟିକୁ ଦୁନିଆ ଆଗରେ
ଫୁଲ ଟିଏ କରି ଗଢିଛି ।

ସ୍ନେହ ମମତାର ଅଥଳ ସାଗର
ତା'ର ତୁଳନା ନାହିଁ ଜଗତେ
ଯିଏ ଜନମ ଦେଇଛି ମୋତେ ।

ତାକୁ ଭୁଲିବି କେମିତି ..

ଯେଉଁ ମାଟିକୁ ପ୍ରଥମେ ଛୁଇଁଛି
ଛାତିରେ ଯାହାର ନାଚି ନାଚି ମୁହିଁ
ଛୋଟରୁ ବଡଟେ ହୋଇଛି ।

ସବୁଜ ରଙ୍ଗର ଖେତରୁ ତାହାର
ମିଠା କୋଳି ତୋଳି ଖାଇଛି
ତା' ମୃଦୁ ପବନ ତାହାରି ପାଣିରେ
ଏହି ଦେହ ଗଢି ଉଠିଛି।

କେତେ ସେ ସହିଛି ଯାତନା ମୋହର
କରି ନାହିଁ ଟିକେ ଦୁଃଖ
ତାର ଦେହ ଧୂଳି ମୁଣ୍ଡରେ ଲଗେଇ
ପାଇଛି ସରଗ ସୁଖ ।

ତାକୁ ଭୁଲିବି କେମିତି...
ଯେଉଁଠି ରହିଛି ପିଲାଦିନ ମୋର
ସ୍ମୃତିର ପସରା ହୋଇ

ସାଙ୍ଗ ସାଥି ମେଳ ଲୁଚକାଳି ଖେଳ
ଭୁଲି ମୁଁ ପାରିବି ନାହିଁ।

ନଡା ଛପରର କୁଡିଆ ଭିତରୁ
ଦେଖିଛି ପୁନେଇ ଜହ୍ନ
କାହାଣୀ ଶୁଣିଛି ଜେଜେମା ପାଖରୁ
ଯେବେ ମୁଁ କରିଛି ମନ ।

ଝରଣା କୂଳକୁ ନିତି ମୁଁ ଆସିଛି
ଦେଖିଛି ସପନ କେତେ
ନୂଆ ନୂଆ ପ୍ରେମ ନୂଆ ଅଭିମାନ
ଅବୁଝା ଲାଗଇ ମୋତେ ।

ଗାଁ ଆମ୍ବତୋଟା ନଦୀବାଲି ପଠା
ସବୁ କେତେ ଆପଣାର
ଅଙ୍କା ବଙ୍କା ନଇ ଯାଏ ଆଜି ବହି
କରି ମୋତେ ସାତପର ।

ସେଇଠି ଜାଣିଛି ଜଗାକାଳିଆକୁ
ଗାଁ ମନ୍ଦିରକୁ ଯାଇ
ଯିଏ ମୋର ସାହା ଆପଦେ ବିପଦେ
ତାକୁ ଭୁଲିବି କେମିତି ମୁହିଁ ?

+ ବାଲିଆପାଳ
ମୋ: ୮୩୨୮୮୯୨୦୭୦





# ଝିଅଟିର ନାଆଁ ରାକ୍ଷୀ

## ସନ୍ତୋଷ କୁମାର ଅଦାବର

ରାକ୍ଷୀ ପୂର୍ଣ୍ଣମୀରେ ତା'ର ଜନ୍ମ ବୋଲି ନାଆଁ ତା'ର ରାକ୍ଷୀ । ଖୁବ୍ ଶାନ୍ତ ଶିଷ୍ଟ ଝିଅଟିଏ। ବୟସ ତା'ର ପାଖାପାଖି ଆଠ ବର୍ଷ । ବାପା ମାଆଙ୍କର ଏକମାତ୍ର ଅଳିଅଳ ଝିଅ । ରାକ୍ଷୀ ପୁନେଇଁର ଗୋଟିଏ ସପ୍ତାହ ଆଗରୁ ତା'ର କେତେ କଳ୍ପନାଜଳ୍ପନା । ବାପାଙ୍କୁ କହେ ଏଇଟା ଆଣିଦେବ ସେଇଟା ଆଣିଦେବ। ମାଆଙ୍କୁ କହେ ଏଇଟା ତିଆରି କରିବୁ । ସେଭଳି ସଜେଇବୁ। ଏମିତି କେତେ କ'ଣ ?

ଠିକ୍ ରାକ୍ଷୀ ପୂର୍ଣ୍ଣିମା ଆସି ଉପସ୍ଥିତ ହୋଇଯାଏ । ରାକ୍ଷୀର ଜନ୍ମ ଦିନ ପାଇଁ ଘର ସାଜସଜ୍ଜାଠାରୁ ରାକ୍ଷୀକୁ ସଜାଇବା କାମରେ ମାଆ ବାପା ଲାଗି ପଡ଼ନ୍ତି । ରାକ୍ଷୀର ମନ ବହୁତ ଖୁସି । ସକାଳୁ ସେ ତା'ର ବାପା ମାଆଙ୍କ ସହ ଗାଆଁ ମନ୍ଦିରକୁ ଯାଇଥାଏ । ଠାକୁରଙ୍କ ଠାରେ ମାଆ ବାପା ପ୍ରାର୍ଥନା କରନ୍ତି ଝିଅକୁ ସୁସ୍ଥ, ନିରାମୟ ତଥା ଦୀର୍ଘାୟୁ କରି ରଖିଥାଆନ୍ତୁ । ଟିକି



ହୃଦୟର ଅନ୍ତରରୁ ରାକ୍ଷୀ ମଧ୍ୟ ତା'ର ଟିକି ଭାଷାରେ ଠାକୁରଙ୍କୁ ପ୍ରାର୍ଥନା କରିଥାଏ ଭଲ ମଣିଷଟିଏ ହେବାକୁ ।

ଆଜି ସେ ଭଳି ଏ ବର୍ଷର ତା'ର ଜନ୍ମ ଦିନ ସହିତ ରାକ୍ଷୀ ପୁନେଇଁ ଦିନ । ଏ ବର୍ଷ କିନ୍ତୁ ରାକ୍ଷୀର ମନ ଟିକିଏ ଦୁଃଖ ଥିଲା । ରାକ୍ଷୀ ପୁନେଇଁରେ ଭାଇର ହାତରେ ରାକ୍ଷୀ ବାନ୍ଧିଲେ ଭାଇ ଆଶୀର୍ବାଦ କରନ୍ତି ଏବଂ ଭାଇର ମଙ୍ଗଳ ହେବା ସହିତ ଭଉଣୀର ସୁବିଧା ଅସୁବିଧାରେ ଭାଇ ସହାୟ ହୋଇଥାଏ। କିନ୍ତୁ ରାକ୍ଷୀର ନିଜର ବୋଲି ଭାଇ ନ ଥିବାରୁ ଏଥର ଟିକିଏ ଦୁଃଖ କଲା ଭଳି ଜଣାପଡୁଥାଏ । ମାଉସୀ ପୁଅ ମୁନାକୁ ସେ ସବୁ ଥର ରାକ୍ଷୀ ବାନ୍ଧିଥାଏ । ଏ ବର୍ଷ ମୁନା ଦୂର ସହରର ଗୋଟିଏ ହଷ୍ଟେଲରେ ରହି ପଢୁଛି। ତେଣୁ ସେ ରାକ୍ଷୀ ଘରକୁ ଆସି ପାରି ନାହିଁ ।

ରାକ୍ଷୀର ମନ କଥା ତା'ର ମାଆ ଓ ବାପା ବୁଝି ପାରିଲେ । ମୁନା ଏଥର ନ ଆସିବାରୁ ରାକ୍ଷୀର ମନ ଦୁଃଖ । ତେଣୁ ସେ ଦୁହେଁ ଏକ ଯୋଜନା କରିଥିଲେ ରାକ୍ଷୀକୁ ଖୁସି କରିବା ପାଇଁ।

ତା'ର ମାଆ କହିଲେ- ରାକ୍ଷୀ, ତୋର ଜଣେ ନୁହେଁ ପାଞ୍ଚଟା ଭାଇ ଅଛନ୍ତି । ଆ ଦେଖିବୁ।

ବାପା କହିଲେ- ଏଇ ନେ ପାଞ୍ଚଟା ରାକ୍ଷୀ । ତାଙ୍କୁ ତୁ ପିନ୍ଧେଇ ଦେବୁ ।

ମାଆ- ସେମାନେ ତୋର ଗୁଲୁଗୁଲିଆ ଭାଇମାନେ । ବହୁତ ସୁନ୍ଦର ଦିଶୁଛନ୍ତି ।

ତା'ପରେ ତାକୁ ସେ ଦୁହେଁ ତାଙ୍କର ବଗିଚାକୁ ନେଇଗଲେ। ସେଠାରେ ଥିବା ଆମ୍ବ, ପଣସ, ବର ଭଳି ପାଞ୍ଚଟି ଚାରାଗଛ ଯାହାକୁ ତା'ର ବାପା ମାଆ ଜୁଲାଇ ମାସରେ ରୋପଣ କରି ଯତ୍ନ ନେଉଥିଲେ ସେସବୁକୁ ରାକ୍ଷୀକୁ ଦେଖାଇ ଦେଲେ । ଏମାନଙ୍କୁ ରାକ୍ଷୀ ବାନ୍ଧି ଦେ ଝିଅ ବୋଲି ବାପା କହିଲେ । ରାକ୍ଷୀ କିଛି ବୁଝିପାରୁ ନ ଥାଏ ।

ବାପା କହିଲେ- 'ଭାଇ ହାତରେ ଭଉଣୀ ଆଜିକାର ଦିନରେ ରାକ୍ଷୀ ବାନ୍ଧିଲେ ଭାଇ ଭଉଣୀଙ୍କ ପବିତ୍ର ସମ୍ପର୍କ ସୁଦୃଢ଼ ହୋଇଥାଏ । ଉଭୟଙ୍କର ମଙ୍ଗଳ ହୋଇଥାଏ । ଭାଇଟି ଭଉଣୀର ସୁଖଦୁଃଖରେ କାଳ କାଳକୁ ସହାୟ ହୋଇଥାଏ । ଠିକ୍ ସେହିପରି ଏ ଚାରାଗଛ ଭଳି ଭାଇମାନେ ବଡ଼ ହୋଇ ତୋର ତଥା ଆମ ସମସ୍ତଙ୍କର ଉପକାର କରିବେ । ତାଙ୍କ ଯୋଗୁଁ ବାୟୁମଣ୍ଡଳ ଶୀତଳ ରହେ । ବର୍ଷା ହେବାରେ ସାହାଯ୍ୟ କରନ୍ତି । ଫୁଲ, ଫଳ, ଔଷଧ ଭଳି ଦ୍ରବ୍ୟ ଆମକୁ ଦିଅନ୍ତି । ସତରେ, ସେମାନେ ଆମକୁ ବହୁତ ସାହାଯ୍ୟ କରନ୍ତି । ସେମାନଙ୍କୁ ତୁ ଭାଇ ଭାବରେ ଗ୍ରହଣ କରି ଏଇ ରାକ୍ଷୀ ସବୁ ନେ ବାନ୍ଧି ଦେ ।'

ବାପାଙ୍କ କଥାକୁ ରାକ୍ଷୀ ବୁଝି ପାରିଲା ଏବଂ ଖୁସି ମନରେ ରାକ୍ଷୀତକ ସେ ଚାରା ଗୁଡ଼ିକର ଦେହରେ ବାନ୍ଧିଲା । ମାଆ ମୁରୁକି ହସି ତାକୁ କାଖେଇ ନେଲେ ଏବଂ ଆଉ ଗୋଟିଏ ରାକ୍ଷୀ ଦେଖାଇ ତାକୁ କହିଲେ- ଏଇଟା ତୋର ମୁନା ଭାଇ ପାଇଁ । ସେ ଛୁଟିରେ ଆସିଲେ ତା'ର ହାତରେ ବାନ୍ଧିଦେବୁ । ପ୍ରତି ବର୍ଷ ତା'ର ଜନ୍ମ ଦିନ ସେହି ଭଳି ଭାବରେ ପାଳନ କରିବା ବୋଲି ରାକ୍ଷୀ କହିଲା । ସତରେ ପିଲାମାନେ, ବୃକ୍ଷ ଭଳି ଆମର ଏକ ଅମୂଲ୍ୟ ସମ୍ପଦକୁ ଆମେ ଆମର ପରିବାର ସଦସ୍ୟ ଭାବିକି ଆପଣେଇ ନେଇ ତା'ର ହେପାଜତ୍ କରି ବଡ଼ କଲେ, ଆମର ତଥା ଜୀବଜଗତର ମଙ୍ଗଳ ହୋଇପାରିବ ।

+ବୀରମହାରାଜପୁର, ସୁବର୍ଣ୍ଣପୁର

# ରକ୍ତ ଦିଅ ରକ୍ତ ଦିଅ

## କୁମୁଦିନୀ ଘି

ରକ୍ତ ଦିଅ ରକ୍ତ ଦିଅ ଦେବି ମୁଁ ସ୍ୱାଧୀନତା
ଅସ୍ତ୍ର ଧର ଅସ୍ତ୍ର ଧର କହିଲା ଯିଏ ନେତା ।
ସାଲିସ ନାହିଁ ସ୍ୱରାଜ୍ୟ ପାଇଁ
ନୁଆଁଇବାନି ମଥା
ସହିବା ନାହିଁ ଦେବା
ଉଡେଇ ଯେତେ ଅନ୍ୟାୟ କଥା ।

ଯୁଦ୍ଧ ଚାଲିଛି ବିଶ୍ୱ ଥରୁଛି
ବାପୁ ହେ ଟିକେ ଭାବ
ଅସ୍ତ୍ରେ ଲଢ଼ିବୁ ସ୍ୱାଧୀନ ହେବୁ
ଅହିଂସାରେ କି ହେବ !
ଅମାନିଆଟା ମାନୁନି କଥା
କଂଗ୍ରେସୁ ତାକୁ ତଡ
ବାପୁ ଇଙ୍ଗିତ ଦେଲାକୁ କଷ୍ଟ
ମନେ ଉଠିଲା ଝଡ ।

ଖସି ବିଦେଶ କରି ସାହସ
ଗଢିଲ ମୁକ୍ତି ସେନା
ଆଜାଦ ହିନ୍ଦ କରିଲା ଜିଦ୍
ଉଡ଼ାଇ ଦେଲା ବାନା ।
ଭାରତ ମାଟି ଥରିଲା ଉଠି
କୋହେମା ଠାରେ ଯେବେ
ଇଂରେଜମାନେ ଭାବିଲେ
ମନେ କାଳ ସରିଲା ଏବେ ।

ଦୀଲ୍ଲି ଚଲୋ ଦୀଲ୍ଲି ଚଲୋ
ଦେଲ ଯେ ତୁମ ନାରା
'ସୁଭାସ ବୋଷ'-ବାସ୍...
ସାବାସ୍... ଥରାଇ ଦେଲା ଧରା ।

'ନେତାଜୀ ତୁମେ' ଶୁଣିଛୁ
ଆମେ ଲଢିଲ ବୋଲି ଦୃଢେ
ଫିରିଙ୍ଗମାନେ ଦେଶ ଛାଡିଲେ
ହାରିବା ଡର ମାଡେ ।

ଜାନକୀ ନାଥ ଅଷ୍ଟମ ପୁତ୍ର
ବୀର ସୁଭାସ ବୋଷ
ଭୁଲି ପାରେନି ବୀର ଜନନୀ
ପ୍ରଭାବତୀଙ୍କୁ ଦେଶ ।
ଜନମ ଦିନ କରୁ ପାଳନ ଜାନୁୟାରୀ ତେଇଶି
ମୃତ୍ୟୁ ଦିବସ ଯେ ଇତିହାସ
କହି ନ ପାରେ କିଛି !

ଅମର ବୀର ତୁମେ ଅମର
ସଲାମ ଘେନ କୋଟି
କଟକ ନଗ୍ର ହେଲା ପବିତ୍ର
ଧନ୍ୟ ସେ ବୀର ମାଟି ।

+ଅଷ୍ଟମ ଶ୍ରେଣୀ,
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଜୁନାଗଡ଼, କଳାହାଣ୍ଡି-୭୬୬୦୧୪
ମୋ :୯୩୪୮୬୫୩୫୮୯

# ଦୁଇଟି ପ୍ରଶ୍ନ

## ପ୍ରଦ୍ୟୁମ୍ନ ପଟ୍ଟନାୟକ



ଦିନେ ଗୋଟିଏ ବିଦ୍ୟାଳୟକୁ ଜଣେ ପରିଦର୍ଶକ ଆସି ଥାଆନ୍ତି। ବିଦ୍ୟାଳୟ ପ୍ରାଙ୍ଗଣରେ ସବୁ ପିଲାମାନଙ୍କୁ ଏକାଠି କରି ଉଦବୋଧନ ଦେଉଥିଲେ । ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ସେ ଦୁଇଟି ପ୍ରଶ୍ନ ପଚାରିଲେ ।

ପ୍ରଥମ ପ୍ରଶ୍ନ; ପିଲାମାନେ ତୁମେ ସବୁଦିନ ବିଦ୍ୟାଳୟ ଆସି ପାଠ ପଢୁଛ କାହିଁକି ?

ଏ ପ୍ରଶ୍ନର ଉତ୍ତର ବିଭିନ୍ନ ପିଲା ଭିନ୍ନ ଭିନ୍ନ ଭାବରେ ଦେଲେ । ଅଧିକାଂଶ ପିଲା କହିଲେ ଆମେ ପରୀକ୍ଷାରେ ଭଲ ନମ୍ବର ରଖି ପାସ୍ କରିବାକୁ ପାଠ ପଢୁଛୁ । କିଛି ପିଲା କହିଲେ ଆମ ବାପା ମା' ଜେଜେ ଜେଜେମା ପଠାଇବାରୁ ଆମେ ପାଠ ପଢିବା ପାଇଁ ଆସୁଛୁ । କେହି କେହି ଗରିବ ପିଲା ଏକଥା ବି କହିଲେ ଯେ ଆମକୁ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ମିଳୁଥିବାରୁ ଆମେ ପଢିବା ପାଇଁ ଆସୁଛୁ ।

ପରିଦର୍ଶକଙ୍କ ଦ୍ୱିତୀୟ ପ୍ରଶ୍ନ ଥିଲା ; ପିଲାମାନେ ତୁମେ ବଡ଼ ହୋଇ କ'ଣ କରିବ ?

ଉତ୍ତର ଦେବାକୁ ଯାଇ ପିଲାମାନେ ନିଜ ନିଜ ଇଚ୍ଛା ପ୍ରକାଶ କଲେ । କିଏ କହିଲା ଡାକ୍ତର ହେବ ତ କିଏ ଇଞ୍ଜିନିୟର, କିଏ ପୁଲିସ ତ କିଏ ସୈନିକ । କେହି କେହି ନେତା ମନ୍ତ୍ରୀ ଅଫିସର ହେବା ପାଇଁ ଆଶା ରଖିଥିବା କଥା ବି କହିଲେ।

ପରିଦର୍ଶକ କିନ୍ତୁ ତାଙ୍କ ପ୍ରଶ୍ନ ଦୁଇଟିର ସନ୍ତୋଷ ଜନକ ଉତ୍ତର ପାଇଲେ ନାହିଁ । ସେ ଯେପରି ଉତ୍ତର ଆଶା କରୁଥିଲେ ସେପରି ଜବାବ୍ କେହି ଦେଇ ନଥିଲେ । ତେଣୁ ସେ ପିଲାମାନଙ୍କୁ ବୁଝାଇବା ସହ ପ୍ରଥମ ପ୍ରଶ୍ନର ଉତ୍ତରରେ କହିଲେ।

ଶ୍ରେଣୀ ପରେ ଶ୍ରେଣୀ ଉତ୍ତୀର୍ଣ୍ଣ ହେବାକୁ ପରୀକ୍ଷାରେ ପାସ୍ କରିବା ଆବଶ୍ୟକ । ସେଥିପାଇଁ ମନ ଲଗାଇ ପାଠ ପଢିବା ପାଇଁ ପଡ଼ିବ । କେବଳ ପରୀକ୍ଷାରେ ପାସ କରିବା ପାଠ ପଢିବାର ପ୍ରକୃତ ଏବଂ ଏକମାତ୍ର ଉଦ୍ଦେଶ୍ୟ ନୁହଁ । ପାଠ ପଢିବାର ଅସଲ ଉଦ୍ଦେଶ୍ୟ ଜ୍ଞାନ ଆହରଣ କରିବା । ଅଜ୍ଞାନ ରୂପକ ଅନ୍ଧକାରକୁ ଦୁରେଇ ଦେବା । ଅନ୍ଧ ବିଶ୍ୱାସ, କୁସଂସ୍କାର ଆଦିଠାରୁ ଦୂରରେ ରହିବା । ନିଜର ଉଚ୍ଚାରଣ ଆଚରଣ ବ୍ୟବହାରକୁ ମାର୍ଜିତ କରି ସମାଜରେ ଜ୍ଞାନ ବିତରଣ କରିବା । ବିଦ୍ୟାଳୟ ରେ ଯାହା ଶିଖିବା ତାକୁ ପାଳନ କରିବା ସହ ଅନ୍ୟ ମାନଙ୍କୁ ଶିଖାଇବା ।



ଦ୍ୱିତୀୟ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ପରିଦର୍ଶକ କହିଲେ।

ପିଲାମାନେ ତୁମେ ବଡ଼ ହୋଇ ଯେ କୌଣସି ବୃତ୍ତି ଗ୍ରହଣ କରିପାର, ଯେ କୌଣସି କାର୍ଯ୍ୟ କରିପାର । ସର୍ବଦା ଉଚ୍ଚ ମନା ହୋଇ ଉଚ୍ଚ ଆଶା କରିବା ଉଚିତ । ତା' ସହ ଏକଥା ବି ମନେ ରଖବ କୌଣସି କାର୍ଯ୍ୟ ଛୋଟ ନୁହଁ । ସବୁ କାର୍ଯ୍ୟର ଗୁରୁତ୍ୱ ଅଛି । ସବୁ କାର୍ଯ୍ୟର ମହତ୍ତ୍ୱ ଅଛି । ସେ ଚାଷୀ ହେଉ ବା ବ୍ୟବସାୟୀ ଅବା ଦପ୍ତରରେ ଚପରାସି କିମ୍ବା କୁଳି ମୂଲିଆ ସମସ୍ତଙ୍କୁ ସମ୍ମାନ ଦେବା ଆବଶ୍ୟକ । ସମସ୍ତଙ୍କ କାର୍ଯ୍ୟ ସମାଜ ପାଇଁ ଅପରିହାର୍ଯ୍ୟ ।

ପିଲାମାନେ ତୁମେ ବଡ଼ ହୋଇ ଯାହାବି କର ଆଗ ଜଣେ ଭଲ ମଣିଷ ହେବା ପାଇଁ ଚେଷ୍ଟା କରିବ । ଭଲ ମଣିଷ ହେବା ପାଇଁ କେତୋଟି ଭଲ ଗୁଣ ଆବଶ୍ୟକ, ଯେପରି ସତ୍ୟ ପଥ ଅନୁସରଣ କରିବା, ଅନ୍ୟର ଅନିଷ୍ଟ ଚିନ୍ତା ନକରି ପରୋପକାର କରିବା ଇତ୍ୟାଦି । ଦୟା, କ୍ଷମା, ସାଧୁତା ଆଦି ସୁଗୁଣକୁ ନିଜର ଆଚାର ବ୍ୟବହାରରେ ପ୍ରଦର୍ଶନ କରିବା ଉଚିତ। ତେବେ ଯାଇ ଆମ ଦେଶର ଆମ ସମାଜର ମଙ୍ଗଳ ହେବ।

ପାଠ ପଢିବାର ଅସଲ ଉଦ୍ଦେଶ୍ୟ ଏବଂ ଜଣେ ଭଲମଣିଷ ହେବାର ଉପଦେଶ ପରିଦର୍ଶକଙ୍କଠାରୁ ଶୁଣି ପିଲାମାନେ ଅନୁପ୍ରାଣିତ ହେଲେ । ସେହି କଥାକୁ ହେଜି କାର୍ଯ୍ୟ କଲେ ଦେଶ ଦଶର ମଙ୍ଗଳ ହେବ ବିଚାର କରିବାକୁ ଲାଗିଲେ।

ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

# ଆସ ଗଣେଶ ପାଠର ଇଶ

## ପ୍ରଶାନ୍ତ କୁମାର ଦାଶ

ଆସ ଗଣେଶ ପାଠର ଇଶ
ମୂଷା ଯାନରେ ବସି
କରିବୁ ପୂଜା ବଜେଇ ବାଜା
ମଜା ମଉଜେ ହସି ।

ଲେଖନ ଧରି ଲେଖିଥିଲତ
ମହାଭାରତ ବସି
ହେବାକୁ ଭଲ ପାଠତ ତୁମ
ଆଶିଷ ପଡୁ ଖସି ।
ଅମା ଅନ୍ଧାର ହଟେଇଦିଅ
ପାଠ ଦୀପାଳି ଜଳୁ
ଲିଭୁ ମନରୁ ମଇଳା ଆମ
ପାଠକୁ ମନ ବଳୁ ।
ପଢିଲେ ଭଲ ପାଠତ ଆମେ
କରିବୁ ଦେଶହିତ
ପୋଛିବୁ ଲୁହ ହସର ସୁଅ
ଛୁଟାଇଦେବୁ ଚିତ୍ତୁ ।
ସଅଳ ଉଠି ତୋଳି ଗୁନ୍ଥିବୁ
ସଜଫୁଲରେ ହାର
ଗଳାରେ ତୁମ ଲମ୍ବାଇ ଦେଇ
ପିଲାରେ ହେବୁ ସାର ।
ଲଡୁ କଦଳୀ ନଡ଼ିଆ ଦେଇ
ଶରଣ ନେବୁ ପାଦେ
ପୂଜା ଶେଷରେ ଖାଇବୁ ଭୋଜି
ରମେଶନନା ରାନ୍ଧେ ।

+କୁଞ୍ଜର, ସଙ୍ଗଲାଇ, ପିପିଲି, ପୁରୀ
ମୋ: -୯୬୬୮୮୨୨୧୯୦



# ଆମ ଗାଆଁରେ ସଞ୍ଜ

## ହରେରାମ ପଣ୍ଡା

ବେଳ ରତରତ ଖରା ଲେଉଟାଣି
ଗୋଧୂଳି ଦେଖାଏ ମୁହଁ ,
ଗାଈଆଳ ଟୋକା ବଂଶୀସ୍ୱନ ଶୁଭେ
ଗୋରୁ ନ ହୁଅନ୍ତି ଥୟ ।

ଗୋରୁ ଲେଉଟନ୍ତି ଯେ ଯାହା ବାସକୁ
ପିଅନ୍ତି କୁଣ୍ଡା, ତୋରାଣି ,
ବୁଡି ଯାଉଥାନ୍ତି ସୂରୁଜ ଦେବତା
ସୁନେଲି କିରଣ ବୁଣି ।

କିଚିରି ମିଚିରି କଳରବ କରି
ନୀଡ଼କୁ ଫେରନ୍ତି ପକ୍ଷୀ ,
ଗାଆଁ ଝିଅ ବୋହୂ ତୁଠରୁ ଫେରନ୍ତି
କାଖରେ କଳସି ରଖି ।

ଗାଆଁ ମନ୍ଦିରରେ ଶୁଭେ ଶଙ୍ଖ, ଘଣ୍ଟା,
ପୂଜାରୀଙ୍କ ମନ୍ତ୍ରପାଠ ,
ଚଉପାଢୀ ଘରେ ପାଠ ପଢ଼ିବାକୁ
ଘରୁ ବାହାରନ୍ତି ଚାଟ ।

ନିଇତି ସଞ୍ଜରେ ଚଉଁରା ମୂଳରେ
ସଞ୍ଜବତୀ ଉଠେ ଜଳି ,
ଆମ ଗାଁ ଟୁଙ୍ଗିରେ ପୁରାଣ ଶୁଣନ୍ତି
ଗାଆଁ ଲୋକମାନେ ମିଳି ।

ଜେଜେମାଆ ନିତି ଘର ଅଗଣାରେ
ପାରିଦେଇ ଖଣ୍ଡେ ସପ ,
କୋଳେ ଧରି ନିଜ ନାତି ନାତୁଣୀଙ୍କୁ
ଶୁଣାନ୍ତି ଡାହାଣୀ ଗପ ।

ସଞ୍ଜ ଅନ୍ଧାରରେ 'ହୁକେ ହୋ' ଶୁଭେ
ଆମ ଗାଆଁ ମଶାଣିରେ,
ଖୋଲା ପବନରେ ଟୋକାଙ୍କର ଭିଡ଼
ଜମେ ପୋଖରୀ ହୁଡ଼ାରେ ।

ସଞ୍ଜୁଆ ଆକାଶେ ଜହ୍ନ ପହଁରିଲେ
ଗାଡ଼ିଆରେ ଫୁଟେ କଇଁ,
ମୋ ଗାଆଁ ମାଟିକୁ କୋଟିଏ ଜୁହାର
ଯେଉଁଠି ବଢ଼ିଛି ମୁହିଁ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ ,ମେରଦା କାଟିଆଛକ, ଯାଜପୁର
(ମୋ) ୯୪୩୮୦୬୫୧୯୫



# ଦିନେ ନନ୍ଦନକାନନରେ

## ସୁନନ୍ଦା ମହାନ୍ତି





ଚିଡ଼ିଆଖାନା ବୁଲିବାକୁ ଯିବା ପୂର୍ବରୁ ଗେଟରେ କେତେକ ବାରଣ ଲେଖାଥିଲା ଯେ ଜୀବଜନ୍ତୁମାନଙ୍କୁ ଜାଲି ବାଟେ ହାତ ପୁରେଇ କିଛି ଖାଇବା ଜିନିଷ କେହି ଦେବ ନାହିଁ। ରାଜୁ ସାଙ୍ଗରେ ଥିବା ମାଆ, ବାପା, ଜେଜେ, ଜେଜେମା ମଧ୍ୟ ମନା କରି କହିଥିଲେ ଗେଟରେ ଲେଖା ଥିବା କଥାକୁ ମାନି କ୍ୱେ କୌଣସି ବନ୍ୟପ୍ରାଣୀଙ୍କୁ ଖାଇବାକୁ ଦେବା କଥା ନୁହେଁ। ଏତେସବୁ କଥା ପରେ ମଧ୍ୟ ରାଜୁ ଭାଲୁକୁ ଦେଖୁ ଦେଖୁ ତା ଆଡକୁ ପାଚିଲା କଦଳୀ ଫିଙ୍ଗିଥିଲା। ଭାଲୁ ଦଉଡି ଆସିଲା ବେଳକୁ ସତର୍କ ସାଇରନ ବାଜି ଉଠିଥିଲେ ମଧ୍ୟ ରାଜୁକୁ ନେଇ ସପରିବାର ଆଗେଇ ଯାଇଥିଲେ ଅନ୍ୟ ସଫାରୀରେ ଥିବା ଅନ୍ୟାନ୍ୟ ଜୀବଜନ୍ତୁଙ୍କୁ ଦେଖିବାକୁ ତ ରକ୍ଷା ପାଇଗଲେ। ତା ପରେ ମହାବଳ ବାଘ, ସିଂହ, ହାତୀ ଦେଖୁ ଦେଖୁ ଜିରାଫ ମଧ୍ୟ ଦେଖିଥିଲା ରାଜୁ ଓ ଖୁବ ଖୁସି ହୋଇ ଯାଇ ବଣମଣିଷ ସଫାରି ପାଖେ ପହଞ୍ଚିଥିଲେ ପରିବାରର ସବୁ ସଦସ୍ୟ। ମାଙ୍କଡ଼ର ମସ୍ତିଷ୍କ ଯେପରି ମଣିଷ ଭଳି ସୂକ୍ଷ୍ମ ଓ ତୀକ୍ଷ୍ଣ ହୋଇଥିବାରୁ ହନୁ ମାଙ୍କଡ଼ ଓ ପାତି ମାଙ୍କଡ଼ ଏଇ ଦୁଇ ପ୍ରଜାତିର ମାଙ୍କଡ଼ ଗାଁରେ ଦେଖି ଦେଖି ରାଜୁର ମାଙ୍କଡ଼ ପ୍ରତି ଥିଲା ବହୁତ ଦୁର୍ବଳତା। ମାଙ୍କଡ଼ର ତୀକ୍ଷ୍ଣ ବୁଦ୍ଧି ଠାରୁ ଆହୁରି ସୂକ୍ଷ୍ମ ବୁଦ୍ଧି ସମ୍ପର୍ଣ୍ଣ ସିମ୍ପାଜି, ବଣମଣିଷମାନଙ୍କ ଖେଳକୁଦ ଦେଖୁ ଦେଖୁ ରାଜୁ ଭୁଲିଗଲା ବାରଣ ଓ ଆକଟ ତ କଦଳୀଟିଏ ବ୍ୟାଗରୁ କାଢି ଯେମିତି ବଢ଼େଇଦେଇଛି ସିମ୍ପାଞ୍ଜି ହାତକୁ ତ ସେ କଦଳୀ ନେବ କଣ ରାଜୁ ହାତକୁ ଏମିତି ଭିଡି ଧରି ରଖିଲା ଆଉ ଛାଡୁ ନଥିଲା ଜମା।

ଏଥର ଆଉ ରାଜୁର ଖସିବାର ଉପାୟ ନଥିଲା। ସତର୍କ ସାଇରନ ବାଜି ପୁଣି ଯେତେବେଳେ ଦଉଡି ଆସିଲେ ନନ୍ଦନକାନନ କର୍ମୀ ସବୁ ଆଉ ଯାଏ କୁଆଡେ ରାଜୁ। ଦୁଷ୍ଟ ବାଳକ କଣ କଲୁରେ କହି କର୍ମୀମାନେ ଯେତେ ଚେଷ୍ଟା କଲେ ମଧ୍ୟ ପାରୁନଥାନ୍ତି ରାଜୁର ହାତ ଛଡେଇ। ସିମ୍ପାଞ୍ଜିକୁ ଆକୃଷ୍ଟ କରିବାକୁ ଯେତେ ଯାହା ଫଳ ଯଥା ସେଓ, ଅଙ୍ଗୁର, ନାସପାତି, ମେଘୁଆ, କୋଳ ପଣସ, ପାଚିଲା ଆମ୍ବ ଦେଲେ ମଧ୍ୟ ସେ ନେଉନଥିଲା କି ହାତ ଛାଡୁ ନଥିଲା ରାଜୁର ବରଂ ବେଶି ବେଶି ଜାବୁଡି ଧରି ରଖୁଥିଲା। ପିଲାଙ୍କୁ ଶ୍ରଦ୍ଧାରେ ହାତ ଧରି ସିମ୍ପାଞ୍ଜିଟି ଖୁସି ହେଉଥିଲା ସତ କିନ୍ତୁ ରାଜୁର ପରିବାର ବ୍ୟସ୍ତ ହୋଇପଡୁଥିଲେ। ଏଣେ ନନ୍ଦନକାନନ କର୍ମୀମାନଙ୍କ ଗାଳି ସାଙ୍ଗକୁ ପ୍ରଭୁଙ୍କୁ କରୁଥିଲେ ଅଳି। ବର୍ଷା ଦିନ ପାଇଁ ରାଜୁର ନାଲି ନେଳି ଇତ୍ୟାଦି ସାତରଙ୍ଗର ଛତାଟି ଜେଜେମା ଧରିଥିଲେ। କୌଣସି ଖାଇବା ଜିନିଷ ଭିତରକୁ ନନେବାକୁ ତାଗିଦା ଥିଲେ ମଧ୍ୟ ବୁଢ଼ା ବୁଢ଼ୀ ଲୋକ ଓ ରାଜୁ ସହିତ ଥିବା ତା ଛୋଟ ଭଉଣୀଙ୍କୁ ହଠାତ ଭୋକ ଲାଗିଲେ କଦଳୀ ଖାଇଦେବେ ବୋଲି ଭାବି ଭିତରକୁ ଆଣି ଏତେ ଅବସ୍ଥା ଭୋଗିବାକୁ ପଡିବ ବୋଲି ରାଜୁ ବା ରାଜୁର ପରିବାର ଜାଣି ନଥିଲେ। ରାଜୁର ବାପା ସିମ୍ପାଞ୍ଜିକୁ ହେ ହା ହେଲେ କର୍ମୀସବୁ ପାଟି କରୁଥିଲେ। ମାଆ ମୁଣ୍ଡରେ ହାତ ଦେଇ କାନ୍ଦୁଥିଲେ। ଜେଜେ ପ୍ରଭୁହେ ରକ୍ଷାକର କହୁଥିଲା ବେଳେ ଜେଜେମା ରଙ୍ଗୀନ ଛତାଟିକୁ ତାର ଜାଲି ଦେଇ ଯେମିତି ସିମ୍ପାଞ୍ଜିକୁ ଦେଖେଇଛନ୍ତି ସେ ରାଜୁର ହାତ ଛାଡ଼ି ଦୁଇ ହାତ ମେଲେଇ ରଙ୍ଗୀନ ଛତା ଆକର୍ଷଣରେ ଦଉଡି ଆସିବା ବେଳକୁ ଜେଜେମା ଛତାକୁ ନେଇ ଯଥା ସ୍ଥାନରେ ରଖିନେଲେ ତ ତା ପୂର୍ବରୁ ରାଜୁ ହାତ ଖସେଇ ଆଣିଥିଲା ସିମ୍ପାଞ୍ଜି ହାତମୁଠାରୁ। ଆଉଦିନେ ଏମିତି କରିବି ନାହିଁ। ବଡ଼ମାନଙ୍କ କଥା ମାନି ସୁନା ପିଲା ହେବି କହିଥିଲା ରାଜୁ।

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ରାଜ୍ୟ ସରକାରଙ୍କ ଏନ୍‌ଏସି ମାନ୍ୟତା ତାଲିକାରେ ବୋରିଗୁମ୍ମା ନାହିଁ ପ୍ରତିବାଦରେ ବୋରିଗୁମ୍ମା ବନ୍ଦ ଡ଼ାକରା ଦେଲା ସଚେତନ ନାଗରିକ ମଂଚ

ଜୟପୁର, ୨୨/୦୮ (ନି.ପ୍ର): ସ୍ୱାଧିନତା ଦିବସ ଅଭିଭାଷଣରେ ରାଜ୍ୟରେ ଆଉ ନୂଆଁ ୨୧ଟି ବିଜ୍ଞାପିତ ଅଂଚଳ ପରିଷଦ ଗଠନ ସଂପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ । ଏହାକୁ ଆଧାର କରି ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ୧୬ ତାରିଖ ଦିନ ପ୍ରାଥମିକ ଭାବେ ୧୨ଟି ନୂଆଁ ଏନ୍‌ଏସି ଘୋଷଣା ନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏଥିରେ କିନ୍ତୁ ବୋରିଗମ୍ମାର ନାମ ନାହିଁ। ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଯେହେତୁ ଗତ ୨୦୨୪ ମସିହା ଫେବୃଆରୀ ମାସରେ ତତ୍‌କାଳୀନ ରାଜ୍ୟ ସରକାର ଯେଉଁ ୩୪ଟି ନୂଆଁ ବିଜ୍ଞାପିତ ଅଂଚଳ ପରିଷଦ ଗଠନ ସଂପର୍କରେ ସୂଚନା ପ୍ରଦାନ କରିଥିଲେ, ସେଥିରେ କୋରାପୁଟ ଜିଲ୍ଲାର ବୋରିଗୁମ୍ମା ରହିଥିଲା । କିନ୍ତୁ ବର୍ତମାନର ବିଜ୍ଞପ୍ତିରେ ବୋରିଗୁମ୍ମା ନଥିବାରୁ ପ୍ରଶ୍ନ ଉଠିବା ସ୍ୱାଭାବିକ । ସରକାରଙ୍କ ଏହି ନିଷ୍ପତିକୁ ପ୍ରତିବାଦ ଜଣାଇ ଆସନ୍ତାକାଲି ବୋରିଗୁମ୍ମାବାସୀଙ୍କ ପକ୍ଷରୁ "ବୋରିଗୁମ୍ମା ବନ୍ଦ' ଡ଼ାକରା ଦିଆଯାଇଛି । ଏହି ଡ଼ାକରା ବୋରିଗୁମ୍ମା ସଚେତନ ନାଗରିକ ମଂଚ ଦେଇଥିବା ବେଳେ ଏହାକୁ ସମର୍ଥନ ଘୋଷଣା କରିଛନ୍ତି ବିଭିନ୍ନ ରାଜନୈତିକ ଦଳ । ଏ ସଂପର୍କରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଜଣାଇଛନ୍ତି ଯେ, ଆସନ୍ତାକାଲିର ବନ୍ଦକୁ କଂଗ୍ରେସ ଦଳ ସଂପୂର୍ଣ୍ଣ ସହଯୋଗ କରିବ । କାରଣ ବର୍ତମାନର ସରକାର ବୋରିଗୁମ୍ମାକୁ ଧୋକା ଦେଇଛନ୍ତି । ପୂର୍ବ ସରକାର ଏହାକୁ ଘୋଷଣା କରିଥିବା ବେଳେ ଆକ୍ରୋଷମୂଳକ ଭାବେ ଏଠାରେ ବିଧାୟକ କଂଗ୍ରେସ ଦଳର ରହିଥିବାରୁ ବୋରିଗୁମ୍ମାକୁ ତାଲିକାରୁ ବାଦ୍ ଦେଇଥିବା ସେ ଅଭିଯୋଗ ବାଢ଼ିଛନ୍ତି । ବିଧାୟକ କହିଛନ୍ତି ଯେ, ବୋରିଗୁମ୍ମା ବ୍ଲକ ହେଉଛି ରାଜ୍ୟର ସବୁଠାରୁ ବଡ଼ ବ୍ଲକ, ଏହା ୩୨ଟି ଗ୍ରାମ ପଂଚାୟତକୁ ନେଇ ଗଠିତ । କେବଳ ବୋରିଗୁମ୍ମା ସଦରରେ ୧୮ ହଜାର ଲୋକ ରହନ୍ତି । ବୋରିଗୁମ୍ମା ବିଜ୍ଞାପିତ ଅଂଚଳ ପରିଷଦ ହେବା ନେଇ ସମସ୍ତ ମାନଦଣ୍ଡ ପୂରଣ କରୁଛି । ମୋର ବାରମ୍ବାର ଦାବି, ଆନ୍ଦୋଳନ, ବିଧାନସଭାରେ ପ୍ରଶ୍ନ ଯୋଗୁଁ ତତ୍‌କାଳୀନ ସରକାର ଏହାକୁ ମାନି ଘୋଷଣା କରିଥିଲେ କିନ୍ତୁ ବିଜ୍ଞପ୍ତି ପ୍ରକାଶ ନ କରି ଭୁତାଇଥିଲେ, ଯାହାର ପରିଣାମ ସେମାନେ ନିର୍ବାଚନରେ ପାଇଥିଲେ । ଯଦି ଏହି ସରକାର ଏପରି ଧୋକା ଦେବ ତେବେ ଆମେ ସହ୍ୟ କରିବୁ ନାହିଁ । ଆସନ୍ତାକାଲିର ବନ୍ଦକୁ କଂଗ୍ରେସ ପୂର୍ଣ୍ଣ ସହଯୋଗ କରିବା ସହ ଦାବି ନ ପୂରଣ ହେଲେ ଚଳିତ ମାସ ଶେଷ ବେଳକୁ ଆମେ ଅନିର୍ଦ୍ଧିଷ୍ଟକାଳ ବୋରିଗୁମ୍ମାକୁ ବନ୍ଦ କରି ରଖିବୁ ବୋଲି ବାହିନୀପତି ଧମକ ଦେଇଛନ୍ତି । ଯେହେତୁ ବୋରିଗୁମ୍ମା ସହର ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ଓଡ଼ିଶା ସଂଯୋଗର କେନ୍ଦ୍ର ବିନ୍ଦୁ, ବନ୍ଦ ଦ୍ୱାରା ଯେଉଁ କ୍ଷତି ହେବ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଜୟପୁର ବିଧାୟକ ଆଭାସୀ ମାଧମରେ ଭୁବନେଶ୍ୱରରୁ ପ୍ରକାଶ କରିଛନ୍ତି । ସେହିପରି ବିଜେଡ଼ି ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ମଧ ଏହି ବନ୍ଦକୁ ସମର୍ଥନ ଘୋଷଣା କରିଛନ୍ତି । ସେକିନ୍ତୁ ଗତ ସରକାରର ଘୋଷଣାକୁ ସ୍ୱାଗତ କରିବା ସହ କେବଳ ନିର୍ବାଚନ ଆଚରଣ ବିଧି ଯୋଗୁଁ ବିଜ୍ଞପ୍ତି ପ୍ରକାଶ ହୋଇପାରିନଥିବା କହିଛନ୍ତି । ବିଜେଡ଼ି ସରକାର ସମୟରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ତଥା ବିରୋଧିଦଳ ନେତା ବୋରିଗୁମ୍ମାକୁ ଅଧିକ ଗୁରୁତ୍ୱ ଦେଇଥିବା ସେ ଯୁକ୍ତି ରଖିବା ସହ ଘୋଷଣା କରାଯାଇଥିବା ସେ ଦୋହରାଇଛନ୍ତି । ଯଦି ବୋରିଗୁମ୍ମାବାସୀଙ୍କ ଏହି ହକ୍ ?କୁ କେହି ଛଡ଼ାଇବାକୁ ଚେଷ୍ଟା କରେ ତେବେ ବିଜେଡ଼ି ତାହାକୁ ହେବାକୁ ଦେବ ନାହିଁ ବୋଲି କହିବା ସହ ଆସନ୍ତାକାଲିର ବନ୍ଦକୁ ସମର୍ଥନ ଘୋଷଣା କରିଛନ୍ତି । ଏସବୁ ମଧରେ ବିଜେପି ମଧ ପଛରେ ରହିନାହିଁ । ଗତ ନିର୍ବାଚନରେ ଦଳ ପକ୍ଷରୁ ଲଢ଼ିଥିବା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌତମ ସାମନ୍ତରାୟ ଏକ ସମ୍ବାଦିକ ସମ୍ମିଳନୀର ଆୟୋଜନ କରି ବୋରିଗୁମ୍ମା ଠାରେ କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ବିଜ୍ଞାପିତ ଅଂଚଳ ପରିଷଦ ଘୋଷଣା ଏକ ଧୂଆଁବାଣ ରହିଥିଲା । ଭୋଟ ଆଦାୟ ଲକ୍ଷ୍ୟରେ ଏହି ଘୋଷଣା ରହିଥିଲା । ଗତ ୨୦୨୪ ମସିହାରେ ବିଜେଡ଼ି ସରକାର ଯେଉଁ ଘୋଷଣା କରିଥିଲା ତାହାର କୌଣସି ଖାତା ଖତିୟାନ୍ ନାହିଁ । ଏହା କେବଳ ଲୋକଙ୍କୁ ଭୂତାଇବା ଲକ୍ଷ୍ୟରେ ଥିଲା । ଯାହାକୁ ନେଇ ଏଠାକାର ପୂର୍ବତନ ମନ୍ତ୍ରୀ ନନ୍ଦ ଏବଂ ବିଧାୟକ ବାହିନୀପତି ସେହି ସମୟରେ ବାହାବା ନେବାକୁ ଚେଷ୍ଟା କରିଥିଲେ । ଯାହାର ଭିଡ଼ିଓ ଏବେବି ଘୁରିବୁଲୁଥିବା ସେ ଦେଖାଇଥିଲେ । ଏଥିରେ ଉଭୟ ନେତା ଲଜ୍ଜିତ ହେବା କଥା ବୋଲି ସେ କହିବା ସହ ବୋରିଗୁମ୍ମାବାସୀଙ୍କୁ କିନ୍ତୁ ଆଶ୍ୱାସନା ଦେଇଥିଲେ । ସେ କହିଥିଲେ ଯେ, ବର୍ତମାନ ରାଜ୍ୟରେ ଚାଲିଛି ମୋହନ ମାଝୀଙ୍କ ଲୋକଙ୍କ ସରକାର । ଯେଉଁ ସରକାର ଲୋକଙ୍କୁ ସହର ସୁବିଧା ଦେବାକୁ ଅହରହ ଉଦ୍ୟମ କରୁଛି । ଏବେ ରାଜ୍ୟର ଶତକଡ଼ା ୧୭ ଭାଗ ଲୋକ ସହରରେ ରହୁଥିବା ବେଳେ ଏହା କିଭଳି ୩୦ ପ୍ରତିଶତ ହେବ ସେହି ଲକ୍ଷ୍ୟରେ ବିଜେପି କାର୍ଯ୍ୟ କରୁଛି । ତେଣୁ ନୂଆଁ ନୂଆଁ ଏନ୍‌ସି ଘୋଷଣା ହେବ । ଆସନ୍ତା ଦିନରେ ଏହି ତାଲିକାରେ ବୋରିଗୁମ୍ମା ମଧ ସାମିଲ୍ ରହିବ ବୋଲି ସେ ପ୍ରତିଶୃତି ବଦ୍ଧ ବୋଲି କହିଛନ୍ତି ।

# ଚକବାବନ ଗାଁରେ ଜଳ ନିଷ୍କାସନ ପଥକୁ ଅବରୋଧ: ଦୁର୍ଦ୍ଦଶା ଭୋଗୁଛନ୍ତି ୪୦ରୁ ଅଧିକ ପରିବାର



ଜଳେଶ୍ୱର, ୨୨/୦୮ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଅଧୀନ ଚକବାବନ ଗାଁ ର ମଧଭାଗରେ ଥିବା ଅଠର ଅଂଶୀ ପୋଖରୀ ରୁ ଜଳ ନିଷ୍କାସନ ପାଇଁ ନିର୍ମିତ ହୋଇଥିବା ଡ୍ରେନ କୁ ଅବରୋଧ କରାଯାଇଥିବାରୁ ଗାଁର ୪୦ ରୁ ଉର୍ଦ୍ଧ୍ୱ ପରିବାର ଜଳବନ୍ଦୀ ସମସ୍ୟା ଭୋଗୁଛନ୍ତି ।ଏନେଇ ଆଜି ଗ୍ରାମବାସୀ ଜିଲ୍ଲାପାଳଙ୍କୁ ତାଙ୍କର ଜନଶୁଣାଣୀ ପ୍ରୋଟାଲ ରେ ଓ ଜଳେଶ୍ୱର ତହସିଲଦାର ଏବଂ ବିଡିଓଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ବିବରଣୀ ରୁ ପ୍ରକାଶ ଯେ ଚକବାବନ ଅଠର ଅଂଶୀ ପୋଖରୀ ଚାରି ପାର୍ଶ୍ୱରେ ୪୦ ରୁ ଉର୍ଦ୍ଧ୍ୱପରିବାର ବାସ କରନ୍ତି। ବର୍ଷାଦିନେ ଏତଦ୍ ଅଞ୍ଚଳର ଉଦବୃତ୍ତ ବର୍ଷା ପାଣି ପୋଖରୀ ରେ ପଡ଼ିଥାଏ ।ତେବେ ପୋଖରୀ ରୁ ପାଣି ନିଷ୍କାସିତ ହୋଇ ପାରୁ ନଥିବାରୁ ବର୍ଷାଦିନେ ଲୋକେ ହନ୍ତସନ୍ତ ହେଉଥିଲେ ।ଏନେଇ ୨୦୦୫ ମସିହାରେ ଗ୍ରାମ୍ୟ କମିଟିର ଏକ ବୈଠକ ବସି ଜଳ ନିଷ୍କାସନ ପାଇଁ ହୋମ୍ ପାଇପ ପକାଇବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା ।ସେହି ଅନୁସାରେ ଜୈନିକ ଜମି ମାଲିକ ତାଙ୍କ ଜମିରେ ଜଳ ନିଷ୍କାସନ ପଥ ତିଆରି ହେଲେ ଅସୁବିଧା ନାହିଁ ବୋଲି ଲିଖିତ ଭାବେ ଜଣାଇଥିଲେ ।ଫଳରେ ସେହି ୨୦୦୫ ମସିହା ରେ ଉକ୍ତ ବ୍ୟକ୍ତିଗତ ଜମି ଉପରେ ହୋମ ପାଇପ୍ ପକା ଯାଇଥିଲା ।କିନ୍ତୁ ପରବର୍ତ୍ତୀ ସମୟରେ ଜଳ ନିଷ୍କାସନ ରେ ସମସ୍ୟା ହେବାରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୯୦ ହଜାର ଟଙ୍କା ବ୍ୟୟରେ କଙ୍କ୍ରୀଟ ଡ୍ରେନ ମଧ ନିର୍ମିତ ହୋଇଥିଲା । ଫଳରେ ପୋଖରୀ ସୁରୁଖୁରୁରେ ପାଣି ନିଷ୍କାସିତ ହେଉଥିଲା ।କିନ୍ତୁ ଗତ ସପ୍ତାହ ତଳେ ଜମି ମାଲିକ ହଠାତ୍ ଡ୍ରେନକୁ ଅବରୋଧ କରିଦେଇଛନ୍ତି ।ଫଳରେ ପୋଖରୀ ରୁ ଜଳ ନିଷ୍କାସନ ହୋଇ ନପାରି ସ୍ଥାନୀୟ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଛି ।ବିଶେଷ କରି କଙ୍କ୍ରୀଟ ରାସ୍ତା ଓ ଲୋକଙ୍କ ଘରବାଡ଼ି ପାଣିରେ ବୁଡି ରହିଛି ।ପାଣି ଜମି ରହି ଦୁର୍ଗନ୍ଧ ବାହାରୁଛି ।ଗାଁ ର ପିଲା ମାନେ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର କୁ ଯାଇ ପାରୁନାହାଁନ୍ତି ।ଗତକାଲି ଗ୍ରାମବାସୀ ଡ୍ରେନ ସଫା କରିବାକୁ ଯାଇଥିବା ବେଳେ ଜମି ମାଲିକ ସଫା କରିବାକୁ ଦେଇନଥିଲେ । ଏନେଇ ଆଜି ଗ୍ରାମର ଶ୍ରୀକଣ୍ଠ ମହାନ୍ତି ,ହେରମ୍ବ ନାରାୟଣ ଦାସ ,ଜୟନ୍ତ ଗିରି ,ଗଣେଶ ଚନ୍ଦ୍ର ସେଣ ,ତପନ ସାହୁ ,ଉତ୍ତମ ସାହୁ,ବରୁଣ ସେଣ ,ରତନ କୁମାର ସେଣ ,ସତ୍ୟ ରଞ୍ଜନ ସେଣ ପ୍ରମୁଖଙ୍କ ଦସ୍ତଖତରେ ଜିଲ୍ଲାପାଳଙ୍କ ପ୍ରୋଟାଲ ସହ ଜଳେଶ୍ୱର ତହସିଲଦାର ଏବଂ ବିଡ଼ିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

## ଏନଏସି ମାନ୍ୟତା ଦାବିରେ ୧୨ ଘଂଟିଆ ବେଲପଡ଼ା ବନ୍ଦ ପାଳନ

ବଲାଙ୍ଗିର, ୨୨/୦୮ (ନି.ପ୍ର): ବିଜ୍ଞାପିତ ଅଂଚଳ ପରିଷଦ (ଏନଏସି) ମାନ୍ୟତା ଦାବିରେ ଆଜି କୋଶଳ ସଂଗ୍ରାମ ସମିତି ପକ୍ଷରୁ ୧୨ ଘଂଟିଆ ବେଲପଡ଼ା ବନ୍ଦ ପାଳନ କରାଯାଉଛି । ସକାଳ ୬ଟା ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯାଉଛି । ଆନ୍ଦୋଳନକାରୀମାନେ ତାରିଣୀ ମନ୍ଦିର ଛକରେ ପିକେଟିଂ କରିବା ସହ ଗାଡ଼ି ମୋଟର ଅଟକାଉଥିବା ଦେଖିବାକୁ ମିଳିଛି । ଏଥିସହ ବିଭିନ୍ନ ଛକରେ ମଧ ଆନ୍ଦୋଳନକାରୀମାନେ ପିକେଟିଂ କରୁଛନ୍ତି । ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ଦୋକାନ ବଜାର ଓ ଗାଡ଼ି ଚଳାଚଳ ବନ୍ଦ ରହିଛି । ତେବେ ଅତ୍ୟାବଶ୍ୟକ ସେବାକୁ ଏଥିରୁ ବାଦ୍ ଦିଆଯାଇଛି ।

# ସେଲ୍ ରାଉରକେଲା ଇସ୍ପାତ କାରଖାନାର ନୂତନ ପ୍ଲେଟ୍ ମିଲ୍ ବିଭାଗରେ ଜରୁରୀକାଳୀନ ପରିସ୍ଥିତିରେ ମୁକାବିଲା ନିମନ୍ତେ ମକ୍ ଡ୍ରିଲ୍ ଆୟୋଜିତ



ରାଉରକେଲା, ୨୨/୦୮ (ନି.ପ୍ର): ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଅଗଷ୍ଟ ୧୪ ତାରିଖରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ନୂତନ ପ୍ଲେଟ୍ ମିଲ୍ ବିଭାଗର ଫର୍ଣ୍ଣେସ୍ ନିକଟସ୍ଥ ମାନିଫୋଲ୍ଡ ଅଞ୍ଚଳରେ ଅଗ୍ନି ନିରାପତ୍ତା ଉପରେ ଏକ ମକ୍ ଡ୍ରିଲ୍ ଆୟୋଜିତ ହୋଇଥିଲା।

ଏହି ଅଭ୍ୟାସଟି ଏନପିଏମ ଏବଂ ଏସପିପି ବିଭାଗର ସିଜିଏମ ଶ୍ରୀ ଆର.କେ. ବିସାରେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିବା ବେଳେ ଏଥିରେ ଅଗ୍ନିଶମ ସେବା ବିଭାଗର ଡ଼ିଜିଏମ ତଥା ସାଇଟ୍ ଇନସିଡେଣ୍ଟ କଣ୍ଟ୍ରୋଲର ଶ୍ରୀ ମଙ୍ଗେଶ ସୋଙ୍କୁସାରେ, ମେକନିକାଲ ବିଭାଗର ଜିଏମ ତଥା ଏଚଓଏସ ଶ୍ରୀ ସୁଧାକର ସୁବ୍ରମଣ୍ୟମ୍, ଅପରେସନ୍ ବିଭାଗର ଜିଏମ ତଥା ଏଚଓଏସ ଶ୍ରୀ ଏନ. ମହାପାତ୍ର, ଇଲେକଟ୍ରିକାଲ ବିଭାଗର ଡ଼ିଜିଏମ ତଥା ଏଚଓଏସ ଶ୍ରୀ ଅମିତ ରାଓ୍ୱତ ସହଯୋଗ ପ୍ରଦାନ କରିଥିଲେ । ଏହି ସୁରକ୍ଷା ଅଭ୍ୟାସ ଆରଏସପି ରେ ଚାଲୁଥିବା ବୈଧାନିକ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ପ୍ରୋଟୋକଲର ଏକ ଅଂଶ ଥିଲାବେଳେ ଏହାର ଲକ୍ଷ୍ୟ ଅନସାଇଟ୍ ବିପର୍ଯ୍ୟ ପରିଚାଳନା ବ୍ୟବସ୍ଥାର ଦକ୍ଷତା ଏବଂ ପ୍ରସ୍ତୁତି ପରୀକ୍ଷା କରିବା ନିମନ୍ତେ ରଖାଯାଇଛି।

ଏହି ସୁରକ୍ଷା ଅଭ୍ୟାସରେ ନିଆଁ ଲାଗିବା ପରେ ଏକ ମିଶ୍ରିତ ଗ୍ୟାସ ଏକ ସିମୁଲେଟେଡ୍ ଲିକେଜ୍ ସୃଷ୍ଟି ହୋଇଥିଲା, ଯାହା ଅଗ୍ନିଶମ ସେବା, ବୃତ୍ତିଗତ ସ୍ୱାସ୍ଥ୍ୟ ସେବା କେନ୍ଦ୍ର (ଓଏଚଏସସି), ଶକ୍ତି ପରିଚାଳନା ବିଭାଗ (ଇଏମଡ଼ି), ସୁରକ୍ଷା ଇଞ୍ଜିନିୟରିଂ ଏବଂ ସିଆଇଏସଏଫ ସମେତ ପ୍ରମୁଖ ବିଭାଗଗୁଡ଼ିକରୁ ଏକ ସମନ୍ୱିତ ପ୍ରତିକ୍ରିୟାକୁ ସକ୍ରିୟ କରିଥିଲା।

ବହୁ ବିଭାଗର ପ୍ରଶିକ୍ଷିତ କର୍ମଚାରୀଙ୍କୁ ନେଇ ଗଠିତ ତିନୋଟି ଉତ୍ସର୍ଗୀକୃତ ଦଳ ଉଦ୍ଧାର, ସହାୟକ ଏବଂ ଯୁଦ୍ଧ, ସିମୁଲେଟେଡ୍ ଜରୁରୀକାଳୀନ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବାସ୍ତବ ସମୟ କାର୍ଯ୍ୟ କରିଥିଲେ। ପ୍ରତିକ୍ରିୟା ସମୟ, ଆନ୍ତଃ ଏଜେନ୍ସି ସମନ୍ୱୟ ଏବଂ ମାନକ କାର୍ଯ୍ୟ ପ୍ରକ୍ରିୟା (ଏସଓପି) ପାଳନ ଭଳି ପ୍ରମୁଖ ପରିମାପକ ଗୁଡ଼ିକୁ ସମାଲୋଚନାମୂଳକ ଭାବରେ ମୂଲ୍ୟାଙ୍କନ କରାଯାଇଥିଲା।

ଶିଳ୍ପ କ୍ଷେତ୍ରରେ ଉପୁଜୁ ଥିବା ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲାରେ ଉଚ୍ଚ ସତର୍କତା ଏବଂ ତ୍ୱରିତ ପ୍ରତିକ୍ରିୟାଶୀଳତା ସୁନିଶ୍ଚିତ କରିବା ପାଇଁ ଆରଏସପିର ରଣନୈତିକ କାର୍ଯ୍ୟକ୍ଷମ ୟୁନିଟ୍ ଗୁଡ଼ିକରେ ଏପରି ମକ୍ ଡ୍ରିଲ୍ ନିୟମିତ ଭାବରେ ଅନୁଷ୍ଠିତ ହୋଇଥାଏ । ଏକ ଡିବ୍ରିଫିଂ ଏବଂ ମୂଲ୍ୟାଙ୍କନ ଅଧିବେଶନ ଶିକ୍ଷା ଏବଂ ଉନ୍ନତି ପାଇଁ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି ମକ୍ ଡ୍ରିଲ୍ ଶେଷ ହୋଇଥିଲା। ଏହି ସୁରକ୍ଷା ଅଭ୍ୟାସରେ ଏନପିଏମ ବିଭାଗର ଡ଼ିଏସଓ ତଥା ସିନିୟର ମ୍ୟାନେଜର ଶ୍ରୀ ସୁମନ କୁମାର ସଂଯୋଜନା କରିଥିଲେ।

# ଗାଁ ବିକାଶରେ ବାଧକ ସାଜିଛି ପାହାଡ଼ିଆ ନଦୀ

ଜୟପୁର, ୨୨/୦୮ (ନି.ପ୍ର): ଗ୍ରାମାଂଚଳର ସୁଗମନାଗମନ ପାଇଁ ସରକାରଙ୍କ କାହିଁ କେତେ ଯୋଜନା, ହେଲେ ଯୋଜନା ଯୋଜନ ଦୂରରେ । ଗାଁ ଲୋକେ ଦୀର୍ଘ ବର୍ଷ ଧରି ଦାବୀ କରିଆସୁଥିଲେ ମଧ ଆଜି ପର୍ଯ୍ୟନ୍ତ ପୋଲ ଖଣ୍ଡିଏ ନିର୍ମାଣ ହୋଇପାରୁନାହିଁ । ଯାହାକୁ ନେଇ ଏବେ ବଢୁଛି ଅସନ୍ତୋଷ । ବର୍ଷା ଦିନେ ନଦୀ ଫୁଲିଲେ ଜୀବନକୁ ବାଜି ଲଗାଇ ରସି ସାହାଯ୍ୟରେ ନଦୀ ପାର ହେବାକୁ ପଡେ । ଏଭଳି ଚିତ୍ର ଦେଖିବାକୁ ମିଳିଛି କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଚେରକା ଫଂଚାୟତର କାଙ୍ଗୁଗୁଡା ନିକଟରେ । ଚେରକା ପଂଚାୟତର କାଙ୍ଗୁଗୁଡା, ଅଟାଳଗୁଡା ଏବଂ ଝାଲିଆଗୁଡା ତିନୋଟି ଗ୍ରାମର ଏକ ଶହରୁ ଉର୍ଦ୍ଧ୍ୱ ପରିବାର ଲୋକେ ଜୀବନକୁ ବାଜି ଲଗାଇ ଦଉଡ଼ି ସାହାଯ୍ୟରେ ନଦୀ ପାର ହେଉଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟ ଶିକ୍ଷକ, ସ୍ଥାନୀୟ ଅଙ୍ଗନବାଡି କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ମାନେ କଷ୍ଟେ ମଷ୍ଟେ ଯିବା ଆସିବା କରୁଛନ୍ତି । ସ୍କୁଲ ପିଲା ଏବଂ ଅଙ୍ଗନବାଡି ଛୁଆ ଠାରୁ ଆରମ୍ଭ କରି ମହିଳା ପୁରୁଷ ସମସ୍ତେ ହନ୍ତସନ୍ତ ହେଉଛନ୍ତି । ଆଉ ଜରୁରୀକାଳୀନ ପରିସ୍ଥିତରେ ସେମାନଙ୍କ କଷ୍ଟ ଦୁଇଗୁଣିତ ହେଉଛି ବୋଲି ଗାଁ ଲୋକେ କହିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ ହେଉ ଅବା ନିତିଦିନିଆ ଆବଶ୍ୟକିୟ ସାମଗ୍ରୀ, ପିଡିଏସ ସାମଗ୍ରୀ ହେଉ ସବୁବେଳେ ଏ ଅଂଚଳବାସୀ ନିର୍ଭରଶୀଳ ପଂଚାୟତ କାର୍ଯ୍ୟାଳୟ ଉପରେ । ଏବେ ଏହି ଗାଁ ପାଇଁ ରହିଛି ରାସ୍ତା ଓ ପୋଲ ସମସ୍ୟା । ଭଲ ରାସ୍ତାଟିଏ ନଥିବାରୁ ଅନେକ ହଇରାଣ ହୁଅନ୍ତି ଅଂଚଳବାସୀ । ହେଲେ ଗାଁକୁ ଯିବାକୁ ଏହି କଚ୍ଚା ରାସ୍ତା ଦେଇ ପାହାଡିଆ ନଦୀ ପାରି ହେବାକୁ ପଡେ । ଆଉ ବର୍ଷା ଦିନେ ଜଳବନ୍ଦୀ ଜୀବନ।

# ଏମପିକେ ବିଦ୍ୟାଳୟରେ ଶ୍ରୀମଦ ଭଗବଦଗୀତା ପୁସ୍ତକ ବଣ୍ଟନ



ବାରିପଦା , ୨୨/୦୮ (ନି.ପ୍ର): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ଏମ ପି କେ ବାଳିକା ଉଚ୍ଚ ବିଦ୍ୟାଳୟରେ ପଶ୍ଚିମବଙ୍ଗ ସ୍ଥିତ ମାୟାପୁର ଇସ୍କନ ତରଫରୁ ପବିତ୍ର ଭଗବଦ ଗୀତା ଦାନ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତ କୁମାର ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାୟାପୁର ଧାମରୁ ଆସିଥିବା ଶ୍ରୀପାଦ ଗୌରଧାମ ଦାସ, ମନୋରମ ଗୌର ଦାସ ଓ ବାରିପଦାର ଗୋଲକ ଗୋପୀନାଥ ଦାସ ଯୋଗ ଦେଇ ପବିତ୍ର ଗ୍ରନ୍ଥ ଗୀତା ଉପରେ ଆଲୋକପାତ କରିଥିଲେ ଓ ନିୟମିତ ଗୀତା ପାଠ ଦ୍ୱାରା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ, ମାନସିକ, ଆଧାତ୍ମିକ ଓ ଶାରୀରିକ ବିକାଶ ସହ ଜଣେ ସୁନାଗରିକ ରୂପେ ଗଢିତୋଳିବାରେ ସହାୟକ ହୋଇଥାଏ ବୋଲି ଅତିଥିଗଣ ପ୍ରକାଶ କରିଥିଲେ ଓ ୯ମ ଓ ୧୦ମ ଶ୍ରେଣୀର ୩୦୦ ଛାତ୍ରୀଙ୍କୁ ଏହି ପୁସ୍ତକ ବଣ୍ଟନ କରିବାରେ ବାରିପଦାର ଗୋପାଳ ଜିୱେଲାରୀର ଉଦ୍ୟକ୍ତା ମନୋଜ କୁମାର ସାଓ, ସଂଜୀବ କୁମାର ହୋତା, ପଦ୍ମଲାଭ ଦାସ, ଚନ୍ଦ୍ରକାନ୍ତି ଦାସ, ଅମୁଲ୍ୟ ଜେନା, ଗରୁଡ଼ ବାହାନ ଦାସ, ଖୁଣ୍ଟାର ଶିବରାମ ଟୁଡୁ ଓ ମହାରାଷ୍ଟ୍ରର ହରେଶ କଂଜନୀ ସାହାଯ୍ୟ କରିଥିଲେ ଓ ବିଦ୍ୟାଳୟର ଶିକ୍ଷକ କମଳାଂଶୁ ତ୍ରିପାଠୀ, ଶିକ୍ଷୟତ୍ରୀ ବିନ୍ଦୁସ୍ମିତା ସାହୁ ଓ କଳ୍ପନା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିବାବେଳେ ଶିକ୍ଷକ ବିଶେଶ୍ୱର ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆତ୍ମହତ୍ୟା କେବେହେଲେ ଏକ ସମାଧାନ ନୁହେଁ, ନିଷ୍ପତ୍ତି ନେବା ପୂର୍ବରୁ ଅନ୍ତତଃ ଦୁଇଥର ଭାବନ୍ତୁ : 'ମଦର'

ଭୁବନେଶ୍ୱର , ୨୨/୦୮ (ନି.ପ୍ର): ଆତ୍ମହତ୍ୟା କେବେ ମଧ ଏକ ସମାଧାନ ନୁହେଁ । ଜୀବନ ଦୁର୍ଲଭ, ଏହାକୁ ପୂର୍ଣ୍ଣତାର ସହ ବଞ୍ଚନ୍ତୁ । ଆସନ୍ତୁ ଥରେ କଥା ହେବା । ଏଭଳି କିଛି ନିଆରା ସଚେତନତାର ବାର୍ତ୍ତା ନେଇ ରାଜଧାନୀର ମହାତ୍ମାଗାନ୍ଧୀ ମାର୍ଗରେ ଆଜି ଏକ ସ୍ୱତନ୍ତ୍ର ଜଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି । ସାମାଜିକ ଅନୁଷ୍ଠାନ ମଦର ପକ୍ଷରୁ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଦାସ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇ କହିଥିଲେ କି, ଆତ୍ମହତ୍ୟା କେବେ ମଧ ଏକ ସମାଧାନ ନୁହେଁ। ଏହା ଏକ ସ୍ଥାୟୀ କାର୍ଯ୍ୟ ଯାହା ଏକ ଅସ୍ଥାୟୀ ସମସ୍ୟାକୁ ସମାଧାନ କରିବା ପାଇଁ ଗ୍ରହଣ କରାଯାଏ, ଏବଂ ଏହା ଆପଣଙ୍କୁ ଆପଣଙ୍କର ଯନ୍ତ୍ରଣା ଏବଂ ଦୁଃଖରୁ ମୁକ୍ତ କରିବ ବୋଲି ଭ୍ରମ ସୃଷ୍ଟି କରେ। କିନ୍ତୁ ବାସ୍ତବତା ହେଉଛି ଏହା କେବଳ ଆପଣଙ୍କର ଯନ୍ତ୍ରଣାକୁ ଶେଷ କରେ ନାହିଁ, ଏହା ଆପଣଙ୍କ ପରିବାର ଏବଂ ବନ୍ଧୁମାନଙ୍କ ମଧରେ ଏକ ଗଭୀର ଶୂନ୍ୟତା ଏବଂ ଦୁଃଖ ଛାଡିଦେଇଥାଏ, ଯେଉଁମାନେ ଆପଣଙ୍କୁ ଭଲ ପାଆନ୍ତି। ଯଦି ଆପଣ ବା ଆପଣଙ୍କ ଜଣେ ପରିଚିତ ମନସ୍ତାପ ଏବଂ ନିରାଶାରେ ଅଛନ୍ତି, ତେବେ ଦୟାକରି ନିଃସଙ୍କୋଚ ଭାବେ ସାହାଯ୍ୟ ନେବା ପାଇଁ କହିବା ଜରୁରୀ ବୋଲି କହିଛନ୍ତି 'ମଦର' ଅନୁଷ୍ଠାନର ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଦାସ । ଅନୁଷ୍ଠାନର ସମ୍ପାଦିକା ସସ୍ମିତା ଦାସ ସମସ୍ତ ଜନସାଧାରଣଙ୍କୁ ନିବେଦନ କରି କହିଥିଲେ କି, ଆତ୍ମହତ୍ୟା ଭଳି ଭାବନା ମନକୁ ଆସିବା କିମ୍ବା ଏହିପରି ଅନୁଭବ କରିବା ସ୍ୱାଭାବିକ, କିନ୍ତୁ ଏଥିପାଇଁ ସାହାଯ୍ୟ ଉପଲବ୍ଧ ଅଛି ବୋଲି ଜାଣିରଖିବା କଥା ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ, କାଉନସେଲର, ବିଶ୍ୱସ୍ତ ବନ୍ଧୁ କିମ୍ବା ପରିବାର ସଦସ୍ୟଙ୍କ ସହିତ କଥା ହେଲେ ଅନେକ ସମୟରେ ଆଶା ଏବଂ ସମାଧାନ ମିଳିଥାଏ। ତେଣୁ କିଛି ଜଗତେ ନିଷ୍ପତ୍ତି ନିବା ପୂର୍ବରୁ ଅନ୍ତତଃ ଦୁଇଥର ଭାବିବାକୁ ସେ ନିବେଦନ କରିଥିଲେ । ଆଗାମୀ ଦିନରେ 'ମଦର' ପକ୍ଷରୁ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଏବଂ ଶିକ୍ଷାନୁଷ୍ଠାନ ମାନଙ୍କରେ ମଧ ଛାତ୍ରଛାତ୍ରୀମାନଙ୍କୁ ଏବିଷୟରେ ସଚେତନ କରାଯିବ । ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଏବଂ ସାମାଜିକ ପରିପକ୍ୱତା ବୃଦ୍ଧି ଦିଗରେ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧରେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ମାନେ ସାମ୍ପ୍ରତିକ ସମୟରେ ବଢୁଥିବା ଆତ୍ମହତ୍ୟା ପ୍ରବଣତାକୁ ନେଇ ଚିନ୍ତା ପ୍ରକଟ କରିଥିଲେ । ପ୍ରାୟ ପ୍ରତିଦିନ ଗଣମାଧମରେ ଆତ୍ମହତ୍ୟାର ଖବର ଶୁଣିବାକୁ ମିଳୁଛି, ଯାହା ଏକ ସୁସ୍ଥ ସମାଜର ଲକ୍ଷଣ ନୁହେଁ । ଯଦି ଆପଣ ଜଣେ ବନ୍ଧୁ କିମ୍ବା ପରିବାର ସଦସ୍ୟ ଭାବରେ ସନ୍ଦେହ କରୁଛନ୍ତି ଯେ କୌଣସି ବ୍ୟକ୍ତି ସଙ୍କଟାପନ୍ନ, ତାଙ୍କ ସହିତ ଖୋଲା ଏବଂ ବିଚାରପୂର୍ଣ୍ଣ ଭାବରେ କଥା ହେବାକୁ ପଛାନ୍ତୁ ନାହିଁ। ତାଙ୍କ କଥା ଶୁଣନ୍ତୁ, ତାଙ୍କୁ ନ୍ୟାୟ ଦିଅନ୍ତୁ, ଏବଂ ସେମାନଙ୍କୁ ପେସାଦାର ସାହାଯ୍ୟ ପାଇବାରେ ସହାୟତା କରନ୍ତୁ ବୋଲି ଉପସ୍ଥିତ ଥିବା ପ୍ରଶାନ୍ତ ରାଉତରାୟ, ଦିପ୍ତୀଶ୍ରୀ ନାୟକ, ନବକାନ୍ତି ମାଝି, ମଣ୍ଟୁ ମଲ୍ଲିକ, ପୁରବୀ ଶତପଥୀ, ରବି ସାହୁ ପ୍ରମୁଖ ମତବ୍ୟକ୍ତ କରିଥିଲେ ।




# ପୁରୁଷୋତ୍ତମପୁରରେ ଗୋପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୨୨/୦୮ (ନି.ପ୍ର): ଗୋ ସେବା ଓ ପୂଜା ମହତ ପୂଜା । ଏହି ଅବସରେର କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ପୁରୁଷୋତମପୁର ଗ୍ରାମରେ ଥିବା ଗୋଶାଳା ଠାରେ ଏକ ଗୋପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଯୁବକମାନଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମେର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବାସନ୍ତୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗେଦଇ ଗୋପୂଜା କରିଥିଲେ । ଏହି ଅବସରେର ଗୋମାତାଙ୍କୁ ବିଭିନ୍ନ ପ୍ରକାର ଖାଦ୍ୟ ଦିଆଯାଇଥିଲା । ସ୍ୱେଚ୍ଛାସେବୀ ମାନଙ୍କ ପକ୍ଷରୁ ଗୋଶାଳା ସଫାସୁତୁରା କରାଯାଇଥିଲା।

# ସାର ଅଭାବକୁ ନେଇ ଲେମ୍ପସ କାର୍ଯ୍ୟାଳୟରେ ତାଲା ଠୁଙ୍କିଲେ ଚାଷୀ

ଜୟପୁର, ୨୨/୦୮ (ନି.ପ୍ର): ସାର ଅଭାବ ଯୋଗୁଁ କୋରାପୁଟ ଜିଲ୍ଲାରେ ବଢୁଛି ଚାଷୀ ଅସନ୍ତୋଷ, କେଉଁଠି ରାସ୍ତା ଅବରୋଧ ତ ଆଉ କେଉଁଠି ଆନ୍ଦୋଳନ । ଆଉ ଆଜି ସାର ଅଭାବକୁ ନେଇ ବୈପାରୀଗୁଡା ସ୍ଥିତ ଲେମ୍ପସ କାର୍ଯ୍ୟାଳୟରେ ତାଲା ଠୁଙ୍କିଲେ ଶତାଧିକ ଚାଷୀ । ସାର ନ ମିଳିବା ପର୍ଯ୍ୟନ୍ତ ତାଲା ଖୋଲା ହେବ ନାହିଁ ବୋଲି ଚାଷୀ ଚେତାବନୀ ଦେଇଛନ୍ତି । ଲେମ୍ପସ ଆଗରେ ଚାଷୀଙ୍କ ବିକ୍ଷୋଭ ଦେଖିବାକୁ ମିଳିଛି । ବୈପାରୀଗୁଡ଼ା ଅଂଚଳରେ ଦୀର୍ଘ ଦିନ ଧରି ଚାଷୀଙ୍କୁ ସାର ମିଳୁନି । ହନ୍ତସନ୍ତ ହେଉଛନ୍ତି ଚାଷୀ।

# ଜିଲ୍ଲାରେ ଉନ୍ନତ ସରକାରୀ ସ୍ୱାସ୍ଥ୍ୟସେବା ଦାବିରେ ଗଣଧାରଣା ସମାପ୍ତ

## ବ୍ଲକ୍‌ରୁ ବିଧାନସଭା ପର୍ଯ୍ୟନ୍ତ ଆନ୍ଦୋଳନ ପାଇଁ ଆହ୍ୱାନ




ବାଲେଶ୍ୱର, ୨୨/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦାବିରେ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ସପ୍ତାହ ବ୍ୟାପୀ ଚାଲିଥିବା ଗଣଧାରଣା ଶୁକ୍ରବାର ଅପରାହ୍ନରେ ସମାପ୍ତ ହୋଇଛି। ବାଲେଶ୍ୱରସ୍ଥିତ ଫକୀରମୋହନ ମେଡିକାଲ୍ କଲେଜ୍, ଏମ୍‌ସ୍ ସାଟେଲାଇଟ୍ ସେଣ୍ଟର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାରେ ଥିବା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଦାବିରେ ଚଳିତ ମାସ ୧୮ ତାରିଖରୁ ବାଲେଶ୍ୱର ମେଡ଼ିକାଲ୍ କଲେଜ୍ ଓ ହସପିଟାଲ୍ କ୍ରିୟାନୁଷ୍ଠାନ କମିଟି ସମେତ ବିଭିନ୍ନ ସାମାଜିକ-ସାଂସ୍କୃତିକ ଓ ଗଣସଂଗଠନ ମାନଙ୍କ ପକ୍ଷରୁ ଉକ୍ତ ଗଣଧାରଣା ଚାଲିଥିଲା। ସପ୍ତାହବ୍ୟାପୀ ଏହି ଗଣତାନ୍ତ୍ରିକ ଆନ୍ଦୋଳନରେ ଜିଲ୍ଲାର ପ୍ରାୟ ୩୫ଟି ସଂଗଠନ ଯୋଗଦେଇ ଜିଲ୍ଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଶୁକ୍ରବାର ଅନ୍ତିମ ଦିନରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ଜରିଆରେ ୧୭ଟି ସଂଗଠନ ସେମାନଙ୍କ ଦାବିପତ୍ର ପ୍ରଦାନ କରିଥିଲେ। ଗଣଧାରଣାସ୍ଥଳରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଟିୟୁଏସିସି ଅଧକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସୁଧାଂଶୁ ଶେଖର ପରିଡ଼ା, ସୁକାନ୍ତ ନାୟକ ଓ ସ୍ୱରୂପ ଦାସଙ୍କ ସମେତ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ଗୌତମବୁଦ୍ଧ ଦାସ, କବି ଡ. କାଳୀପଦ ପଣ୍ଡା, ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ନାରୀନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଯୁବନେତା ବିକ୍ରମ ପଣ୍ଡା, କାଞ୍ଚନବାଳା ପାତ୍ର, ଶିଶିର ହୁଇ, ଗୋବିନ୍ଦ ପଟ୍ଟନାୟକ, ଗୀତାଞ୍ଜଳି ସିଂହ, ସାମାଜିକ କର୍ମୀ ଅରୁଣ ଜେନା, ଆଇନଜୀବୀ ମନୋଜ ନାୟକ, ବସନ୍ତଲତା ପଟ୍ଟନାୟକ, ଉର୍ମିଳା ମାଝୀ, ପ୍ରଜ୍ଞା ବିଶ୍ୱାଳ, ପ୍ରଫେସର ଅନନ୍ତ ପ୍ରଧାନ, ବିଟିସିସି ପକ୍ଷରୁ ନରେନ୍ଦ୍ର ବିହାରୀ ଦାସ, ଓକିଲ ସଂଘ ସଂପାଦକ ସଂବିତ ନନ୍ଦୀ, ସୁକାନ୍ତି ଦେବଗୋସ୍ୱାମୀ, କୁମୁଦ ରଞ୍ଜନ ଗିରି, ପ୍ରତିମା ପଣ୍ଡା, ପ୍ରେମରଞ୍ଜନ ପାତ୍ର, ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ଦାମୋଦର ନାୟକ, ବେଣୁଧର ବାରିକ, ନାରୀନେତ୍ରୀ ମମତା ଦାସ, ଭାରତୀ ପଣ୍ଡା, ସରସ୍ୱତୀ ପଣ୍ଡା, ମୀନା ବିଶ୍ୱାଳ, ବନ୍ଦନା ପାଲ୍, ବନ୍ଦନା ପାତ୍ର, ମିନତୀ ବେହେରା, କଲ୍ୟାଣୀ ନନ୍ଦ ଏବଂ ଜିଲ୍ଲା କ୍ରିୟାନୁଷ୍ଠାନ ପକ୍ଷରୁ ଉପସଭାପତି ନିରଞ୍ଜନ ରାଉତ, ସଂପାଦକ ପ୍ରଦୀପ ଦାସ, ପ୍ରଫୁଲ୍ଲ ଦାସ, ଶ୍ୟାମସୁନ୍ଦର ଜେନା, ଯତୀନ୍ ପାତ୍ର ପ୍ରମୁଖ ଆଗତ ୧୮ଦଫା ଦାବିର ଯଥାର୍ଥତା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟସେବା ସଂପର୍କିତ ୧୮ଦଫା ଦାବିଗୁଡ଼ିକ ପୂରଣ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନହେଲେ ବିଧାନସଭାର ଶୀତକାଳୀନ ଅଧିବେଶନ ସମୟରେ ଭୁବନେଶ୍ୱର ଠାରେ ଜନ ସମାବେଶ ଓ ଆସନ୍ତା ଦୁର୍ଗାପୂଜା ପରେ ଜିଲ୍ଲାର ବ୍ଲକ୍‌ସ୍ତରୀୟ ଆନ୍ଦୋଳନ ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜନସଂପର୍କ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ପ୍ରସ୍ତାବ ଆଗତ କରିଥିଲେ। ଏ ପ୍ରସ୍ତାବ ସଂପର୍କରେ ଜିଲ୍ଲା କମିଟି ପକ୍ଷରୁ ଆସନ୍ତା ବୈଠକରେ ସବିଶେଷ ନିଷ୍ପତ୍ତି ନିଆଯିବାକୁ ସ୍ଥିର ହୋଇଛି। କ୍ରିୟାନୁଷ୍ଠାନ କମିଟିର ସଭାପତି ଡ. ଇଞ୍ଜିନିୟର ହୃଷିକେଶ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇ ଆଗାମୀ ଆନ୍ଦୋଳନରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଶୁକ୍ରବାର ଦିନ ଗଣଧାରଣାରେ ଶତାଧିକ ମହିଳା ଯୋଗ ଦେଇଥିବାର ଦେଖାଯାଇଥିଲା।

# ରଘୁନାଥ ଉଚ୍ଚ ବିଦ୍ୟାଳୟରେ 'ସଂସ୍କୃତ ଭାଷାର ମହତ୍ତ୍ୱ' ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ



ବୈଶିଙ୍ଗା , ୨୨/୮ (ନି.ପ୍ର): ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଜାତୀୟ ସଂସ୍କୃତ ଦିବସ ପାଳନ ଅବସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାସୁଦେବ ସଂସ୍କୃତ ମହାବିଦ୍ୟାଳୟ ତୋଟାପଡ଼ାର ର ଅଧକ୍ଷ ଶ୍ରୀ ଅରୁଣ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ ପୁଷ୍ପାଞ୍ଜଳୀ ପ୍ରଦାନ ପୂର୍ବକ ଉଦଘାଟନ କରିଥିଲେ। 'ସଂସ୍କୃତ ଭାଷାର ମହତ୍ତ୍ୱ' ସମ୍ପର୍କିତ ବିଷୟ ବସ୍ତୁ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଥିଲା। ବିଦ୍ୟାଳୟର ବହୁ ଛାତ୍ର ଛାତ୍ରୀ ସଂସ୍କୃତ ଭାଷା ପଢିବାର ଆବଶ୍ୟକତା , ଏହାର ମହତ୍ତ୍ୱ ଓ ଭବିଷ୍ୟତ ଉପରେ ନିଜ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀ ଅତୁଲ କୁମାର ମିଶ୍ର, ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ରଜତ କୁମାର ଦାଶ , ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରାଜ କିଶୋର ଦାଶ, ସଂସ୍କୃତ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର,ନିରଞ୍ଜନ ବାରିକ୍, ବଂଶୀଧର ଗିରି, ହରେକୃଷ୍ଣ ମହାନ୍ତ, ତରିଣୀ କାନ୍ତ ମହାନ୍ତ, ଶୁଭାଶିଷ ପଣ୍ଡା ଓ ଶୁଭବନ୍ତ ନାୟକ କାର୍ଯ୍ୟକ୍ରମ ରେ ଯୋଗ ଦେଇ ସଂସ୍କୃତ ଭାଷା ସବୁ ଭାଷାର ଜନନୀ ବୋଲି ମତବ୍ୟକ୍ତ କରିଥିଲେ। ପୃଥିବୀର ମହାନ୍ ଆମ ସଂସ୍କୃତି ଓ ସଂସ୍କୃତ ପରସ୍ପର ପରିପୂରକ। ଆମ ମୁନି ଋଷି ଙ୍କ ମୁଖ ନିଶୃତ ସଂସ୍କୃତ ଭାଷା ଆମ ସଭ୍ୟତା ଓ ସଂସ୍କୃତି କୁ ଉଜ୍ଜୀବିତ କରିଥିଲା ଏବଂ ଭବିଷ୍ୟତରେ କରିବ ମଧ୍ଯ ବୋଲି ମୁଖ୍ୟ ଅତିଥି କହିଥିଲେ। ତେଣୁ ଏହି ବେଦ ଭାଷା ସଂସ୍କୃତ ସଭିଙ୍କ ମୁଖ ନିସୃତ ଭାଷା ହେଉ ବୋଲି ମୁଖ୍ୟ ଅତିଥି ଆହ୍ୱାନ ଦେଇ ଥିଲେ। ଆଜିର ଓଡିଆ ବ୍ୟାକରଣର ସ୍ରଷ୍ଟା ସାଜି ସଂସ୍କୃତ ଭାଷା ଆମ ସମସ୍ତଙ୍କ ପାଇଁ ପରିଚୟ ସୃଷ୍ଟି କରିପାରିଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଶ୍ରୀମାନ ସୌମ୍ୟ ରଞ୍ଜନ ରାଉତ୍ ଙ୍କ ସଂଯୋଜନାରେ ଆୟୋଜିତ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ବହୁ ଛାତ୍ର ଛାତ୍ରୀ ବିଭିନ୍ନ ସଂସ୍କୃତ ଶ୍ଲୋକ ତଥା ଗୀତା ଶ୍ଳୋକ ଗାନ କରି ସଭିଙ୍କୁ ଅଭିଭୂତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ମହାପାତ୍ରଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରିଥିଲେ। ଏତଦ୍ ବ୍ୟତୀତ ବିଦ୍ୟାଳୟର ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ଶ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର ଙ୍କୁ ସଂସ୍କୃତ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉତ୍ତରୀୟ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ଥିଲା। ସର୍ବଶେଷରେ ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ପ୍ରୀତି ପ୍ରତିକ୍ଷା ବାରିକ୍ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କର୍ଣ୍ଣାଟକର କଂଗ୍ରେସ ବିଧାୟକ କେସି ବୀରେନ୍ଦ୍ରଙ୍କ ଘରେ ଇଡି ରେଡ୍

ନୂଆଦିଲ୍ଲୀ,୨୨/୮ : ପ୍ରବର୍ତ୍ତନ ନିର୍ଦେଶାଳୟର ଅଧିକାରୀମାନେ ଶୁକ୍ରବାର ସକାଳେ କର୍ଣ୍ଣାଟକର ଚିତ୍ରଦୁର୍ଗରୁ କଂଗ୍ରେସ୍ ବିଧାୟକ କେ.ସି. ବୀରେନ୍ଦ୍ରଙ୍କ ଘରେ ରେଡ୍ କରିଛନ୍ତି । ଇଡି ଟିମ୍ ଚିତ୍ରଦୁର୍ଗ ଜିଲ୍ଲାର ଚଲ୍ଲକେରେ କସ୍ୱାରେ କେ.ସି. ବୀରେନ୍ଦ୍ର ଏବଂ ତାଙ୍କର ଭାଇ କେ.ସି. ନାଗରାଜା ଓ କେ.ସି. ଥିପ୍ପେସ୍ୱାମୀଙ୍କ ଘର ସହିତ ମୋଟ ୪ଟି ଘରେ ତଲାସୀ ନେଉଛନ୍ତି। ନିଜସ୍ୱ ଗାଡ଼ିରେ ପହଞ୍ଚିଥିବା ୪୦ ରୁ ଅଧିକ ଇଡି ଅଧିକାରୀ ଏହି ତଲାସୀରେ ସାମିଲ ହୋଇଛନ୍ତି । ପୂର୍ବ ମାମଲା ସନ୍ଦର୍ଭରେ ଏହି ରେଡ୍ରି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ୧୧ ଡିସେମ୍ବର ୨୦୧୬ ରେ ଆୟକର ବିଭାଗ କେ.ସି. ବୀରେନ୍ଦ୍ରଙ୍କ ଘରେ ରେଡ୍ କରିଥିଲେ, ସେତେବେଳେ ବାଥରୁମରୁ ୫ କୋଟି ଟଙ୍କା ନଗଦ ଓ ୩୦ କିଲୋ ସୁନା ଉଦ୍ଧାର ହୋଇଥିଲା।

# ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନର ସାଧାରଣ ବୈଠକ ଓ ସମ୍ବର୍ଦ୍ଧନା ସଭା




ବେତନଟୀ , ୨୨/୮ (ନି.ପ୍ର): ବେତନଟୀ ବ୍ଲକ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ର ସାଧାରଣ ବୈଠକ ଏମପିସି ଉଚ୍ଚବିଦ୍ୟାଳୟ ବେତନଟୀ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଏବିଇଓ ଗୋପାଳ ଚନ୍ଦ୍ର ସେନାପତିଙ୍କୁ ମଧ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏମପିସି ଉଚ୍ଚବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର, ସମ୍ମାନୀତ ଅତିଥି ଭାବରେ ଓଷ୍ଟା ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ପୂର୍ବତନ ଏବିଇଓ ଗୋପାଳ ଚନ୍ଦ୍ର ସେନାପତି ଓ ରମାକାନ୍ତ ମହାନ୍ତ, ପୂର୍ବତନ କ୍ରିଡ଼ା ଶିକ୍ଷକ ହରିଶ ଚନ୍ଦ୍ର ରାଉତ ଯୋଗଦାନ କରିଥିଲେ। ବ୍ଲକ୍ ନୋଡାଲ ପିଇଟି ସଞ୍ଜୟ କୁମାର ପ୍ରଧାନ ଏହି ବୈଠକକୁ ପରିଚାଳନା କରିଥିବାବେଳେ ବ୍ଲକ୍‌ର ସମସ୍ତ ପିଇଟି ଶିକ୍ଷକ,ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଖେଳରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସୁଯୋଗ ପ୍ରଦାନ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବେତନଟୀ ବ୍ଲକକୁ ମଧ ୪ଟି ଜୋନ୍ ଯଥା ବେତନଟୀ, ଛଚିନାପଦା, ଅଁଳା ଓ ବୈଶିଙ୍ଗାରେ ବିଭକ୍ତ କରାଯାଇଅଛି। ଚଳିତ ବର୍ଷ ଜୋନ୍ ସ୍ତରୀୟ କ୍ରୀଡ଼ା ଆସନ୍ତା ୨୫ ତାରିଖରେ ସମସ୍ତ ଜୋନ୍ ରେ ଓ ବ୍ଲକ୍ ସ୍ତରୀୟ କ୍ରୀଡ଼ା ଆସନ୍ତା ସେପଟ୍ମେର ୪ ତାରିଖ ବେତନଟୀ ଏମପିସି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ କରାଯିବାକୁ ସ୍ଥିର ହୋଇଛି। ଉକ୍ତ ବୈଠକରେ ବେତନଟୀ ବ୍ଲକ ନୋଡାଲ ପିଇଟି ସଞ୍ଜୟ କୁମାର ପ୍ରଧାନ ଜିଲ୍ଲା କ୍ରୀଡା ଶିକ୍ଷକ ସଂଗଠନ ର ସମ୍ପାଦକ ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ବ୍ଲକ୍ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରିବା ସହିତ ସନ୍ତରା ଓ ହେମପୁର ହାଇସ୍କୁଲ ରେ ନୂତନ ଭାବରେ ଯୋଗଦାନ କରିଥିବା କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ସର୍ବଶେଷରେ ସଠିଲୋ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ କ୍ଷଣପ୍ରଭା ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଂଜାବୀ ଫିଲ୍ମ କମେଡିଆନ୍ ଜଶବିନ୍ଦର ଭଲ୍ଲାଙ୍କ ବିୟୋଗ

ନୂଆଦିଲ୍ଲୀ,୨୨/୮ : ପଂଜାବୀ ଫିଲ୍ମର ପ୍ରସିଦ୍ଧ କମେଡିଆନ୍ ଜଶବିନ୍ଦର ଭଲ୍ଲା (୬୫ ବର୍ଷ)ଙ୍କର ଶୁକ୍ରବାର ସକାଳେ ଚଣ୍ଡିଗଡ଼ ନିକଟରେ ଥିବା ମୋହାଲିରେ ଦେହାନ୍ତ ହୋଇଛି। ଭଲ୍ଲା ଗତ କିଛି ଦିନ ହେବ ରୋଗରେ ପୀଡ଼ିତ ହୋଇ ମୋହାଲିର ଫୋର୍ଟିସ୍ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ, ଯେଉଁଠାରେ ସେ ଆଜି ସକାଳେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଜସବିନ୍ଦର ଭଲ୍ଲାଙ୍କର ଅନ୍ତିମ ସଂସ୍କାର ୨୩ ଅଗଷ୍ଟରେ ମୋହାଲିରେ କରାଯିବ। ଜଶବିନ୍ଦର ଭଲ୍ଲା ପଞ୍ଜାବୀ କମେଡି ଜଗତର ସେହି କଳାକାରମାନଙ୍କ ମଧ୍ୟରୁ ଅନ୍ୟତମ ଯେଉଁମାନେ ଦୂରଦର୍ଶନର ସାପ୍ତାହିକ କାର୍ଯ୍ୟକ୍ରମ ଦ୍ୱାରା ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ।

# ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବାସୁଦେବପୁର, ୨୨/୮ (ନି.ପ୍ର): ଏକ ବର୍ଣ୍ଣାଢ୍ୟ ପରିବେଶ ମଧରେ ଆଦର୍ଶ ପ୍ରଧାନ ଶିକ୍ଷୟତ୍ରୀ ସରୋଜିନୀ ମହାପାତ୍ରଙ୍କ ପାଇଁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଭଦ୍ରକ ବ୍ଲକ୍ ଅନ୍ତର୍ଗତ ଅସୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାହାଞ୍ଜରେ ଶ୍ରୀମତୀ ସରୋଜିନୀ ମହାପାତ୍ର ଦୀର୍ଘ ବର୍ଷ ଧରି ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢ଼ାଉଥିଲେ। ଏହି ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ସଭାପତିତ୍ୱ କରିଥିଲେ ରାଣୀତାଲ୍ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବୋଧ କୁମାର ସାହୁ। ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ଶୈଳେନ୍ଦ୍ର ନାରାୟଣ ପାଢୀ, ସି ଆର ସି ସି ଜୟନ୍ତ କୁମାର ଜେନା, ତାରାମଣି ଦାସ, ସ୍କୁଲ୍ ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ମଲ୍ଲିକ, ହରିହର ବଳ । ସମସ୍ତ ଅତିଥି ସରୋଜିନୀ ମହାପାତ୍ରଙ୍କ ଶିକ୍ଷା ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଏହି ଅବସରରେ ବିଦାୟୀ ପ୍ରଧାନ ଶିକ୍ଷୟତ୍ରୀ ସରୋଜିନୀ ମହାପାତ୍ର ଙ୍କୁ ମାନପତ୍ର, ଉପଢୌକନ ଓ ବିଭିନ୍ନ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀମତୀ ମହାପାତ୍ର ନିଜର ଅବସର କାଳୀନ ବକ୍ତବ୍ୟ ରଖିଥିଲେ। ଭାରପ୍ରସ୍ତ ପ୍ରଧାନ ଶିକ୍ଷକ ସରୋଜ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଉଗ୍ରସେନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କମିଟି ସଦସ୍ୟ ମାଳତୀ ବେହେରା, ଅଭିମନ୍ୟୁ ସାହୁ, ବୃନ୍ଦିରାମ ସେଠୀ, ଅନିତା ଦାସ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମନୋରମା ମହାନ୍ତି, କବିତା ସାହୁ, ବିଦ୍ୟୁତ୍ ପ୍ରଭା ସେଠୀ, ଉର୍ମିଳା ଜେନା, ସୁମତୀ ସିରିକା, ଶେଖ୍ ରିଆଜ କଦିର ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ସମସ୍ତ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କୋଟି କୋଟି ଟଙ୍କାର...

ସହଜରେ ଟଙ୍କା ରୋଜଗାର ମାୟାରେ ପଡ଼ି ଜାଲି କମ୍ପାନୀ ଦ୍ୱାରା ଠକେଇର ଶିକାର। ଚିଟ୍ ଫଣ୍ଡ ମହାଘୋଟାଲାର ଘା' ଏଯାଏଁ ଶୁଖି ନଥିବା ବେଳେ ଜଗତସିଂହପୁର ଓ କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ଅଞ୍ଚଳରୁ ଆସିଛି କୋଟି କୋଟି ଟଙ୍କା ଠକେଇର ଅଭିଯୋଗ। ଗତକାଲି କିଛି ଲୋକ ନିଶ୍ଚିନ୍ତକୋଇଲି ଥାନାକୁ ଆସି ଅଭିଯୋଗ କରିଛନ୍ତି ଯେ, ହ୍ୟୁଜ୍ ନାଁରେ ଏକ ମୋବାଇଲ୍ ଆପ୍ଲିକେସନ୍ ଜରିଆରେ ସେମାନେ ଠକେଇର ଶିକାର ହୋଇଛନ୍ତି। ସେହିଭଳି ଜଗତସିଂହପୁର ବାଲିକୁଦା ଥାନା ଅଧିନ ଅନନ୍ତପୁର ଫାଣ୍ଡିରେ ପ୍ରାୟ ୫୦ରୁ ଅଧିକ ଲୋକ ଏତଲା ଦେଇଛନ୍ତି ଯେ, ତାଙ୍କ ଅଞ୍ଚଳର ଅନେକ ଲୋକଙ୍କୁ ରୋଜଗାରର ମିଛ ସ୍ୱପ୍ନ ଦେଖାଇ, କୋଟି କୋଟି ଟଙ୍କା ଠକି ନେଇଛି ଏଇ ହ୍ୟୁଜ୍ ଆପ୍। ତେଣୁ କମ୍ପାନୀ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସହ ଏ ଅଞ୍ଚଳରେ ପ୍ରଚାରପ୍ରସାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଠକେଇର ଶିକାର ବ୍ୟକ୍ତି। ହ୍ୟୁଜ୍ ନାଁରେ ଥିବା ଏହି ମୋବାଇଲ୍ ଆପ୍ଲିକେସନକୁ ଡାଉନଲୋଡ୍ କରି ଏଥିରେ ଟଙ୍କା ନିବେଶ କଲେ ପରେ ଏଥିରୁ ଦୈନିକ ରୋଜଗାର ମିଳେ ବୋଲି ଲୋକଙ୍କୁ ପ୍ରବର୍ତ୍ତା ଯାଉଥିଲା। ଥରକେ ଜଣେ ୫ ହଜାର ୫୦୦ରୁ ୧୬ ହଜାର ୫୦୦ କିମ୍ବା ତାଠୁ ଅଧିକ ଟଙ୍କିଆ ସ୍କିମରେ ଯୋଡ଼ିହେବା ପରେ ଦୈନିକ ୨୦୦ରୁ ୬୧୫ କିମ୍ବା ତାଠୁ ଅଧିକ ଟଙ୍କା ଆକାଉଣ୍ଟକୁ ଆସିବାର ଲୋଭ ଦେଖାଯାଉଥିଲା। ଆଉ ନିଜ୍ ନେଟଓ୍ୱର୍କରେ ଅଧିକ ଲୋକଙ୍କୁ ସାମିଲ କଲେ ୧୦ ହଜାରରୁ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ମାସିକ ଦରମା ମିଳିବାର ଲୋଭନୀୟ ପ୍ରତିଶ୍ରୁତି ମିଳୁଥିଲା।

### ଆରମ୍ଭ ହେଲାଣି ...

ଜଣେ ଏଏସଓଙ୍କ ସହ ଦୁଇ ଜଣଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ବି ରହିଛି। ଆଉ ଦୁଇ ଜଣ ଅପରାଧିକ ମାମଲାରେ ମଧ ସଂପୃକ୍ତ ଅଛନ୍ତି। ସେମିତି ଜଣେ ଏଏସଓ ଦୁର୍ନୀତି ମାମଲାରେ ଛନ୍ଦି ହୋଇଥିବାବେଳେ ଜଣେ ବିନା କାରଣରେ ଛୁଟିରେ ଥିବାରୁ ତାଙ୍କ ବିରୋଧରେ ଆରମ୍ଭ ହୋଇଛି ଆକ୍ସନ ପ୍ରକ୍ରିୟା। ଏ ତାଲିକାକୁ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପରିବହନ ବିଭାଗ ପଠାଇବା ପରେ ପଦାକୁ ଆସିଛି ତଥ୍ୟ। ସମାନ ଢଙ୍ଗରେ ଅନ୍ୟ ବିଭାଗମାନେ ବି ଏମିତି ତାଲିକା ପ୍ରସ୍ତୁତିରେ ଲାଗିଛନ୍ତି। ଖାଲି ତଥ୍ୟ ମଗାଯାଉନି, କାମ ଚୋର ବାବୁମାନଙ୍କ ଉପରେ ଆକ୍ସନ ବି ଆରମ୍ଭ ହେଲାଣି। ମିଛ କହି ଛୁଟି ନେଇଥିବାରୁ ବୌଦ୍ଧର ୪ ଅଧିକାରୀଙ୍କ ବିରୋଧରେ ହୋଇଛି କାର୍ଯ୍ୟାନୁଷ୍ଠାନ। ବୌଦ୍ଧ ପାକ୍ସ ସଂପାଦକ ସତ୍ୟଜିତ କର, ଖୁଣ୍ଟାବନ୍ଧ ସଂପାଦକ ଦେବାଶିଷ ମିଶ୍ର ଓ ଲୁଣିବାହାଲର ସଂପାଦକ ସଞ୍ଜୀବ ପ୍ରଧାନଙ୍କୁ ନିଲମ୍ବନ କରାଯାଇଥିବାବେଳେ ବୌଦ୍ଧ ଡିଆରସିଏସ୍ ଗିରିଶ ପୁରୋହିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଛି। ଏମାନେ ମେଡିକାଲ ଲିଭ୍ ନେଇ ବିଦେଶ ଭ୍ରମଣ କରୁଥିବାର ପ୍ରମାଣ ସୋସିଆଲ ମିଡିଆରେ ଭାଇରାଲ୍ କରିଥିବା ଫୋଟୋରୁ ହିଁ ମିଳିଛି।

### ରାତିସାରା ସ୍କୁଲ...

ଝିଅକୁ ଖୋଜିଥିଲେ। କିନ୍ତୁ ପାଇ ନଥିଲେ। ଆଜି ସକାଳେ ଝିଅ ସ୍କୁଲରେ ରହିଯାଇଥିବ ଭାବି ସେଠାକୁ ଆସିଥିଲେ। ସେମାନେ ରୋଷୟାଙ୍କଠାରୁ ଚାବି ନେଇ ଆସିଥିଲେ। ଶ୍ରେଣୀ ଗୃହ ଖୋଲିଲା ବେଳକୁ ସେମାନଙ୍କ ଝିଅ ସେଠାରେ ଝରକା ରେଲିଂରେ ଫସି ରହିଥିବା ଦେଖିଥିଲେ। ଝିଅଟି ଶ୍ରେଣୀ ଗୃହରୁ ବାହାରିବା ପାଇଁ ପ୍ରୟାସ କରିଥିଲା। ସେ ଝରକା ରେଲିଂ ଦେଇ ବାହାରିବାକୁ ଚେଷ୍ଟା କରି ଫସି ଯାଇଥିଲା। ବେକ ପର୍ଯ୍ୟନ୍ତ ପୂରା ଶରୀର ବାହାରି ଯାଇଥିଲା। କିନ୍ତୁ ତା'ର ମୁଣ୍ଡଟି ରେଲିଂ ଦେଇ ବାହାରି ପାରି ନଥିଲା। ଗ୍ରାମବାସୀଙ୍କ ସହାୟତାରେ ପରିବାର ଲୋକେ ଝିଅଟିକୁ ସେଠାରୁ ଉଦ୍ଧା କରିଥିଲେ। ଝିଅଟିକୁ ଡାକ୍ତରଖାନା ନିଆଯାଇଥିଲା। ବିଭିନ୍ନ ପ୍ରକାର ଯାଞ୍ଚ ପରେ ସେ ସୁସ୍ଥ ଥିବା ଡାକ୍ତର କହିଛନ୍ତି। ରୋଷେୟା ସୀତା ପାତ୍ର କହିଛନ୍ତି, ମୋ ଘରଟି ସ୍କୁଲ ପାଖରେ। ମୁଁ ସବୁ ଦିନେ ଆସି ସ୍କୁଲରେ ଚାବି ପକାଏ। କାଲି ବର୍ଷା ହେଉଥିଲା। ତେଣୁ ଆଉ ଆସିପାରିଲିନି। ପିଲାମାନେ ଚାବି ପକେଇଥିଲେ। ସେ ଛୁଆକୁ ଜ୍ୱର ହେଉଥିବାରୁ ସେ ଶ୍ରେଣୀ ଗୃହରେ ବେଞ୍ଚରେ ଶୋଇପଡ଼ିଥିଲା। ତା' ବାପାମା' ତାକୁ ଖୋଜିଥିଲେ। କିନ୍ତୁ ପାଇ ନଥିଲେ। ମୋ ପାଖକୁ ଆସିଥିଲେ ଚାବି ପାଇଥା'ନ୍ତେ। କିନ୍ତୁ ସେମାନେ ଆସି ନଥିଲେ। ସକାଳେ ଆସି ତା' ବାପା ଚାବି ମାଗିଥିଲେ। ଶିକ୍ଷୟିତ୍ରୀ ସଞ୍ଜିତା ଦାଶ କହିଛନ୍ତି, ସବୁ ଦିନେ ରୋଷେୟା ଶ୍ରେଣୀ ଗୃହଗୁଡ଼ିକରେ ତାଲା ପକାନ୍ତି। ଗତକାଲି ବହୁତ ଜୋରରେ ବର୍ଷା ହେଉଥିଲା। ତେଣୁ ରୋଷେୟା ଆସିପାରି ନଥିଲେ। ୪ଟା ୧୦ ପାଖାପାଖି ଆମେ ସପ୍ତମ ଶ୍ରେଣୀର ଦୁଇ ଜଣ ଛୁଆଙ୍କୁ ଶ୍ରେଣୀଗୃହଗୁଡ଼ିକରେ ତାଲା ପକାଇବାକୁ କହିଥିଲୁ। ଦ୍ୱିତୀୟ ଶ୍ରେଣୀର ସେହି ଝିଅଟି ଶ୍ରେଣୀଗୃହରେ ଶୋଇପଡ଼ିଥିଲା।

### ବୁଲା କୁକୁରଙ୍କୁ ନେଇ...

ସର୍ତ୍ତ ଓ କଟକଣା ସହ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ । ତେବେ ରୋଗିଣା ଓ ଆକ୍ରମଣାତ୍ମକ କୁକୁରଙ୍କୁ ନଛାଡ଼ି ଆଶ୍ରୟସ୍ଥଳରେ ରଖିବାକୁ କହିଛନ୍ତି । ଏନେଇ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନୋଟିସ ଜାରି କରିଛନ୍ତି ସୁପ୍ରିମକୋର୍ଟ । ବୁଲା କୁକୁରଙ୍କ ବନ୍ଧ୍ୟାକରଣକୁ ଗୁରୁତ୍ୱ ଦେଇଛନ୍ତି ସୁପ୍ରିମକୋର୍ଟ । ଏହାସହ ଜଳାତଙ୍କ ଆକ୍ରାନ୍ତ କୁକୁରଙ୍କୁ ଭିନ୍ନ ଆଶ୍ରୟସ୍ଥଳରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । କୁକୁରଙ୍କ ପାଇଁ ନିର୍ଦ୍ଦିଷ୍ଟ ଖାଦ୍ୟ ଜୋନ୍ କରିବାକୁ ପୌରପାଳିକା ଓ ମହାନଗର ନିଗମକୁ କୁହାଯାଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ନେଇ ବିଏମ୍‌ସି ମେୟର କହିଛନ୍ତି, ଓଡ଼ିଶାରେ କୁକୁରଙ୍କ ବନ୍ଧ୍ୟାକରଣ ୨୦୦୮ରୁ ଜାରି ରହିଛି । ଅନ୍ୟପଟେ ବୁଲା କୁକୁରଙ୍କ ପାଇଁ ବ୍ୟୟବରାଦ ହେଉଥିବା ଟଙ୍କା କେଉଁ ବାଟରେ ଖର୍ଚ୍ଚ ହେଉଛି ବୋଲି ପ୍ରଶ୍ନ କରିଛନ୍ତି ପଶୁପ୍ରେମୀ । ଓଡ଼ିଶାରେ ଏବେ ୧୭ ଲକ୍ଷରୁ ଅଧିକ ବୁଲା କୁକୁର ରହିଛନ୍ତି । ତେବେ ଏହି କୁକୁରଙ୍କ ମଧ୍ୟରୁ ଜଳାତଙ୍କ ଆକ୍ରାନ୍ତ ଓ ଆକ୍ରମଣାତ୍ମକ କୁକୁର କିଏ ? ସେମାନଙ୍କର ଚିହ୍ନଟ କରିବା ସବୁଠୁ ବଡ଼ ଚ୍ୟାଲେଞ୍ଜ ।

### 'ଏସଆଇଆର'ରେ...

ନାଁ ବାଦ ପଡ଼ିଥିବା ବେଳେ ଏମାନଙ୍କ ମଧ୍ୟରେ ଅନେକ ପ୍ରାଣ ହରାଇଥିବା ଓ ଡୁପ୍ଲିକେଟ ଭୋଟର ରହିଥିଲେ। ଏହାକୁ ବାଦ ଦେଇ ସୁପ୍ରିମକୋର୍ଟ ବାଦ ପଡ଼ିଥିବା ଭୋଟରଙ୍କ ସଂଖ୍ୟା ପ୍ରାୟ ୩୫ ଲକ୍ଷ ହେବ ବୋଲି ଆକଳନ କରିଛନ୍ତି। ବିହାର ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାରୁ ବାଦ ପଡ଼ିଥିବା ଭୋଟରଙ୍କୁ ତୁରନ୍ତ ନିଜର ଆଧାର କାର୍ଡ ଦେଖାଇ ନାଁ ଯୋଡ଼ିବାକୁ କୋର୍ଟଙ୍କ ପକ୍ଷରୁ କୁହାଯାଇଛି। ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ସେପଟ୍ମେର ୧ ସୁଦ୍ଧା ସବୁ ଦସ୍ତାବିଜ କାମ ସାରିବାକୁ କହିଥିବା ବେଳେ ଏହା ଅନଲାଇନରେ ମଧ ସମ୍ଭବ ହୋଇପାରିବ ବୋଲି ମତ ରଖିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ବ୍ୟତୀତ ଜଷ୍ଟିସ ଜୟମଲ୍ୟ ବାଗଚି ମଧ ରହିଥିଲେ। ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ବିହାରରେ ସକ୍ରିୟ ଥିବା ରାଜନୀତିକ ଦଳଗୁଡ଼ିକ ପ୍ରତି କଡ଼ା ଶବ୍ଦ ପ୍ରୟୋଗ କରିଛନ୍ତି। ରାଜନୀତିକ ଦଳଗୁଡ଼ିକ ଭୋଟର ରିଭିଜନକୁ ବିରୋଧ କରୁଥିବା ବେଳେ ସେମାନଙ୍କ ପାଇଁ ପାରମ୍ପରିକ ଭାବେ ଭୋଟ ଦେଉଥିବା ସଂପ୍ରଦାୟର ଲୋକଙ୍କୁ ତାଲିକାରୁ ବାଦ ଦେବା ପାଇଁ ଏପରି କରାଯାଉଥିବା ପ୍ରଚାର କରିଥିଲେ। ହେଲେ ସେମାନେ ନାଁ କଟିଥିବା ୬୫ ଲକ୍ଷ ଭୋଟରଙ୍କୁ କାହିଁକି ସହାୟତା କରି ନଥିଲେ ବୋଲି ସୁପ୍ରିମକୋର୍ଟ ଜାଣିବାକୁ ଚାହାଁନ୍ତି। କୋର୍ଟ କହିଛନ୍ତି, "ରାଜନୀତିକ ଦଳଗୁଡ଼ିକ ସେମାନଙ୍କ କାମ କରୁ ନାହାନ୍ତି। ବିହାରରେ ରାଜନୀତିକ ଦଳଗୁଡ଼ିକ କ'ଣ ସବୁ କରୁଛନ୍ତି, ତା'କୁ ଦେଖି ଆମେ ଚକିତ। ଆପଣମାନଙ୍କ ବିଏଲଏ (ବୁଥ ସ୍ତରୀୟ ଏଜେଣ୍ଟ)ମାନେ କ'ଣ କରୁଛନ୍ତି ? ରାଜନୀତିକ ଦଳଗୁଡ଼ିକ ଭୋଟରଙ୍କୁ ସହାୟତା କରିବା କଥା।" ଏତିକି ବେଳେ ଆଇନଜୀବୀ ବ୍ରିନ୍ଦା ଗ୍ରୋଭର କହିଥିଲେ ଯେ "ଏହି ସମସ୍ୟା ୬୫ ଲକ୍ଷ ଲୋକଙ୍କ ବାହାରେ।" କୋର୍ଟ ଜବାବରେ କହିଥିଲେ ଯେ "ଆମେ କିନ୍ତୁ ରାଜନୀତିକ ଦଳଗୁଡ଼ିକ ନିଷ୍କ୍ରିୟତାକୁ ଦେଖି ଆଶ୍ଚର୍ଯ୍ୟ। ସେମାନେ ବିଏଏଲମାନଙ୍କୁ ନିଯୁକ୍ତି କରିବା ପରେ କ'ଣ କରୁଛନ୍ତି ? ରାଜନୀତିକ ଦଳ ଓ ଲୋକଙ୍କ ଭିତରେ ଏତେ ଦୂରତା କାହିଁକି ? କ'ଣ ପାଇଁ ଭୋଟର ତାଲିକାରୁ ନାଁ ବାଦ ପଡ଼ିବା ଅଭିଯୋଗ ବ୍ୟକ୍ତିଗତ ଭାବେ ବିଧାୟକ ଓ ସାଂସଦମାନେ ଦାଖଲ କରିଥିଲେ ? କାହିଁକି କୌଣସି ରାଜନୀତିକ ଦଳ ଅଭିଯୋଗ ଦାଖଲ କରି ନାହାନ୍ତି ?"

### ନିୟମିତ ହେବେ...

ପାଇଁ ଇଘଗ ନିଯୁକ୍ତ ହେବେ । ପ୍ରତ୍ୟେକ ୩୦୦ ପିଲାଙ୍କ ପାଇଁ ଜଣେ ଏଏନଏମ ନିଯୁକ୍ତ କରିବା ପାଇଁ ନିଷ୍ପତ୍ତି କରାଯାଇଛି । ଅନ୍ୟପଟେ ନୂତନ ବେସରକାରୀ ବିଦ୍ୟାଳୟ ଅନୁମୋଦନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଅନଲାଇନ ପ୍ରକ୍ରିୟାରେ କରାଯିବ । ଏସସିଏସଟିଆରଟିଆଇ ସହଯୋଗରେ କୋରାପୁଟରେ ଏକ ବହୁଭାଷୀ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯିବ । ଭିନ୍ନକ୍ଷମ ପିଲାଙ୍କ ଶିକ୍ଷା ପାଇଁ ନିୟମିତ ଶିକ୍ଷକ ମାନଙ୍କୁ ଯେଉଁମାନେ ବିଇଡି କରିଥିବେ, ସେମାନଙ୍କୁ ବିଭିନ୍ନ କ୍ଲଷ୍ଟରରେ ରିସୋର୍ସ ପର୍ସନ ଭାବରେ ନିଯୁକ୍ତି ଦିଆଯିବ । ଏନସିଇଆରଟି ଢାଞ୍ଚାରେ ଏସଇଆରଟିକୁ ବିକଶିତ କରିବା ପାଇଁ ପଦକ୍ଷେପ ନିଆଯିବ ।

### ରାଜ୍ୟର ବିଭିନ୍ନ ସ୍ଥାନରେ ...

ଏହି ଚାରୋଟି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ, ୪ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ଆସନ୍ତାକାଲି ସକାଳ ସାଢ଼େ ୮ଟା ଯାଏଁ ୨୫ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ତେବେ ଆସନ୍ତାକାଲିଠୁ ବର୍ଷାର ପରିମାଣ କମିବ ବୋଲି ଆକଳନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଆସନ୍ତା ୨୫ ତାରିଖରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଲଗାଣ ବର୍ଷାରେ ବେହାଲ ସୁନ୍ଦରଗଡ଼ । ଜିଲ୍ଲାର ଦର୍ଲିପାଲି, ଏମସିଏଲ ସହିତ ହେମଗିରି ବିଲେଇମୁଣ୍ଡା ଅଞ୍ଚଳର ଅନେକ ଗାଁ ପାଣି ଘେରରେ ।

### କଟକ ସିଟି ହସ୍ପିଟାଲର...

କଟକ ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ପକ୍ଷରୁ ଜାରି ଓ୍ୱାରେଣ୍ଟ ବଳରେ କଟକ ଜିଲ୍ଲାରେ ତାଙ୍କର ୫ଟି ଠିକଣାରେ ରେଡ୍ କରାଯାଇଛି । କଟକ, ଜୋବ୍ରା ନୂଆସାହିରେ ଥିବା ୩ମହଲା ଘର, ଚୌଦ୍ୱାର ପଲାସିଆରେ ଥିବା ବିଲ୍ଡିଂ ଓ ଫାର୍ମ ହାଉସ, କଟକ ସିଡିଏମଓ କାର୍ଯ୍ୟାଳୟରେ ଥିବା ତାଙ୍କ ଅଫିସ, ତୁଳସୀପୁରର ଦେଉଳସାହି ସ୍ଥିତ ତାଙ୍କ ଶ୍ୱଶୁର ଘର, ଉତରକୂଳରେ ଥିବା ପୈତୃକ ଘରେ ଭିଜିଲାନ୍ସ ରେଡ୍ କରିଛି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଛାତ୍ରୀ ଓ ମହିଳା ସୁରକ୍ଷା ଦାବି କଲା ବିଜୁ ଯୁବ ଛାତ୍ର ଜନତା ଦଳ

ଖୋର୍ଦ୍ଧା , ୨୨/୮ (ନି.ପ୍ର): ଗାଁ ରୁ ସହର ବେଳାଭୂମି ରୁ କ୍ୟାମ୍ପସ ସବୁଠି ଛାତ୍ରୀ ମହିଳା ଅସୁରକ୍ଷିତ । ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ । ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି । କଲେଜ କ୍ୟାମ୍ପସ ରେ ଛାତ୍ରୀ ଆଜି ଅସୁରକ୍ଷିତ । ମହିଳା ଘରୁ ଗୋଡ଼ କାଢ଼ିବାକୁ ଡରୁଛନ୍ତି । ସୌମ୍ୟାଶ୍ରି, ବଳଙ୍ଗା। ପୀଡ଼ିତା ଠାରୁ ଆରମ୍ଭକରି ପ୍ରତ୍ୟେକ ଦିନ ଘଟୁଥିବା ନାରୀ ନିର୍ଯାତନା ଘଟଣାର ନିଷ୍ପକ୍ଷ ଓ ତ୍ୱରିତ ତଦନ୍ତ କରିବା,ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ,ଦୋଷୀମାନଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ଶିକ୍ଷା ସ୍ଥଳଗୁଡ଼ିକରେ ଛାତ୍ରୀମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବାକୁ ଦୃଢ଼ ପଦକ୍ଷେପ ନେବା,କ୍ରିୟାଶୀଳ ଓ ପ୍ରଭାବଶାଳୀ ମେକାନିଜମ୍ ଗଠନ କରିବା ପାଇଁ ଦାବି କରି ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ରାଜ୍ୟବ୍ୟାପି ଯୁବ ଛାତ୍ର ପ୍ରତିବାଦ ଡାକରା ପରିପ୍ରେକ୍ଷୀରେ ରେ ଆଜି ପୂର୍ବତନ ବିଧାୟକ ମାନେ କନେତୃତ୍ୱରେ ,ବିଜୁ ଛାତ୍ର ଜନତା ଦଳର ଖୋର୍ଦ୍ଧା ଜିଲ୍ଲା ସଭାପତି ସ୍ୱାଧୀନ ପଣ୍ଡା, ବିଜୁ ଯୁବ ଜନତା ଦଳ ର ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଅମିୟ କୁମାର ମହାନ୍ତି, ବିଜୁ ଛାତ୍ର ଜନତା ଦଳ ର ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟପ୍ରକାଶ ସାହୁ, ବିରଞ୍ଚି ଜେନା ଙ୍କ ସଂଯୋଜନାରେ ଖୋର୍ଦ୍ଧା ଯୁବ ଛାତ୍ର ଜନତା ଦଳ ପକ୍ଷରୁ ପ୍ରାଣନାଥ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ ର ବହୁ ଛାତ୍ର ଛାତ୍ରୀ ମାନେ ଏକାଠି ହୋଇ ଏକ ଶାନ୍ତିପୂର୍ଣ୍ଣ ବାଇକୀ ଶୋଭା ଯାତ୍ରା ରେ ସରକାରଙ୍କ ବିରୋଧରେ ନାରାବାଜି କରି ସହର ପରିକ୍ରମା କରି ଏକ ସ୍ମାରକପତ୍ର ପୋଲିସ ମହା ନିର୍ଦ୍ଦେଶକ ଙ୍କ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ପୋଲିସ ଅଧିକ୍ଷକ ଙ୍କୁ ପ୍ରଦାନ କରିବା ସହ ଦାବିଗୁଡ଼ିକୁ ଗମ୍ଭୀରତାର ସହ ବିଚାର କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନାରୀ ସୁରକ୍ଷା ଓ ଶାସନ ଉପରେ ସାମୁଦାୟିକ ବିଶ୍ୱାସ ପୁନଃ ସ୍ଥାପନ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଆଜି କାଲି ବୃଦ୍ଧ ପିତା ମାତା କିଛି ପୁଅ ବୋହୁ ନିର୍ଯାତନା ଦେଉଛନ୍ତି ଦେଖିବା ଶୁଣି ବାକୁ ଓ ଦେଖିବାକୁ ମିଳେ। ବରିଷ୍ଠ ନାଗରିକ ତାଙ୍କ ପୁଅ ଓ ଝିଅ କୁ ଉଚ୍ଚ ଶିକ୍ଷିତ କରିବାକୁ ବହୁ କଷ୍ଟ କରୁଛନ୍ତି। ହାତ କୁ ଦିଅ ହାତ ହେଲେ ବାପ ମାଆ ତାଙ୍କର ଉପରେ ଚ୍ରାଫ। କିଛି ଶିକ୍ଷିତ ପୁଅ ତାଙ୍କ ବାପା ଓ ମାରିବା ପାଇଁ ହାତ ଉଠାନ୍ତି। ଏଥି ପାଇଁ ସରକାର ପଦକ୍ଷେପ ନେବାକୁ ଅନୁରୋଧ।

# ନିଟ୍ ପରୀକ୍ଷାରେ ମୋନାଲିସାଙ୍କ ସଫଳତା



ବାଲିଆପାଳ , ୨୨/୮ (ନି.ପ୍ର): ନିଟ ପରୀକ୍ଷାରେ ବାଲିଆପାଳ ବ୍ଲକ ଚୌଧୁରୀକୁଦ ଗ୍ରାମର ମୋନଲିସା ରାଉତ ସଫଳତା ଅର୍ଜନ କରିଛନ୍ତି। ସେ ୨୦୯୫ ର୍ୟାଙ୍କରେ ଥିବା ବେଳେ କାଉନସିଲିଙ୍ଗ ପରେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜରେ ପଢିବା ପାଇଁ ମନୋନୀତ ହୋଇଛନ୍ତି । ପିତା ଶୁଭେନ୍ଦ୍ରଭୂଷଣ ରାଉତ ଓ ମାତା ସୁକାନ୍ତି ରାଉତଙ୍କ ଜ୍ୟେଷ୍ଠା କନ୍ୟା ମୋନାଲିସା ସୁବର୍ଣ୍ଣରେଖା ଉଚ୍ଚ ବିଦ୍ୟାଳୟରେ ୨୦୨୨ ମସିହାରେ ମ୍ୟାଟ୍ରିକ ପରୀକ୍ଷାରେ ବାଲିଆପାଳ ବ୍ଲକର ୪ ନମ୍ବରରେ ଟପର ହୋଇଥିଲେ । ବାଲେଶ୍ୱର ଫକୀରମୋହନ କଲେଜରେ +୨ରେ ୮୭% ମାର୍କ ରଖି ଉତୀର୍ଣ୍ଣ ହୋଇଥିଲେ । ତେବେ ମୋନାଲିସା ଅନଲାଇନରେ କୋଚିଂ ନେଇ ମେଡିକାଲ ପଢିବାରେ ସଫଳତା ହାସଲ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛନ୍ତି । ବାଲିଆପାଳ ପାଇଁ ଗର୍ବ । ମୋନାଲିସାଙ୍କ ଏହି ସଫଳତା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

# ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ , ୨୨/୮ (ନି.ପ୍ର): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଇ.ସି.ଏସ୍. ଆଇନ୍ ମହାବିଦ୍ୟାଳୟରେ ସୁପ୍ରିମକୋର୍ଟରେ ନ୍ୟାୟକୁ ବିଚାର କୃତ୍ରିମ ଜ୍ଞାନ କୌଶଳ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଇନ୍ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଇନ୍, ସିଭିଲ୍ ଫୌଜଦାରୀ ଆଇନ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ପୂଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟହେଲା ସୁପ୍ରିମକୋର୍ଟରେ ବିଚାର ହେଉଥିବା ମାମଲା ବା କେଶ୍ ସବୁର ଆଞ୍ଚଳିକ ଭାଷା ମାଧ୍ୟମରେ ଲୋକମାନଙ୍କ ପାଖରେ କିପରି ସହଜରେ ପହଞ୍ଚିପାରିବ ଏବଂ ଗରିବ ନିଷ୍ପେସିତ ତଥା ଅବହେଳିତ ଲୋକମାନେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସହାୟତାରେ ଉପଯୁକ୍ତ ନ୍ୟାୟ ପାଇପାରିବେ । ଆଇନ୍ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ କୃତ୍ରିମ ଜ୍ଞାନକୌଶଳ ତଥା ଅନ୍ୟାନ୍ୟ ବିଷୟ ସବୁ ଆଲୋଚନା ମାଧ୍ୟରେ ଅତିଥିମାନେ କହିଥିଲେ । ଜିଲ୍ଲା ଆଇନ୍‌ସେବା ପ୍ରାଧକରଣର ସଚିବ ଶ୍ରୀ ରଥ ଏବେ ୯୦ ଦିନର ଚାଲୁଥିବା କ୍ୟାମ୍ପେନ ଉପରେ ମଧ ଆଲୋକପାତ କରି ନିଜ ବକ୍ତବ୍ୟ ମାଧ୍ୟମରେ କହିଥିଲେଯେ ମଧ୍ୟସ୍ଥତା ହେଉଛି ଏପରି ଏକ ପ୍ରକ୍ରିୟା ଯାହାକି ବହୁତ ଲୋକ ସୁବିଧାରେ ଏବଂ ସହଜରେ ସେମାନଙ୍କର ମାମଲାର ସମାଧାନ ମଧ୍ୟସ୍ଥା କେନ୍ଦ୍ରରେ ବହୁତ ଶିଘ୍ର ଲାଭ ଉଠାଇ ପାରିବେ ଏବଂ ଜାତୀୟ ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ଜାରି ହୋଇଥିବା ଦେୟମୁକ୍ତ ନମ୍ବର ୧୫୧୦୦ ; ଯାହାକି ଘରେ ବସି ମଧ ଆପଣଙ୍କ ସମସ୍ୟାର ସମାଧାନ ପାଇଁ ମାଗଣାରେ ଆଇନ୍‌ସେବା ପାଇପାରିବେ । ଏହି କାର୍ଯ୍ୟକ୍ରମରେ ସମ୍ପିତ ମାଝି, ଅତିରିକ୍ତ ଆରକ୍ଷୀ ଅଧିକାରୀ ( ଆଇ.ୟୁ.ସି.ଏ.ଡ଼ବ୍ଲୁ) ଭଦ୍ରକ, ଆଇ.ସି.ଏସ୍. ଆଇନ୍ ମହାବିଦ୍ୟାଳୟର ନିର୍ଦ୍ଦେଶକ ଜୟପ୍ରକାଶ କର, ଅଧକ୍ଷ ଡ଼. ଦେବେନ୍ଦ୍ର କୁମାର ମିଶ୍ର, ମୁଖ୍ୟ ବିଭାଗୀୟ ଅଧିକାରୀ ଡ଼. ସନ୍ତୋଷ କୁମାର ରଥ, ଏଲ୍.ଏ.ଡ଼ିସ୍.ଏସ, ଭଦ୍ରକର ଡ଼େପୁଟି ମୁଖ୍ୟ ମୋଜାହିଦ୍ ଅଖତାର ଖାନ, ସହାୟକ ଅଧିକାରୀ ଡ଼. ତାପସ କୁମାର ମହାନ୍ତି, କିଶୋର ନ୍ୟାୟ ପରିଷଦର ସଦସ୍ୟ ବନମାଳୀ ଜେନା ଏବଂ କଲେଜର ବରିଷ୍ଠ ଅଧ୍ୟାପକମାନେ ବିଭୁ ପ୍ରସାଦ ମହାପାତ୍ର , ମାନସ ରଞ୍ଜନ ମିଶ୍ର ତଥା ଆଇନ୍ ଛାତ୍ରଛାତ୍ରୀଗଣ ଏବଂ ଜିଲ୍ଲା ଆଇନସେବା ପ୍ରାଧିକରଣର କର୍ମଚାରୀଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ନୀଳଗିରି ଉପକାରାଗାର ସ୍ଥାନାନ୍ତରଣ ହେବ ନାହିଁ



ନୀଳଗିରି, ୨୨/୮ (ନି.ପ୍ର): ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ପୋଲିସ ଡିଜି ଓ ପୂର୍ବତନ ପୁଲିସ ଡିଜି ତଥା ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଶ୍ରୀଯୁକ୍ତ ପ୍ରକାଶ ମିଶ୍ରଙ୍କ ଉପସ୍ଥିତିରେ ବାଲେଶ୍ୱର ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଓ ନୀଳଗିରି ଜେଲ୍ ସ୍ଥାନାନ୍ତରିତ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ଜେଲରେ କଏଦୀଙ୍କ ସଂଖ୍ୟା କମ ଓ ବାଲେଶ୍ୱର ମୁଖ୍ୟ ଜେଲ୍ ମାତ୍ର ୨୦ କିଲୋମିଟର ଭିତରେ ଥିବାରୁ ସରକାରଙ୍କ ତରଫରୁ ଏକପ୍ରକାର ସ୍ଥାନାନ୍ତରଣର ନିଷ୍ପତି ହୋଇଥିଲା, ସାଂସଦଙ୍କ ଅନୁରୋଧ କ୍ରମେ ମାନ୍ୟବର ମୁଖ୍ୟମନ୍ତ୍ରୀ ନୀଳଗିରି ଉପକାରାଗାରକୁ ବାଲେଶ୍ୱର ଜେଲ ସହିତ ମିଶ୍ରଣ କରାଯିବ ନାହିଁ ବୋଲି ମତବ୍ୟକ୍ତ କରିବା ସହ ସରକାରୀ ନିର୍ଦ୍ଦେଶାବଳୀକୁ ପ୍ରତ୍ୟାହାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ନୀଳଗିରି ଗଡଜାତ ମାଟିର ସନ୍ତାନ ହିସାବରେ ସମସ୍ତ ନୀଳଗିରି ବାସୀଙ୍କ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ବଡ଼ସାହି ବିଧାୟକଙ୍କୁ ସଂସ୍କୃତ ବିଦ୍ୟାର୍ଥୀ ମହାସଂଘ ପକ୍ଷରୁ ଦାବିପତ୍ର

ବୈଶିଙ୍ଗା , ୨୨/୮ (ନି.ପ୍ର): ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହାସଂଘ ପକ୍ଷରୁ ସଂସ୍କୃତ ଭାଷାର ସୁରକ୍ଷା ପାଇଁ ତଥା ବିଗତ ମାସରେ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ତରଫରୁ ଚିଠି ସଂଖ୍ୟା ୧୮୧୮ ଅନୁସାରେ ଓଡ଼ିଶାରେ ତୃତୀୟ ଭାଷା ସଂସ୍କୃତରେ ଧନ୍ଦାମୂଳକ ଶିକ୍ଷାକୁ ୪୩୧ ଟି ବିଦ୍ୟାଳୟରେ ଅଗ୍ରାଧୀକାର ଦେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା, ଏହା ହେବା ଦ୍ୱାରା ଦେବ ଭାଷା ସଂସ୍କୃତର ବିଲୟ ହେବାସହ ସଂସ୍କୃତ ଅଧୟନ କରୁଥିବା ବିଦ୍ୟାର୍ଥୀ ମାନଙ୍କ ଭବିଷ୍ୟତ ଅନ୍ଧକାର ଅଭୀମୁଖୀ ହେବ ତେଣୁ ଏହାକୁ ବିରୋଧ କରି ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହାସଂଘ ସଂସ୍କୃତ ଭାଷାର ସୁରକ୍ଷା ତଥା ସଂସ୍କୃତ ବଞ୍ଚିଲେ ଅସ୍ମିତା ବଞ୍ଚିବ ଏହି ଉଦ୍ଦେଶ୍ୟ ନେଇ ସଂସ୍କୃତ ଭାଷାର ସୁରକ୍ଷା ,ବିକାଶ ଓ ସଂସ୍କୃତ ଏକାଡେମୀ ସ୍ଥାପନ, ସଂସ୍କୃତର ସ୍ୱତନ୍ତ୍ର ଅନୁଷ୍ଠାନ ପ୍ରଥମା ଓ ମଧ୍ୟମାର ପୁନରୁଦ୍ଧାର , ପ୍ରଥମ ଶ୍ରେଣୀରୁ ସଂସ୍କୃତ ଅଧୟନ , ଶ୍ରୀମଦ୍ଭାଗବତ ଗୀତାକୁ ନବମ ଶ୍ରେଣୀରୁ ପାଠ୍ୟ ଖସଡ଼ାରେ ସ୍ଥାନିତ କରିବା ଓ ସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ଶିକ୍ଷକ ନିଯୁକ୍ତି ଓ ନୂତନ ଶିକ୍ଷକ ପଦବୀ ସୃଷ୍ଟି ସହ ମୋଟ ୧୦ ଗୋଟି ଦାବି ନେଇ ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହାସଂଘ ଓଡ଼ିଶାର ମୁଖ୍ୟ ଆବାହକ ତଥା ବେତନଟୀ ବ୍ଲକ୍ ଆମ୍ବଗଡ଼ିଆ ପଞ୍ଚାୟତର ଯୁବ ସମାଜସେବୀ ଦେବେନ୍ଦ୍ର ଆଚାର୍ଯ୍ୟ ୨୨.୦୮.୨୫ ରିଖ ଶୁକ୍ରବାର ଦିନ ବଡ଼ସାହି ବିଧାୟକ ଙ୍କୁ ଭେଟି ଏ ସଂକ୍ରାନ୍ତୀୟ ମୋଟ ୧୦ ଗୋଟି ଦାବି ପ୍ରଦାନ କରିବା ସହ ଆଗାମୀ ବିଧାନସଭା ଅଧିବେଶନରେ ଏହା ଉପରେ ଆଲୋଚନା କରିବା ପାଇଁ ଜଣେଇଛନ୍ତି । ପୂର୍ବରୁ ମାର୍ଗଦର୍ଶିକା ପ୍ରଧାପିକା ଡ଼ ସିପ୍ରା ମଲ୍ଲିକଙ୍କ ନେତୃତ୍ୱରେ ମହାସଂଘ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସଂସଦୀୟ ବ୍ୟାପାର ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଓ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଦାବିପତ୍ର ପ୍ରଦାନ ସହ ଆଲୋଚନା କରିଛନ୍ତି ।

# କଠୁଆରେ ଅସ୍ତ୍ରଶସ୍ତ୍ରଧାରୀ ସନ୍ଦିଗ୍ଧ ଦେଖାଯିବା ପରେ ତଲାସୀ ଅଭିଯାନ ଆରମ୍ଭ

ନୂଆଦିଲ୍ଲୀ,୨୨/୮ : ସ୍ଥାନୀୟ ଲୋକମାନେ ଦୁଇଜଣ ସନ୍ଦିଗ୍ଧ ଅସ୍ତ୍ରଧାରୀ ସନ୍ଦିଗ୍ଧ ଦେଖିବା ସୂଚନା ମିଳିବା ପରେ, ଗୁରୁବାର ରାତିରେ କଠୁଆ ଜିଲ୍ଲାର ରାଜବାଗ୍‌ର ଜୁଥାନା ଅଞ୍ଚଳରେ ସୁରକ୍ଷା ବଳ ତଲାସୀ ଅଭିଯାନ ଆରମ୍ଭ କରିଛନ୍ତି। ଔପଚାରିକ ସୂତ୍ର ଅନୁସାରେ, ସୂଚନା ରାତି ୯:୪୫ ମିନିଟ ସମୟରେ ମିଳିଥିଲା । କିଛି ସମୟ ପୂର୍ବରୁ ୯:୩୦ ମିନିଟ୍ ସମୟରେ ଜାଖୋଲ୍ ଅଞ୍ଚଳରେ ଜଣେ ସ୍ଥାନୀୟ ବ୍ୟକ୍ତି ସେହି ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ ଦେଖାଥିବାର ଜଣାପଡିଥିଲା। ସେ ପ୍ରତ୍ୟକ୍ଷଦର୍ଶୀ ଦାବି କରିଛନ୍ତି ଯେ, ଅଜ୍ଞାତ ବ୍ୟକ୍ତିମାନେ କଳା ପୋଷାକ ପିନ୍ଧିଥିଲେ ଓ ତାଙ୍କ ପାଖରେ ଅସ୍ତ୍ର ଥିଲା, ହେଲେ ମଧ ତାଙ୍କ ନିକଟରେ କୌଣସି ବ୍ୟାଗ୍ ଦେଖିବାକୁ ମିଳିନାହିଁ।

# ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ମୟୂରଭଞ୍ଜକୁ ୨ସ୍ୱର୍ଣ୍ଣ ଓ ୨ ବ୍ରୋଞ୍ଜ ପଦକ ହାସଲ

## ଡେପୁଟି କଲେକ୍ଟର ଡ଼. ଶୁଭଙ୍କରି ସୁଦେଷ୍ଣା ଦାଶଙ୍କୁ ସଫଳତା ପାଇଁ ଅଭିନନ୍ଦନ




ବାରିପଦା, ୨୨/୮ (ନି.ପ୍ର): ଭାରତୀୟ ଶକ୍ତିଉତ୍ତୋଳନ ସଙ୍ଘ ଆନୁକୂଲ୍ୟରେ ଝାରଖଣ୍ଡର ଜାମଶେଦପୁର ଠାରେ ଅନୁଷ୍ଠିତ ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ମୟୂରଭଞ୍ଜ ଦଳର ୩ ଜଣ ଖେଳାଳି ୪ଟି ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଓ ଚଳିତ ମାସ ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସତ୍ୟବାନ ଜେନା ୯୩ କି. ଗ୍ରା. ବର୍ଗରେ ସ୍ୱର୍ଣ୍ଣ, ବିକ୍ରମ ବେହେରା ୮୩ କି ଗ୍ରା. ବର୍ଗରେ ସ୍ୱର୍ଣ୍ଣ ଓ ବେଞ୍ଚ ପ୍ରେସ ରେ ବ୍ରୋଞ୍ଜ, ଶୁଭଙ୍କରୀ ସ୍ୱଦେଶନା ଦାଶ ମହିଳା ବର୍ଗ ୬୩ କି ଗ୍ରା ବେଞ୍ଚ ପ୍ରେସ ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ପପୁ ବିଶ୍ୱାଳ ଓ ମୋନାଲିଶା ପତ୍ର ଯଥା କ୍ରମେ ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିଲେ ଓ ବ୍ରୋଞ୍ଜ ପଦକ ହାସଲ କରିଥିବା ଶୁଭଙ୍କରୀ ବର୍ତ୍ତମାନ ମୟୁରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଓ ବ୍ୟସ୍ତତମ କର୍ମମୟ ଜୀବନ ଭିତରୁ ସମୟ ବାହାର କରି ନିଜର ଦୃଢ ଇଛାଶକ୍ତି ବଳରେ ଜଣେ ସଫଳ କ୍ରୀଡ଼ାବିତ ଭାବେ ବେଶ ସୁନାମ ଅର୍ଜନ କରିପାରିଛନ୍ତି ଓ ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଓ ସମସ୍ତ ସହକାରୀବୃନ୍ଦ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଓ ସେ ପୂର୍ବରୁ ମଧ ରାଉରକେଲାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିସାରିଛନ୍ତି ଓ ଏହି ସଫଳତା ପାଇଁ ସେ ନିଜ କୋଚ ବିକ୍ରମ ବେହେରାଙ୍କୁ ସମସ୍ତ ଶ୍ରେୟ ଦେବା ସହ ନିଜ ପରିବାରବର୍ଗଙ୍କ ସମେତ ସମସ୍ତ ସହକାରୀ କର୍ମଚାରୀଙ୍କ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି ।

# ମିଶନଶକ୍ତି ମହିଳାଙ୍କୁ ଡ଼ିଜିଟାଲ ସାକ୍ଷରତା ପ୍ରଶିକ୍ଷଣ

ଉଦଳା , ୨୨/୮ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ 'ଶୋଭା'ର ଆୟୋଜନରେ, ରିଲାଏନ୍ସ ଫାଉଣ୍ଡେସନର ସହଯୋଗରେ ଉଦଳା ଠାରେ ମିଶନଶକ୍ତି ମହିଳା ମାନଙ୍କ ଉଦେଶ୍ୟରେ ଡ଼ିଜିଟାଲ ସାକ୍ଷରତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମକୁ ମିଶନ ଶକ୍ତିର ବ୍ଲକ ପ୍ରୋଜେକ୍ଟ କୋଡ଼ିନେଟର ଅଭିଶେକ ମହରା, ପ୍ରୋଜେକ୍ଟ ମ୍ୟାନେଜର ଶ୍ରୀନିବାସ ଦାସ, ପ୍ରୋଜେକ୍ଟ ଆସିଷ୍ଟାଣ୍ଡ ଅଭିଶେକ ଦାସ, ଶୋଭାର କର୍ମି ନରେଶ ନାୟକ ପ୍ରମୁଖ ପରିଚାଳନା କରିଥିଲେ । ମୋଟ ୪୭ ଜଣ ମହିଳା ଏଥିରେ ଅଂଶ ଗ୍ରହଣ କରିଥିବା ବେଳେ ସେଥିମଧ୍ୟରୁ ୩ ଜଣ ବ୍ୟାଙ୍କମିତ୍ର, ୧୦ ଜଣ ଏମ୍‌ବିକେ ଓ ୩୪ ଜଣ ସିଆରପି ଥିଲେ । ପ୍ରତିଫୁଲମଣି ଓରିଆ ଓ କମ୍ପ୍ୟୁଟର ଶିକ୍ଷକ ତାପସ ରଂଜନ ଖଣ୍ଡା ପ୍ରଶିକ୍ଷକ ଭାବରେ ତାଲିମ ପ୍ରଦାନ କରିଥିଲେ । ଆଗାମି ଦିନରେ ସବୁକ୍ଷେତ୍ରରେ କମ୍ପ୍ୟୁଟରର ବ୍ୟବହାର ହେବାକୁ ଯାଉଥିବାରୁ ଏହି ତାଲିମ ସମସ୍ତଙ୍କ ପକ୍ଷେ ବର୍ତ୍ତମାନ ଜରୁରୀ ହୋଇପଡ଼ିଛି ବୋଲି 'ଶୋଭା' ତରଫରୁ କୁହାଯାଇଛି ।

# ଅଗଷ୍ଟ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୨୨/୮ (ନି.ପ୍ର): ଆସନ୍ତା ସୋମବାର ଅଗଷ୍ଟ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ। ପରବର୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣ ମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଉଦଳାରେ ପ୍ରଗତି ତାଲିମ ଶିବିର



ଉଦଳା , ୨୨/୮ (ନି.ପ୍ର): ଉଦଳା ଗୋଷ୍ଠୀ ଶିକ୍ଷା ଅଧିନରେ, ଗୋଷ୍ଠୀ ସାଧନକେନ୍ଦ୍ର ଗୃହରେ ଚଳିତ ଅଗଷ୍ଟ ୧୮ତାରିଖ ସୋମବାର ଠାରୁ ୨୦ତାରିଖ ବୁଧବାର ପର୍ଯ୍ୟନ୍ତ ତିନିଦିନିଆ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବୃତିଗତ ବିକାଶ ନିମନ୍ତେ ସାମଗ୍ରୀକ ବିଦ୍ୟାଳୟ ବିକାଶ ଯୋଜନା ଶୀର୍ଷକ "ପ୍ରଗତି" ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରର ଶୁଭାରମ୍ଭରେ ମୁଖ୍ୟ ଅତିଥି ଭାବେ ଉଦଳା ଗୋଷ୍ଠୀ ଶିକ୍ଷାଅଧିକାରୀ ଦୀପକ ମିଶ୍ର ଓ ଅନ୍ୟତମ ଅତିଥିଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜିକା ମିନତୀ ମଂଜରି ପଣ୍ଡା ଯୋଗଦେଇଥିଲେ । ତାଲିମ ଶିବିରରେ ଜାତୀୟ ଶିକ୍ଷାନୀତି ୨୦୨୦ର ସାମଗ୍ରୀକ ବିଦ୍ୟାଳୟ ବିକାଶ ନିମନ୍ତେ ବିଦ୍ୟାଳୟ ଶିକ୍ଷାର ଲକ୍ଷ୍ୟ ଓ ଉଦେଶ୍ୟକୁ ସଂଫଳ କରିବା ପାଇଁ ପ୍ରଧାନ ଶିକ୍ଷକ ମାନଙ୍କୁ ତାଲିମ ଦିଆଯାଇଥିଲା । ଉଦଳା ଗୋଷ୍ଠୀ ଶିକ୍ଷା ଅଧିନରେ ଥିବା ବିଭିନ୍ନ ପ୍ରାଥମିକ ତଥା ଉଚ୍ଚପ୍ରାଥମିକ ବିଦ୍ୟାଳୟ ଗୁଡ଼ିକ ମଧ୍ୟରୁ ୫୮ ଜଣ ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ । ମୟୂରଭଂଜ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ କେନ୍ଦ୍ରର ଶିକ୍ଷକ ପ୍ରଶିକ୍ଷକ ତଥା ଉଦଳା ବ୍ଲକ ପ୍ରଶିକ୍ଷଣ ପରିଚାଳନା ଦାୟିତ୍ୱରେ ଥିବା ଡ଼ଃ ପ୍ରିୟ ରଂଜନ ଦାଶଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳିତ ହେଉଥିଲା । ତାଲିମ ଶିବିରର ଅଧିବେଶନ ଗୁଡ଼ିକ କ୍ଷୀତିଶ କୁମାର ବେହେରା (ପ୍ରଧାନ ଶିକ୍ଷକ ସରକାରୀ ପ୍ରାଥମିକ ବିଦ୍ୟାଳୟ ଡ଼ିମଗଡ଼ିଆ) ନରୋତମ ପ୍ରଧାନ (ସହକାରୀ ଶିକ୍ଷକ, ସରକାରୀ ଉ.ପ୍ରା. ବିଦ୍ୟାଳୟ ଭୀମତାଳି) ଓ ତପନ କୁମାର ମହାନ୍ତ (ସହକାରୀ ଶିକ୍ଷକ, ସରକାରୀ ଉ.ପ୍ରା ବିଦ୍ୟାଳୟ ନୟାରଙ୍ଗାମାଟିଆ)ଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ଆଂଚଳିକ ସାଧନକେନ୍ଦ୍ର ସଂଯୋଜକ ଶାନ୍ତନୁ କୁମାର ଦାଶ ଶିବିର ପରିଚାଳନାରେ ପୂର୍ଣ୍ଣ ସହାୟତା ପ୍ରଦାନ କରିଥିଲେ ।

# ରାଜଧାନୀରେ ହେବ କୁକୁର ଗଣନା

ଭୁବନେଶ୍ୱର, ୨୨/୮ (ନି.ପ୍ର): ରାଜଧାନୀରେ ହେବ କୁକୁର ଗଣନା। ଉଭୟ ବୁଲା ଓ ପୋଷା କୁକୁର ଗଣନା କରାଯିବ ବୋଲି ବିଏମସି ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଗଣନା ପରେ କୁକୁରଙ୍କ କାନରେ ଟ୍ୟାଗ ଲଗାଯିବ। ବିଏମସି ପାଖରେ ସବୁ ତଥ୍ୟ ରହିବ। ପୋଷା କୁକୁର ମାଲିକ କିଏ, ବୁଲା କୁକୁର କୁଆଡ଼େ ଯାଉଛନ୍ତି ସବୁ ତଥ୍ୟ ରହିବ। ବନ୍ଧ୍ୟାକରଣ ଓ ଭ୍ୟାକ୍ସିନ ହୋଇଛି କି ନାହିଁ ସମସ୍ତ ତଥ୍ୟ ରହିବ। ଏହା ଦ୍ୱାରା ସହର ସୁନ୍ଦର ରହିବ ଏବଂ କୁକୁର ସୁରକ୍ଷିତ ରହିବେ ବୋଲି ମେୟର କହିଛନ୍ତି।




# ଚୋରା ଦେଶୀମଦ ଜବତ : ୪ ଗିରଫ

ବେତନଟୀ, ୨୨/୮ (ନି.ପ୍ର): ବାରିପଦା ସଦର ଚୋରା ଦେଶୀମଦ ଜବତଅବକାରୀ ଥାନା ଏବଂ ସଦର ରେଞ୍ଜ ପକ୍ଷରୁ ମିଳିତ ଭାବରେ ବେତନଟୀ ଥାନା ଅଧୀନ ସୁରେଇଡିହି, ରାଗୁ, କୃଷ୍ଣଚନ୍ଦ୍ରପୁର ଏବଂ ନୟାତାରନା ଇଲାକାରେ ଶୁକ୍ରବାର ଚଢାଉକରି ଚୋରା ଦେଶୀମଦ ଜବତ କରିବା ସହିତ ଏହି ବେଆଇନ କାରବାରରେ ଜଡିତ ୪ଜଣଙ୍କୁ ଗିରଫକରି ଅପରାହ୍ନରେ ବେତନଟୀ ଜେଏମଏଫସିକୋର୍ଟକୁ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ସୁରେଇଡିହି ଗ୍ରାମର ଗୁରୁଚରଣ ବିନ୍ଧାଣୀର ସ୍ତ୍ରୀ ରଇବାରୀ ବିନ୍ଧାଣୀ(୫୦) ନିକଟରୁ ୧୪ଲିଟରେ ଚୋରା ଦେଶିମଦ, ରାଗୁ ଗ୍ରାମର ସ୍ୱର୍ଗତ ଫୁଦାନ ମୁର୍ମୁର ପୁଅ ସାଗରାମ ମୁର୍ମୁ (୫୩)୨୫ଲିଟର, କୃଷ୍ଣଚନ୍ଦ୍ରପୁର ଗ୍ରାମର ସ୍ୱର୍ଗତ ଶୈଳେନ ବାଗାନର ପୁଅ ରାଜେଶ ବାଗାନ(୪୨) ନିକଟରୁ ୪୦ଲିଟର ଏବଂ ନୟାତାରଣା ଗ୍ରାମର ସ୍ୱର୍ଗତ ପ୍ରସନ୍ନ ସୋରେନର ପୁଅ ରେଙ୍ଗଟା ସୋରେନି(୫୭) ନିକଟରୁ ୩୫ ଲିଟର ଚୋରା ଦେଶମଦ ପୃଥକ ଭାବରେ ଜବତ କରାଯାଇଥିଲା । ଏନେଇ ସଦରଥାନା ଏବଂ ସଦର ରେଞ୍ଜ ପକ୍ଷରୁ ଦୁଇଟି ଲେଖାଏଁ ପୃଥକ ଭାବରେ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟପରୀକ୍ଷାପରେ ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଥିଲା । ରଇବାରୀଙ୍କୁ ଜାମିନ ମିଳିଥିବା ବେଳେ ଅନ୍ୟ ତିନିଜଣ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ପରେ ବାରିପଦାସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida